NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

MONDAY
27 APRIL 2026
ସୋମବାର
୨୭ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 11 • ISSUE 339 | BHUBANESWAR | BERHAMPUR | SAMBALPUR | BALASORE | JAJPUR | ବର୍ଷ ୧୧ • ସଂଖ୍ୟା ୩୩୯ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର


# ଡିନର୍ ପାର୍ଟିରେ ଟ୍ରମ୍ପଙ୍କୁ ଟାର୍ଗେଟ୍, ଫୁଟିଲା ଗୁଳି

**ୱାଶିଂଟନ୍, ୨୬/୪/ଏଜେନ୍ସି:**

ୱାଶିଂଟନର ହିଲଟନ ହୋଟେଲରେ ହ୍ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟଙ୍କ ରାତ୍ରୀଭୋଜନ ସମୟରେ ଗୁଳିମାଡ଼ ହୋଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଟାର୍ଗେଟ୍ କରି ହୋଇଛି ଗୁଳିକାଣ୍ଡ। ଘଟଣା ଘଟିବା ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ହୋଟେଲରେ ଉପସ୍ଥିତ ଥିଲେ। ଉଭୟଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାରେ କେହି ଆହତ ହୋଇଥିବାର ସୂଚନା ବର୍ତ୍ତମାନ ସୁଦ୍ଧା ମିଳିନାହିଁ। ଜଣେ ସନ୍ଦିଗ୍ଧ ଆକ୍ରମଣକାରୀଙ୍କୁ ଗିରଫ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରମ୍ପଙ୍କ ସହ ତାଙ୍କ ପତ୍ନୀ ମେଲାନିଆ ଟ୍ରମ୍ପ୍ ମଧ୍ୟ ଉପସ୍ଥିତ ଥିଲେ। ୱାଶିଂଟନ ସାମ୍ବାଦିକମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯେଉଁଥିରେ ଟ୍ରମ୍ପ୍ ପ୍ରଥମ ଥର ସାମିଲ ହୋଇଥିଲେ। ଗୁଳିକାଣ୍ଡ ପରେ, ରାଷ୍ଟ୍ରପତି ଟ୍ରମ୍ପ୍ ତାଙ୍କ ସୋସିଆଲ୍ ମିଡିଆ ପ୍ଲାଟଫର୍ମ, ଟ୍ରୁଥଆଉଟରେ ପୋଷ୍ଟ କରି କହିଥିଲେ ଯେ ସେ ସୁରକ୍ଷିତ ଅଛନ୍ତି। ଟ୍ରମ୍ପ୍ ଲେଖିଛନ୍ତି, 'ଡିସିରେ ଆଜି ସନ୍ଧ୍ୟା ଟିକିଏ ଅଶାନ୍ତ ଥିଲା । ସିକ୍ରେଟ୍ ସର୍ଭିସ୍ ଓ ସୁରକ୍ଷା ଏଜେନ୍ସି ଚମତ୍କାର ଭାବେ ସେମାନଙ୍କ କାମ କରିଛନ୍ତି । ସେମାନେ ସୁଟରକୁ ଧରି ନେଇଛନ୍ତି।' ଟ୍ରମ୍ପ୍ ଆହୁରି ଲେଖିଛନ୍ତି, 'ଆମକୁ କାର୍ଯ୍ୟକ୍ରମ ଜାରି ରଖିବା ଦରକାର ବୋଲି ମୁଁ ସୁପାରିସ୍ କରିଥିଲି। କିନ୍ତୁ ଆଶା ଅନୁସାରେ ହୋଇପାରି ନଥିଲା। ଆମେ ପୁଣି ଥରେ ଏହି କାର୍ଯ୍ୟକ୍ରମ କରିବୁ।'





### ହ୍ୱାଇଟ୍ ହାଉସ୍ କରେସ୍ପଣ୍ଡେଣ୍ଟଙ୍କ ରାତ୍ରୀଭୋଜନ ସମୟରେ ଗୁଳିମାଡ଼

### ସନ୍ଦିଗ୍ଧ ଆକ୍ରମଣକାରୀ କୋଲ୍ ଥୋମାସ୍ ଆଲେନ ଗିରଫ

### ସୁରକ୍ଷା କର୍ମୀ ମୋତେ ବଞ୍ଚାଇଦେଲେ: ଟ୍ରମ୍ପ୍

## ୪୫ ବର୍ଷ ପୂର୍ବ ଘଟଣାର ପୁନରାବୃତ୍ତି

ହ୍ୱାଇଟ୍ ହାଉସ୍ ହିଲ୍ଟନ୍ ହୋଟେଲରେ ଆୟୋଜିତ କରେସପଣ୍ଡେଣ୍ଟ ଡିନର ବେଳେ ଯାହା ଘଟିଲା, ତାହା ୪୫ ବର୍ଷ ପୂର୍ବର ସ୍ମୃତିକୁ ଜାଗ୍ରତ କରି ଦେଇଛି। ଏହି ହୋଟେଲରେ ଏହା ପ୍ରଥମ ଘଟଣା ନୁହେଁ, ୪୫ ବର୍ଷ ପୂର୍ବେ ଜଣେ ରାଷ୍ଟ୍ରପତିଙ୍କ ସହିତ ଏହିପରି ସମାନ ଘଟଣା ଘଟି ଥିଲା। ଆମେରିକୀୟ ଇତିହାସରେ ଅନେକ ରାଷ୍ଟ୍ରପତିଙ୍କୁ ହତ୍ୟା କରାଯାଇଛି। ରୋନାଲ୍ଡ ରେଗାନଙ୍କ ଉପରେ ପ୍ରାଣଘାତୀ ଆକ୍ରମଣ ହୋଇଥିଲା। ୧୯୮୧ ମସିହାରେ ସେ ଯେତେବେଳେ ୱାଶିଂଟନ ହିଲଟନରୁ ବାହାରକୁ ଆସୁଥିଲେ, ଜଣେ ବ୍ୟକ୍ତି ତାଙ୍କ ଉପରେ ଗୁଳି ଚଳାଇ ଥିଲା। ତାଙ୍କ ଛାତିରେ ଏକ ଗୁଳି ବାଜିଥିଲା। ସେ କିଛି ଦିନ ପାଇଁ ଡାକ୍ତରଖାନାରେ ରହି ଥିଲେ, ଏବଂ ତାଙ୍କ ଜୀବନ ରକ୍ଷା ହୋଇଥିଲା। ଏଫବିଆଇର ଆର୍କାଇଭ ମୁତାବକ ଆକ୍ରମଣକାରୀ ଜନ୍ ହିଙ୍କଲି ଜୁନିଅର ତାଙ୍କ ଉପରେ ଛଅଟି ଗୁଳି ଚଳାଇ ଥିଲେ। ତାଙ୍କୁ ହୋଟେଲରୁ ଏଲିଭେଟର ମାଧ୍ୟମରେ ସିଧାସଳଖ ଏକ ସୁରକ୍ଷିତ ସ୍ଥାନକୁ ନିଆଯାଇ ଥିଲା। ଏହି ଆକ୍ରମଣରେ ତାଙ୍କ ସହିତ ଥିବା ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟ ମଧ୍ୟ ଆହତ ହୋଇ ଥିଲେ। ୪୫ ବର୍ଷ ପରେ ସେହି ହିଲଟନ୍ ହୋଟେଲରେ ସମାନ ଘଟଣା ଦେଖିବାକୁ ମିଳିଲା। ହେଲେ ଏଥର କେହି ଆହତ ହୋଇନାହାନ୍ତି।



### ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ: ମୋଦୀ

**ନୂଆଦିଲ୍ଲୀ, ୨୬/୪/ଏଜେନ୍ସି:**

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପସ୍ଥିତିରେ ହ୍ୱାଇଟ୍ ହାଉସ୍ ରାତ୍ରୀଭୋଜନରେ ଗୁଳିକାଣ୍ଡ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ଏବଂ ଏହି ଘଟଣାର ସ୍ପଷ୍ଟ ନିନ୍ଦା କରାଯିବା ଉଚିତ। ମୋଦୀ ଟ୍ୱିଟରରେ ପୋଷ୍ଟ କରିଛନ୍ତି ଯେ 'ୱାଶିଂଟନ୍ ଡିସିର ଏକ ହୋଟେଲରେ ସମ୍ପ୍ରତି ଘଟିଥିବା ସୁରକ୍ଷା ଘଟଣା ପରେ ରାଷ୍ଟ୍ରପତି ଟ୍ରମ୍ପ, ଆମେରିକାର ପ୍ରଥମ ମହିଳା ମେଲାନିଆ ଏବଂ ଉପରାଷ୍ଟ୍ରପତି ଜେଡି ଭାନ୍ସ ସୁରକ୍ଷିତ ଏବଂ ସୁସ୍ଥ ଅଛନ୍ତି ଏହା ଜାଣିବା ଅତ୍ୟନ୍ତ ଆଶ୍ୱସ୍ତିକର ଅଟେ। ମୁଁ ସେମାନଙ୍କର ନିରନ୍ତର ସୁରକ୍ଷା ଏବଂ ମଙ୍ଗଳ କାମନା କରୁଛି। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ଏବଂ ଏହାକୁ ସ୍ପଷ୍ଟ ନିନ୍ଦା କରାଯିବା ଉଚିତ।'

ଏନେଇ ପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ କହିଛନ୍ତି ଯେ ଆକ୍ରମଣକାରୀ ପାଖରେ ଶକ୍ତିଶାଳୀ ବନ୍ଧୁକ ଥିଲା। ସିକ୍ରେଟ୍ ସର୍ଭିସ୍‌ର ଜଣେ ଏଜେଣ୍ଟଙ୍କ ଦେହରେ ଗୁଳି ବାଜିଛି ସେ ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ପିନ୍ଧିଥିଲେ। ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟ ବହୁତ ଭଲ କାମ କରିଛନ୍ତି। ମୁଁ ସିକ୍ରେଟ୍ ▶▶ ୬

## ପରଲୋକରେ ରଘୁ ରାୟ



**ନୂଆଦିଲ୍ଲୀ, ୨୬/୪/ଏଜେନ୍ସି:**

ଭାରତର ବିଭିନ୍ନ ଦିଗକୁ ତାଙ୍କ ଦୃଷ୍ଟିକୋଣକୁ କଏଦ କରିବା ଦିଗରେ ଜଣାଶୁଣା ଦେଶର ଜଣେ ପ୍ରସିଦ୍ଧ ଫଟୋଗ୍ରାଫର ରଘୁ ରାୟଙ୍କ ରବିବାର ସକାଳେ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ଦେହାନ୍ତ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ତାଙ୍କର ଶେଷକୃତ୍ୟ ଲୋଧି ଶ୍ମଶାନରେ ସମ୍ପନ୍ନ ହୋଇଛି। ରଘୁନାଥ ରାୟଙ୍କ ଜନ୍ମ ୧୮ ଡିସେମ୍ବର ୧୯୪୨ ରେ ପଞ୍ଜାବର ଝାଙ୍ଗରେ (ବର୍ତ୍ତମାନ ପାକିସ୍ତାନର ଅଂଶ) ହୋଇଥିଲା। ସେ ଫଟୋଗ୍ରାଫି ଉପରେ ▶▶ ୬

### ବନଗାଓଁ ରାଲିରେ ବର୍ଷିଲେ ପ୍ରଧାନମନ୍ତ୍ରୀ

## 'ମା, ମାଟି, ମାନୁଷ'ଙ୍କୁ ଧୋକା ଦେଇଛି ଟିଏମ୍‌ସି

### ଟିଏମ୍‌ସିର ନିଷ୍ଠୁରତା ମା'କୁ କନ୍ଦାଇଛି

### ସିଣ୍ଡିକେଟ୍ ହାତରେ ଟେକିଦେଇଛି ମାଟି

### ବଙ୍ଗଳା ମାନୁଷ ଏବେ ପଳାୟନ ପାଇଁ ବାଧ୍ୟ

**କୋଲ୍‌କାତା, ୨୬/୪/ଏଜେନ୍ସି:**

'ମା, ମାଟି ଓ ମାନୁଷ' କଥା କହି କ୍ଷମତାକୁ ଆସିଥିଲା ତୃଣମୂଳ କଂଗ୍ରେସ (ଟିଏମସି)। କିନ୍ତୁ ସେହି 'ମା, ମାଟି ଓ ମାନୁଷ'ଙ୍କୁ ଧୋକା ଦେଇଛି ତୃଣମୂଳ କଂଗ୍ରେସ। ଏବେ ସେମାନେ ମା, ମାଟି, ମାନୁଷ ଶବ୍ଦ ମଧ୍ୟ ଉଚ୍ଚାରଣ କରୁ ନାହାନ୍ତି। ଏହା ସେମାନଙ୍କ ପାପକୁ ପ୍ରକାଶ କରିଦେବ। ଟିଏମ୍‌ସିର ନିଷ୍ଠୁରତା ମା'କୁ କନ୍ଦାଇଛି, ମାଟିକୁ ସିଣ୍ଡିକେଟ୍ ଏବଂ ଅନୁପ୍ରବେଶକାରୀଙ୍କ ହାତରେ ଟେକି ଦେଇଛି ଏବଂ ବଙ୍ଗର ଲୋକମାନଙ୍କୁ ପ୍ରବାସ କରିବାକୁ ବାଧ୍ୟ କରିଛି।' ରବିବାର ଏମିତି କହି ପଶ୍ଚିମବଙ୍ଗର ତୃଣମୂଳକ କଂଗ୍ରେସ ସରକାରଙ୍କୁ ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ▶▶ ୬



### କୋଲ୍‌କାତାରେ ରୋଡ୍ ଶୋ'

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ଆଜି କୋଲ୍‌କାତାରେ ଏକ ବଡ଼ ରୋଡ୍ ଶୋ' କରିଛନ୍ତି। ଉତ୍ତର ୨୪ ପ୍ରଗଣାର ବନଗାଓଁ ଓ ହୁଗଲୀର ହରିପାଲ୍‌ରେ ର୍‍ୟାଲିରେ ଉଦ୍‌ବୋଧନ ଦେବା ପରେ ମୋଦୀ କୋଲ୍‌କାତା ରୋଡ୍ ଶୋ'ରେ ଯୋଗ ଦେଇଥିଲେ। ରୋଡ୍ ଶୋ' ପୂର୍ବରୁ ପ୍ରଧାନମନ୍ତ୍ରୀ କୋଲ୍‌କାତାର ଐତିହାସିକ ୩୦୦ ବର୍ଷ ପୁରୁଣା ଥନ୍ଥନିଆ କାଳିବାଡ଼ି ମନ୍ଦିରରେ ମା' ସିଦ୍ଧେଶ୍ୱରୀ କାଳୀଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ଦର୍ଶନ ପୂର୍ବରୁ ନିକଟସ୍ଥ ଦୋକାନରୁ ପ୍ରଧାନମନ୍ତ୍ରୀ ନିଜେ ଫୁଲ୍ ଏବଂ ପ୍ରସାଦ କିଣିଥିଲେ। ଏହି ମନ୍ଦିର କୋଲ୍‌କାତାର ସର୍ବପୁରାତନ ଏବଂ ପ୍ରସିଦ୍ଧ ମନ୍ଦିର ମଧ୍ୟରୁ ଅନ୍ୟତମ।

## ବସ୍‌ରେ ବିସ୍ଫୋରଣ, ୧୪ ମୃତ

**ବୋଗୋଟା, ୨୬/୪/ଏଜେନ୍ସି:**

କଲମ୍ବିଆର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ହିଂସା ପୁଣି ଥରେ ଭୟଙ୍କର ରୂପ ନେଇଛି। ଏକ ବସ୍‌ରେ ଶକ୍ତିଶାଳୀ ବିସ୍ଫୋରଣ ଘଟି ୧୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୭ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସେନା ମୁଖ୍ୟ ସ୍ପଷ୍ଟ ଭାବରେ ଏହି ଆକ୍ରମଣକୁ ଆତଙ୍କବାଦୀ ଆକ୍ରମଣ ବୋଲି କହିଛନ୍ତି। ରିପୋର୍ଟ ଅନୁଯାୟୀ, କାଉକା ଅଞ୍ଚଳର କାଜିବିଓ ଅଞ୍ଚଳର ପାନାମେରିକାନ୍ ହାଇୱେରେ ବସ୍‌ଟି ଯାତ୍ରୀଙ୍କୁ ନେଇ ଯାଉଥିବା ସମୟରେ ବିସ୍ଫୋରଣ ଘଟିଥିଲା। ଅଞ୍ଚଳର ରାଜ୍ୟପାଳ ଅକ୍ଟାଭିଓ ଗୁଜମାନ କହିଛନ୍ତି, ବିସ୍ଫୋରକ ଡିଭାଇସ୍ ରାସ୍ତାରେ ରଖାଯାଇଥିଲା। ବସ୍‌ଟି ଯିବା ସମୟରେ ବିସ୍ଫୋରଣ ହୋଇଥିଲା। ଆହତଙ୍କ ମଧ୍ୟରେ ପାଞ୍ଚ ଜଣ ପିଲା ମଧ୍ୟ ଅଛନ୍ତି। କାଉକାର ସ୍ୱାସ୍ଥ୍ୟ ସଚିବ କାରୋଲିନା କାମାରଗୋ ନୋଟିସିଆସ୍ କାରାକୋଲକୁ କହିଛନ୍ତି, ଆହତମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି। କଲମ୍ବିଆନ୍ ସଶସ୍ତ୍ର ବାହିନୀ କମାଣ୍ଡର ଜେନେରାଲ ହୁଗୋ ଲୋପେଜ୍ ଏହି ଆକ୍ରମଣ ପାଇଁ ଇଭାନ୍ ମୋର୍ଡିସ୍କୋ ନାମକ ମୋଷ୍ଟ ୱାଣ୍ଟେଡ୍ ଅପରାଧୀ ଏବଂ ଜାଇମ୍ ମାର୍ଟିନେଜ୍ ଗୋଷ୍ଠୀର ନେଟୱାର୍କକୁ ଦାୟୀ କରିଛନ୍ତି। ଉଭୟ ଗୋଷ୍ଠୀ ପୂର୍ବତନ କଲମ୍ବିଆର ବିପ୍ଳବୀ ସଶସ୍ତ୍ର ବାହିନୀର ବିଚ୍ଛିନ୍ନ ଗୋଷ୍ଠୀ। ସେମାନେ ୨୦୧୬ ଶାନ୍ତି ଚୁକ୍ତିକୁ ସ୍ୱୀକାର କରନ୍ତି ନାହିଁ। ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ ମଧ୍ୟ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରି ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ଏହି ଆକ୍ରମଣ ପଛରେ ଥିବା ଲୋକମାନେ ଆତଙ୍କବାଦୀ, ଫାସିଷ୍ଟ ଏବଂ ନିଶାଦ୍ରବ୍ୟ ଚାଲାଣକାରୀ। ଗତ ଦୁଇ ଦିନ ମଧ୍ୟରେ, ଏହି ଅଞ୍ଚଳରେ ୨୬ ରୁ ଅଧିକ ଆକ୍ରମଣ ହୋଇଛି। ଏଥିରେ ଏକ ପୁଲିସ ଷ୍ଟେସନରେ ଗୁଳିକାଣ୍ଡ, ଏୟାର ଟ୍ରାଫିକ୍ ରାଡାର ଉପରେ ଆକ୍ରମଣ ଏବଂ ବୋମା ଭର୍ତ୍ତି ଡ୍ରୋନ୍ ବ୍ୟବହାର ଅନ୍ତର୍ଭୁକ୍ତ। ପରିସ୍ଥିତିର ▶▶ ୬



## ଆଜି ହେବନି ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୨୬/୪/ଏନ୍‌ଏନ୍‌ଏସ୍:** ଆସନ୍ତାକାଲି ଅର୍ଥାତ ସୋମବାର ଭୁବନେଶ୍ୱର ୟୁନିଟ-୨, ଅଶୋକ ନଗର ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ) ନିକଟରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଯେଉଁମାନେ ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ କରିବା ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ କରିଥିଲେ, ସେମାନଙ୍କ ପାଇଁ ଭୁବନେଶ୍ୱର ଠାରେ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନିଷ୍ପତ୍ତି

## ଆନ୍ଧ୍ରରେ ୪୨୧ ପେଟ୍ରୋଲ୍ ପମ୍ପ୍ ବନ୍ଦ

**ନୂଆଦିଲ୍ଲୀ, ୨୬/୪/ଏନ୍‌ଏନ୍‌ଏସ୍:**

ଆନ୍ଧ୍ରପ୍ରଦେଶର ମୋଟ ୪,୫୧୦ଟି ଇନ୍ଧନ ଆଉଟଲେଟ୍ ମଧ୍ୟରୁ ପ୍ରାୟ ୪୨୧ଟି ପେଟ୍ରୋଲ ପମ୍ପ ଯୋଗାଣ ଜନିତ ସମସ୍ୟା କାରଣରୁ ବନ୍ଦ ରହିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଦେଖାଦେଇଥିବା ପେଟ୍ରୋଲ ଓ ଡିଜେଲ ଅଭାବକୁ ନେଇ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଗଭୀର ଚିନ୍ତା ପ୍ରକାଶ କରିବା ସହ ଏହାର ସମାଧାନ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ▶▶ ୬

### ସୁଧୀର ପାତ୍ର ହତ୍ୟା ଘଟଣାର କ୍ରାଇମ୍ ସିନ୍-ରିକ୍ରିଏସନ୍

## କିଲର୍ କହିଲା କ୍ରାଇମ୍ ଷ୍ଟୋରୀ

**ବ୍ରହ୍ମପୁର, ୨୬/୪/ଏନ୍‌ଏନ୍‌ଏସ୍:**

ଗଞ୍ଜାମ ଜିଲ୍ଲା ଗୋପାଳପୁର ଥାନା ଅଞ୍ଚଳର ଜମି ବ୍ୟବସାୟୀ ସୁଧୀର ପାତ୍ର ଅପହରଣ ପରେ ହତ୍ୟା ଘଟଣାର ହୋଇଛି କ୍ରାଇମ୍ ସିନ୍-ରିକ୍ରିଏସନ୍। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ପାଞ୍ଚ ଜଣଙ୍କୁ ଗୋପାଳପୁର ଥାନା ପୁଲିସ ତିନି ଦିନିଆ ରିମାଣ୍ଡରେ ନେଇଥିବା ବେଳେ ରବିବାର ରିମାଣ୍ଡର ଦ୍ୱିତୀୟ ଦିନରେ କ୍ରାଇମ୍ ସିନ୍-ରିକ୍ରିଏସନ୍ କରାଯାଇଛି। ଅପହରଣ ହୋଇଥିବା ସ୍ଥାନ ଠାରୁ ଆରମ୍ଭ କରି ହତ୍ୟା କରାଯାଇଥିବା ଅଞ୍ଚଳ ଏବଂ ମୃତଦେହକୁ ଫୋପାଡ଼ି ଦିଆଯାଇଥିବା ସ୍ଥାନକୁ ଯାଇ ଅପରାଧୀମାନେ କିପରି ଅପରାଧ ଘଟାଇଥିଲେ ତାହାକୁ ଦେଖାଇଥିଲେ। ଗତ ଅପ୍ରେଲ ମାସର ୧୫ ତାରିଖ ସନ୍ଧ୍ୟା ସମୟରେ ଭଲିବଲ ଖେଳି ଫେରୁଥିବା ସମୟରେ ଅଭିଯୁକ୍ତମାନେ କିଭଳି ଏବଂ କେଉଁ ପରିସ୍ଥିତିରେ ସୁଧୀର ପାତ୍ରଙ୍କୁ ରାସ୍ତାରୁ ଉଠାଇ ନେଇଥିଲେ ତାହାକୁ ସର୍ବସାଧାରଣରେ ଅଭିଯୁକ୍ତ ▶▶ ୬



### ମିଳିଲା ସିସିଟିଭି ଭିଜୁଆଲ୍

### ତାତି ଅସହ୍ୟ

## ଝାରସୁଗୁଡ଼ାରେ ୪୪.୮ ଡିଗ୍ରୀ

**ଭୁବନେଶ୍ୱର, ୨୬/୪/ଏନ୍‌ଏନ୍‌ଏସ୍:**

ପଶ୍ଚିମରୁ ଉପକୂଳଓଡ଼ିଶା ସବୁଠି ଅସମ୍ଭାଳ ତାତି। ପ୍ରଚଣ୍ଡ ରୌଦ୍ର ତାପରେ ଜଳୁଛି ଓଡ଼ିଶା। ଚାରିଆଡ଼େ ଅଗ୍ନିବର୍ଷା। ସକାଳ ୯ଟାରୁ ଟାଏଁ ଟାଏଁ ଖରା। ଏମିତି ଝାଞ୍ଜି ମାଡ଼ ହେଉଛି ଯେ ଦେହ,ମୁହଁ ଜଳିଲା ଭଳି ଲାଗୁଛି। ଦିନକୁ ଦିନ ପାରଦ ଉପରମୁହାଁ ହେବାରେ ଲାଗିଛି। ଅଧିକାଂଶ ସହରରେ ତାତି ୪୨ ଡିଗ୍ରୀ ଉପରେ ରହୁଛି। ରବିବାର ▶▶ ୬



### ପ୍ରଧାନମନ୍ତ୍ରୀଙ୍କ ୧୩୩ ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ

## ଭାରତକୁ ଆଗକୁ ନେଉଛି ଅଦୃଶ୍ୟ ଶକ୍ତି

**ନୂଆଦିଲ୍ଲୀ, ୨୬/୪/ଏଜେନ୍ସି:**

'ଭାରତର ବିକାଶ ପାଇଁ ସୌର ଏବଂ ପବନ ଶକ୍ତି ଅତ୍ୟନ୍ତ ଜରୁରୀ। ଏହା କେବଳ ପରିବେଶ ବିଷୟରେ ନୁହେଁ, ଏହା ଆମର ଭବିଷ୍ୟତକୁ ସୁରକ୍ଷା ଦେବା ବିଷୟରେ। ଏଥିରେ ଆମ ସମସ୍ତଙ୍କର ଭୂମିକା ରହିଛି। ଆମକୁ ବିଦ୍ୟୁତ ସଂରକ୍ଷଣ କରିବାକୁ ଏବଂ ସ୍ୱଚ୍ଛ ଶକ୍ତି ଗ୍ରହଣ କରିବାକୁ ପଡ଼ି। ଆଜି ମୁଁ ଏଭଳି ଗୋଟିଏ ଶକ୍ତି ବିଷୟରେ କହିବାକୁ ଚାହୁଁଛି, ଯାହା ଅଦୃଶ୍ୟ, କିନ୍ତୁ ଯାହା ବିନା ଆମ ଜୀବନ ଗୋଟିଏ ମୁହୂର୍ତ୍ତ ମଧ୍ୟ ଚଳିପାରିବ ନାହିଁ। ଏହି ଶକ୍ତି ଭାରତକୁ ଆଗେଇ ନେଉଛି। ଏହା ହେଉଛି ଆମର ପବନ ଶକ୍ତି। ଆମ ପ୍ରାଚୀନ ଗ୍ରନ୍ଥମାନଙ୍କରେ କୁହାଯାଇଛି ଯେ, "ବାୟୁର୍ବା ଇତି ବ୍ୟଷ୍ଟିଃ, ବାୟୁରବୈ ସମଷ୍ଟିଃ" ଅର୍ଥାତ୍, ବାୟୁ କେବଳ ଗୋଟିଏ ତତ୍ତ୍ୱ ନୁହେଁ, ଏହା ଜୀବନର ଶକ୍ତି, ଏହା ସମଷ୍ଟିର ଶକ୍ତି। ଆଜି ଏହି ପବନ ଶକ୍ତି ▶▶ ୬



### ଭାରତର ବିକାଶ ପାଇଁ ସୌର ଏବଂ ପବନ ଶକ୍ତି ଗୁରୁତ୍ୱପୂର୍ଣ୍ଣ

### ଜନଗଣନାରେ ସହଯୋଗ କରିବାକୁ ମୋଦୀଙ୍କ ଆହ୍ୱାନ

## ମହାପ୍ରଭୁ ଜଗନ୍ନାଥଙ୍କୁ ଅସମ୍ମାନ

### ମିନି ଟ୍ରକ୍‌ରେ ବୁଲାଇଲେ ସହର

**ହ୍ୟୁଷ୍ଟନ, ୨୬/୪/ଏଜେନ୍ସି:**

ଅନେକ ବାରଣ ସତ୍ତ୍ୱେ ବିଦେଶରେ ପୁଣି ତିଥି ବାହାରେ ରଥଯାତ୍ରା ପାଳିଛି ଇସ୍କନ। ଆମେରିକାର ହ୍ୟୁଷ୍ଟନରେ ୧୫ଦିନ ତଳେ ଏଭଳି ଏକ ରଥଯାତ୍ରା ଆୟୋଜନ କରିଥିଲା- ଯାହା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କୁ କ୍ଷୁବ୍ଧ କରିଛି। ଗତ ଏପ୍ରିଲ୍ ୧୧ ତାରିଖରେ କେମିତି ଅତିଥିରେ ଚତୁର୍ଦ୍ଧା ବିଗ୍ରହଙ୍କୁ ରଥରେ ବସାଇ ସହର ବୁଲାଇଛି ଇସ୍କନ। ଆଉ ସେ ରଥ ଆଗରେ ଏକ ଖୋଲା ମିନିଟ୍ରକ୍ ଡାଲାରେ ଜଗନ୍ନାଥଙ୍କର ଏକ ବିକୃତ ବିଗ୍ରହକୁ ବି ବସାଇଥିଲା। ଯେଉଁଠି ଜଗନ୍ନାଥଙ୍କ ଦୁଇ ହାତରେ ପାପୁଲି ସହ ଅଙ୍ଗୁଳି ଲଗା ଯାଇଥିଲା। ଯେହେତୁ ମହାପ୍ରଭୁ କେବଳ ସୁନାବେଶ ସମୟରେ ହିଁ ସ୍ୱର୍ଣ୍ଣରେ ନିର୍ମିତ ହସ୍ତ ପଦ ଆଭୂଷଣ ଧାରଣ କରିଥାନ୍ତି- ତେଣୁ ହ୍ୟୁଷ୍ଟନ ଅଦିନ ରଥଯାତ୍ରା ଶୋଭାଯାତ୍ରାରେ ଜଗନ୍ନାଥଙ୍କୁ ବିକୃତ କରାଯିବାକୁ ନେଇ ଜଗନ୍ନାଥ ପ୍ରେମୀଙ୍କଠୁ ସେବାୟତ-ସମସ୍ତଙ୍କ ଭାବନାକୁ ଦେଇଛି ଶକ୍ତ ଆଘାତ।

ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଶ୍ରୀକ୍ଷେତ୍ରରେ ପ୍ରସ୍ତୁତି ଚାଲିଛି। ପରମ୍ପରା ଅନୁସାରେ ରଥ ▶▶ ୬



# ଅସହ୍ୟ ଗୁଳୁଗୁଳିରେ ମନଇଚ୍ଛା ବିଦ୍ୟୁତ୍‌କାଟ୍‌କୁ ନେଇ ଅସନ୍ତୋଷ

**କଣ୍ଟାପଡ଼ା,୨୬।୪/ଏନ୍ଏନ୍ଏସ୍:** ରାଜ୍ୟରେ ଅସହ୍ୟ ତାତି, ଗୁଳୁଗୁଳି ସାଙ୍ଗକୁ ତତଲା ପବନ ଜନ ଜୀବନକୁ ସଂପୂର୍ଣ୍ଣ ଅସ୍ତ ବ୍ୟସ୍ତ କରୁଥିଲା ବେଳେ ଏହିସବୁ ଘଟଣାକୁଆଖିଆଗରେ ରଖି ରାଜ୍ୟ ସରକାର ସମସ୍ତ ସ୍କୁଲ, କଲେଜ ଓ ସମସ୍ତ ସରକାରୀ ଅଫିସକୁ ସକାଳୁଆ କରିବା ଏବଂ ପରବର୍ତ୍ତୀ ସମୟରେ ସ୍କୁଲଗୁଡ଼ିକୁ ସଂପୂର୍ଣ୍ଣ ବନ୍ଦ ରଖିବା ନିଷ୍ପତି ନେଇଥିବାବେଳେ ସରକାରଙ୍କ ଶକ୍ତି, କୃଷି ତଥା ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ସମସ୍ତ ବିଦ୍ୟୁତ ବିତରଣ କମ୍ପାନୀମାନଙ୍କୁ ଡାକି ଗ୍ରୀଷ୍ମକାଳୀନ ସମୟରେ ଆଦୌ ବିଦ୍ୟୁତ କାଟ୍ ନ କରିବା ନିମିତ୍ତ କଡ଼ା ନିର୍ଦ୍ଦେଶ ଦେବା ସହ ସଂପୃକ୍ତ ବିତରଣ କମ୍ପାନୀମାନଙ୍କର ଅଧିକାରୀମାନଙ୍କୁ ତାଗିଦ୍ କରିଛନ୍ତି। ହେଲେ ଘୋଷଣାର ୨୪ଘଣ୍ଟା ନ ପୁରୁଣୁ ବିଦ୍ୟୁତ ବିତରଣ କମ୍ପାନୀ ଟିପିସିଓଡିଲ୍‌ର ପୁନର୍ବାର ସେହି ମନଇଚ୍ଛା ଓ ବେପରୁଆ ଭାବେ ବିଦ୍ୟୁତ୍ କାଟ୍ ଦ୍ୱାରା ଜନଜୀବନ ବ୍ୟସ୍ତବିବ୍ରତ ହୋଇପଡ଼ିଛନ୍ତି। ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କଣ୍ଟାପଡ଼ା ବ୍ଲକ ଅଞ୍ଚଳରେ ୪୦ଡିଗ୍ରୀ ପ୍ରଚଣ୍ଡ ଖରା ଅନୁଭୁତ ହେଉଥିଲାବେଳେ ସକାଳ ୧୦ ଘଟିକାରୁ ସନ୍ଧ୍ୟା ୫ଘଟିକା ମଧ୍ୟରେ ଉକ୍ତ ଅଞ୍ଚଳରେ ୧୫ରୁ ଉର୍ଦ୍ଧ୍ୱ ଥର ବିଦ୍ୟୁତ୍ କାଟ୍ କରାଯାଇଛି। ଯାହାଫଳରେ ସମଗ୍ର ଅଞ୍ଚଳର ଲୋକମାନେ ଠିକ୍ ମଧ୍ୟାହ୍ନ ସମୟ ଗରମରେ ନାହିଁ ନଥିବା ହୀନସ୍ତା ହେବା ସହ ଅସହ୍ୟ ଖରା ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖିବାକୁ ମିଳିଛି। ଯଦି ବିଦ୍ୟୁତ କମ୍ପାନୀମାନେ ସରକାରଙ୍କ ନିର୍ଦ୍ଦେଶକୁ ନ ମାନି ଫୁ କରି ଉଡ଼େଇ ବିଦ୍ୟୁତ ବିଭ୍ରାଟ ଜାରି ରଖନ୍ତି ତେବେ ଲୋକମାନଙ୍କର ଅବସ୍ଥା ଆଗକୁ କ'ଣ ହେବ ସେଥିପ୍ରତି ସରକାର ଦୃଷ୍ଟିଦେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ବରିଷ୍ଠ ନାଗରିକ ଜନକଲ୍ୟାଣ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



**ମାହାଙ୍ଗା,୨୬।୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ନୁର୍ତାଙ୍ଗସ୍ଥିତ ପ୍ରଭୁ ଗୋବର୍ଦ୍ଧନେଶ୍ୱର ପୀଠ ପରିସରରେ ବରିଷ୍ଠ ନାଗରିକ ଜନ କଲ୍ୟାଣ ମଞ୍ଚ ନୁର୍ତାଙ୍ଗ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୂର୍ଯ୍ୟମଣି ସାମଲ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜେ.ଏନ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଡଃ ପ୍ରତାପ କୁମାର ଚୌଧୁରୀ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ଅଜୟ ଚନ୍ଦ୍ର ସାହୁ, ବିଶିଷ୍ଟ ଅତିଥିଭାବେ ଶିକ୍ଷାବିତ୍ ଶିବ ପ୍ରସାଦ ଦାଶ, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଶିକ୍ଷକ ରଙ୍ଗାଧର ନାୟକ, ସମାଜସେବୀ ଶରତ ଚନ୍ଦ୍ର ବାରିକ, ପ୍ରାକ୍ତନ ପ୍ରଧାନଶିକ୍ଷକ ରମାକାନ୍ତ ବରାଳ, ସମାଜସେବୀ ଶ୍ୟାମସୁନ୍ଦର ସ୍ୱାଇଁ, ଶିକ୍ଷାବିତ ଆରତି ପଣ୍ଡା, ସାଧୁ କାହ୍ନୁ ବାବା, ପ୍ରଧାନଶିକ୍ଷକ ବିଶ୍ୱଜିତ ସେଠୀ ପ୍ରମୁଖ ଯୋଗଦେଇ ସମାଜରେ ଥିବା ଅବହେଳିତ ଅସହାୟ ୫୫ଜଣ ମହିଳାମାନଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ। ବିଶେଷକରି ସମାଜସେବୀ ଶ୍ରୀ ବାରିକଙ୍କ ୭୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ନିମନ୍ତ୍ରିତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସଂପାଦକ ମାଧବ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପୁରୁଷୋତ୍ତମ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସ ତରଫରୁ ଜଳଛତ୍ର ଆରମ୍ଭ

**କୁଆଁପାଳ,୨୬।୪/ଏନ୍ଏନ୍ଏସ୍:** ମାହାଙ୍ଗା କଂଗ୍ରେସ ତରଫରୁ ଆୟୋଜିତ ଜଳଛତ୍ରକୁ ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ସାହୁ ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁଣ୍ଡି ପଞ୍ଚାୟତର ଜଗନ୍ନାଥପୁର ଜୟପୁର ହାଟଠାରେ ଉଦ୍‌ଘାଟନ କରିଛନ୍ତି। ପବିତ୍ର ଶନିଶ୍ଚର ଯଜ୍ଞ ଉପଲକ୍ଷେ ଯୁବ ସଂଗଠକ ସେକ୍ ବାଦଲଙ୍କ ତତ୍ତ୍ୱାବଧାନରେ କୁଣ୍ଡି ପଞ୍ଚାୟତ କଂଗ୍ରେସ କମିଟି ପକ୍ଷରୁ ଏକ ଜଳଛତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ




ଏଥିରେ କୁଣ୍ଡି ସମିତିସଭ୍ୟ ଲତିଫୁର ରହେମନ୍, ଶଶୀଭୂଷଣ ମହାନ୍ତି, ଚୈତନ୍ୟ ଚରଣ ପାଣି, ଯୁବ ସଂଗଠକ ଉତ୍ତମ କୁମାର ବେହେରା, ଶୈଳେନ୍ଦ୍ର ମହାନ୍ତି, ସୁରେଶ ମହାନ୍ତି, ଜିତେନ୍ଦ୍ର ବେହେରା, ଅକ୍ଷୟ ପତି, ହରିହର ବରାଳ, ଏସ୍ ଆର ରହେମନ୍, ଅତାଉଲ ଇସଲାମ୍, ସେକ୍ ଅବଦୁଲ ୱାହିଦ୍, ଅଭିରାମ ମହାନ୍ତି, ସୁକାନ୍ତ ମଲିକ, ମହମ୍ମଦ ସଫିପ, ଟୁକୁନା ଜେନା, ସତ୍ୟନାରାୟ ଦାସ, ପ୍ରଦୀପ୍ତ କୁମାର ନନ୍ଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ତିନି ରଥର ତୁମ୍ବ ବିନ୍ଧ ଅନୁକୂଳ ପୂଜା

**ପୁରୀ,୨୬।୪/ଏନ୍ଏନ୍ଏସ୍:** ଆଜି ରଥ ନିର୍ମାଣର ଷଷ୍ଠ ଦିନରେ ରଥ ନିର୍ମାଣକାରୀ ଦଳ ସକାଳ ୮ଘଟିକା ପୂର୍ବରୁ ରଥ ଖଳା ଠାରେ ଉପସ୍ଥିତ ପୂର୍ବକ ଉପସ୍ଥାନ ଦେଇ ମୁଖ୍ୟ ମହାରଣାଙ୍କ ପରାମର୍ଶ କ୍ରମେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଆଜି ରଥ ନିର୍ମାଣର ପଞ୍ଚମ ଦିନରେ ତିନିରଥ ମହାରଣା ସେବକ ୫୮ଜଣ, ଭୋଇ ସେବକ ୩୦ଜଣ, କରତୀ ସେବକ ୪ ଜଣ, ତିନି ରଥ କମାର ସେବକ ୯ଜଣ, ରଥ ଖଳା ସହାୟକ(ପାଣି ବାଲା) ଜଣେ ରଥଖଳା ରଥ ନିର୍ମାଣ କାର୍ଯ୍ୟରେ ମୋଟ ୧୦୨ ଜଣ ଯୋଗ ଦେଇଥିଲେ। ତିନିରଥ ମୁଖ୍ୟ ମହାରଣାଙ୍କ ଦ୍ୱାରା ତୁମ୍ବ ବିନ୍ଧ ଅନୁକୂଳ ପୂଜା ସମ୍ପନ୍ନ ପରେ ତୁମ୍ବ ବିନ୍ଧ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଜି ତିନି ରଥର ତୁମ୍ବ ବିନ୍ଧ ଅନୁକୂଳ ପୂଜା ପରେ ତୁମ୍ବ ଗୁଡିକରେ ବିନ୍ଧ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ପ୍ରତିଟି ତୁମ୍ବରେ ୧୬ ଯୋଡା ବିନ୍ଧ ହୋଇଥାଏ। ଆଜିର ନିର୍ମାଣ କାର୍ଯ୍ୟ ଶେଷ ବେଳକୁ ତାଳଧ୍ୱଜ ରଥର ୧୪ଗୋଟି ତୁମ୍ବର ୮ଯୋଡ଼ା, ଦେବୀ ରଥର ୧୨ଗୋଟି ତୁମ୍ବରୁ ୭ଯୋଡ଼ା ଏବଂ ନନ୍ଦିଘୋଷ ରଥର ୧୬ଗୋଟି ତୁମ୍ବ ୮ଯୋଡ଼ା ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଏଥିସହ କରତୀ ମହାରଣାମାନେ ତିନିରଥର ୪ଗୋଟି ଲେଖାଏଁ ତୁମ୍ବର ଘେର(ବଳକା ଅଂଶ) କଟା କାର୍ଯ୍ୟ ଶେଷ କରିଛନ୍ତି। ଅନ୍ୟପଟେ ଦୋଳବେଦୀ ସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା କମାର ସେବକମାନେ ଆଜି ସୁଦ୍ଧା ତିନିଗୋଟି ଲେଖାଏଁ ଚକ ପାଇଁ ଅର କଣ୍ଟା ପ୍ରସ୍ତୁତ ସହ ତିନି ରଥର ତୁମ୍ବ ପାଇଁ ୪ ଗୋଟି ଲେଖାଏଁ ପନ୍ଦାରୀବଳା ନିର୍ମାଣ ଶେଷ କରିଛନ୍ତି।



## ଜୁଆଡ଼ିଙ୍କୁ ଧରିବାକୁ ଯାଇ ପୁଲିସ୍ ହଟହଟା

# ଧସ୍ତାଧସ୍ତିରେ ୨ ପୁଲିସ କର୍ମଚାରୀ ଆହତ, ୨ ଅଟକ

**ଡେଲାଙ୍ଗ,୨୬।୪/ଏନ୍ଏନ୍ଏସ୍:** ଜୁଆଡ଼ିଙ୍କୁ ଧରିବାକୁ ପୁଲିସ ସାଧା ପୋଷାକରେ ଯାଇ ହଟହଟା ହୋଇଥିବା ଘଟଣା ଏଠାରେ ଉଦ୍‌ବେଗ ସୃଷ୍ଟି କରିଛି। ପୁରୀ ଜିଲ୍ଲା ଡେଲାଙ୍ଗ ଥାନା କଲ୍ୟାଣପୁର ଗ୍ରାମ ମେଳଣ ପଡିଆ ଜୁଆଖେଳ ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁରୀ ଜିଲ୍ଲା ମୁଖ୍ୟାଳୟରୁ ଛଅ ଜଣ ସ୍ୱତନ୍ତ୍ର ପୋଲିସଙ୍କ ଏକ ଦଳ ସାଧା ପୋଷାକରେ ଆସି ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲେ। ପୋଲିସ ସାଧା ପୋଷାକରେ ଥିବାରୁ ଜୁଆ ଖେଳ ସହ ସମ୍ପୃକ୍ତ ଥିବା ବ୍ୟକ୍ତିମାନେ ପୋଲିସଦଳଙ୍କୁ ଚିହ୍ନି ନପାରି ପ୍ରତିବାଦ କରିଥିଲେ। ତେବେ ମିଳିଥିବା ସୂଚନା ମଅନୁସାରେ କଲ୍ୟାଣପୁର ଗ୍ରାମରେ ମେଳଣ ଚାଲିଥିବା ବେଳେ ସାଧା ପୋଷାକାଧାରୀ ପୋଲିସ ପ୍ରଥମେ ଜୁଆଡି ଠାରୁ ଟଙ୍କାକୁ ନେଇଯାଇଥିଲେ। ପରିଚୟ ପଚାରିବାରୁ ସେମାନେ ପୋଲିସ ବୋଲି କହିଥିଲେ। ତେବେ ପୋଲିସ ଡ୍ରେସ୍ ନଥିବାରୁ ଉପସ୍ଥିତ ଲୋକେ ସନ୍ଦେହ ପ୍ରକାଶ କରିବା ସହ କୌଣସି ଦାଦା ଚାନ୍ଦା ପାର୍ଟି ଆସି ଚଢ଼ାଉ କରି ଟଙ୍କା ନେଇଯାଉଥିବା ଆରୋପ କରିଥିଲେ। ଫଳରେ ସାଧା ପୋଷାକାଧାରୀ ପୋଲିସ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ହେବା ସହ ଧସ୍ତାଧସ୍ତି ହୋଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ସୂଚନା ମିଳିଛି। ସେମାନଙ୍କୁ ଗ୍ରାମର ଏକ ଘରେ କିଛି ସମୟ ଅଟକ ରଖାଯାଇଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ସେଠାରୁ ଉଦ୍ଧାର କରି ଆହତ ହୋଇଥିବା ଦୁଇଜଣ ପୋଲିସ କର୍ମଚାରୀଙ୍କୁ ଚିକିତ୍ସା ପାଇଁ ମେଡିକାଲ୍ ନେଇଥିଲେ। ପୁଲିସ ଉପରେ ଆକ୍ରମଣ ହୋଇଥିବାରୁ ଏହି ଘଟଣାକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗୁରୁତର ଭାବେ ନେଇ ଘଟଣାର ଛାନଭିନ ଚଳାଇଥିବା ସୂଚନା ମିଳିଛି। ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି। ତେବେ ଆଇନଶୃଙ୍ଖଳା ପରିସ୍ଥିତିକୁ ନଜର ରଖି କଲ୍ୟାଣପୁର ଗ୍ରାମରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପୁଲିସ ଭୟରେ କଲ୍ୟାଣପୁର ଗ୍ରାମରେ ଆତଙ୍କ ସୃଷ୍ଟି ହୋଇଛି।

# ବିଜେପିର ମହିଳା ସମାବେଶ, ମିଶ୍ରଣପର୍ବ




**ଦଶପଲ୍ଲା,୨୬।୪/ଏନ୍ଏନ୍ଏସ୍:** ରାଜ୍ୟରେ ବିଜେପି ସରକାର ଆସିବା ପରେ ଦଶପଲ୍ଲାରେ ଦେଖିବାକୁ ମିଳିଛି ବିଜେପିର ବିଗ୍ ସୋ'। ଗୋଟିଏ ଦିନରେ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଛି ଜନ ଆକ୍ରୋଶ ମହିଳା ସମାବେଶ, ମିଶ୍ରଣ ପର୍ବ ଏବଂ ଦଶପଲ୍ଲା ବିକାଶ ସମାବେଶ। କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଶହ ଶହ ଲୋକ ଏକତ୍ରିତ ହୋଇ ସ୍ଥାନୀୟ ମହାବୀର ମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ମେଳିଆତୋଟା ଠାରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରଥମେ ଜନ ଆକ୍ରୋସ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେପି ରାଜ୍ୟ ଅନୁସୂଚିତ ଜାତି ମହିଳା ମୋର୍ଚ୍ଚା ଉପସଭାପତି ମଧୁସ୍ମିତା ବଳିଆରସିଂ, ନୟାଗଡ଼ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅର୍ଚ୍ଚନା ଦାସ ପ୍ରମୁଖ ଯୋଗଦେଇ ସଂସଦରେ ୩୩ପ୍ରତିଶତ ମହିଳା ଆରକ୍ଷଣ ବିଲ ବିରୋଧରେ କଂଗ୍ରେସ ଓ ବିଜେଡିର ମତଦାନକୁ ତୀବ୍ର ସମାଲୋଚନା କରିଥିଲେ। ଏ ସମାବେଶରେ ବିଜେପି ଜିଲ୍ଲା ମହିଳା ସମ୍ପାଦିକା ସସ୍ମିତା ତ୍ରିପାଠୀ, ଉପସଭାପତି ଝିଲିରାଣୀ ତାରେଣିଆ, ଗଣିଆ ବ୍ଲକ ସଭାନେତ୍ରୀ ମଂଜୁବାଳା ପଣ୍ଡା, ଦଶପଲ୍ଲା ଏନଏସି ସଭାନେତ୍ରୀ ଜ୍ୟୋସ୍ନା ରାଣୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ମିଶ୍ରଣ ପର୍ବ ଆରମ୍ଭ ହୋଇଥିଲା। ଏଥିରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବସନ୍ତ କୁମାର ସାହୁ, ପୂର୍ବତନ ସରପଞ୍ଚ ପ୍ରସନ୍ନ ନାୟକଙ୍କ ସହ ଦଶପଲ୍ଲା ବ୍ଲକର ୧୧ଟି ପଞ୍ଚାୟତରୁ ୯୦ଜଣ ବିଜେପିରେ ନୂତନ ଭାବେ ସାମିଲ ହେବା ସହ ଦଶପଲ୍ଲା ଯୁବ ସଂଗଠନର ୧୦ଜଣ କର୍ମକର୍ତ୍ତା ସାମିଲ ହୋଇଥିଲେ। ସମସ୍ତ ନୂତନ କର୍ମୀଙ୍କୁ ସାଂସଦ ସ୍ୱାଗତ କରିଥିଲେ। ପରେ ଦଶପଲ୍ଲା ବିକାଶ ସମାବେଶ ଅନୁଷ୍ଠିତ ହିଇଥିଲା। ଏଥିରେ ବିଜେପି ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକ, ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ନାଏକ, ବିଜେପି ସରକାରର ବିକାଶମୂଳକ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିବା ବେଳେ ମହିଳା ମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ବକ୍ତବ୍ୟ ରଖିଥିଲେ। ବିଜେପିର ଏହି ବିଶାଳ ସମାବେଶରେ ଦଶପଲ୍ଲା ବ୍ଲକ୍‌ର ବିଜେପି କର୍ମକର୍ତ୍ତାଙ୍କ ସହ ପ୍ରଦୋଷ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ, ବୃଦ୍ଧ ଗିରଫ

**ମୁଣ୍ଡମୁହାଣ,୨୬।୪/ଏନ୍ଏନ୍ଏସ୍:** ଇନଫୋଭ୍ୟାଲି ଥାନା ଗଙ୍ଗପଡାରେ ଭଡାରେ ରହୁଥିବା ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ହୋଇଥିବା ଜଣାପଡିଛି।ଜଣେ ବୃଦ୍ଧ ଦୁଷ୍କର୍ମ ଉଦ୍ୟମ କରିଛି। ପୁଲିସ ତୁରନ୍ତ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଇନଫୋଭ୍ୟାଲି ଥାନା ଗଙ୍ଗପଡା ମଝିସାହିର ଦିପକ ପ୍ରଧାନ(୬୭)। ସ୍ଥାନୀୟ ସୂଚନା ଅନୁସାରେ ଛତିଶଗଡ଼ ଅଞ୍ଚଳର ପୀଡ଼ିତା ସ୍ଥାନୀୟ ଅଞ୍ଚଳରେ ଭଡ଼ାରେ ରହୁଥିଲେ ଏବଂ ଏକ ବୈଷୟିକ ଶିକ୍ଷାନୁଷ୍ଠାନରେ ଏମ୍‌ବିଏ ପାଠ ପଢୁଥିଲେ। ପୀଡ଼ିତା ଭଡ଼ାରେ ରହୁଥିବା ଘର ନିକଟରେ ଅଭିଯୁକ ଦିପକର ଏକ ତେଜରାତି ଦୋକାନ ଅଛି। ଭଡାରେ ରହୁଥିବା ଛାତ୍ରୀମାନେ ଅନେକ ସମୟରେ ଦିପକଙ୍କ ଦୋକାନକୁ ଯାଆନ୍ତି ଏବଂ ଆବଶ୍ୟକ ତେଜରାତି ସାମାନ୍ କିଣନ୍ତି। ମାତ୍ରାଧିକ ବୟସ ହୋଇଥିବାରୁ ବୃଦ୍ଧ ଦିପକ ଛାତ୍ରୀମାନଙ୍କୁ ଥଟା ତାମ୍‌ସା କରେ। କିନ୍ତୁ ବୟସାଧିକ ହୋଇଥିବାରୁ ଦିପକଙ୍କ କଥାକୁ କେହି ଛାତ୍ରୀ ଗୁରୁତ୍ୱ ଦିଅନ୍ତି ନାହିଁ। ଶୁକ୍ରବାର ରାତି ପ୍ରାୟ ୯ଟା ବେଳେ ଛାତ୍ରୀ ଜଣକ ରୋଷେଇ ଘରେ ମ୍ୟାଗି ତିଆରି କରୁଥିଲେ। ଛାତ୍ରୀ ଜଣକ ଏକୁଟିଆ ଥିବା ସୁଯୋଗ ନେଇ ରାତିରେ ପାଚେରି ଡେଇଁ ଘରେ ପଶି ଦିପକ ଛାତ୍ରୀଜଣଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିଲେ। କିନ୍ତୁ ପୀଡ଼ିତା ଚିତ୍କାର କରିବାରୁ ଦିପକ ଘଟଣାସ୍ଥଳରୁ ଖସି ପଳାଇଥିଲେ। ପୀଡିତାଙ୍କ ପାଟି ଶୁଣି ଘର ମାଲିକ ଓ ପାଖ ପଡୋଶୀମାନେ ଆସିଥିଲେ। ଏ ନେଇ ଇନ୍‌ଫୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଘଟଣାକୁ ଗୁରୁତର ସହ ନେଇ ତୁରନ୍ତ ଗଙ୍ଗପଡାରେ ଚଢ଼ଉକରି ଅଭିଯୁକ୍ତ ଦିପକକୁ ଗିରଫ କରିଥିଲେ। ଆଜି ଡାକ୍ତରୀ ମାଇନା ପରେ ଅଭିଯୁକ୍ତ ଦିପକକୁ ଅଦାଲତ ଚାଲାଣ କରିଛି ପୁଲିସ।

# ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ଦ୍ୱାରା କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ବୟାଳିଶମୌଜା,୨୬।୪/ଏନ୍ଏନ୍ଏସ୍:** ସିବିଏସଇ ବୋର୍ଡ ଦ୍ୱାରା ହୋଇଥିବା ଗତ ୨୦୨୬ ଦଶମ ପରୀକ୍ଷାରେ ୪୨ମୌଜା ସ୍ଥିତ କଳପଡା ଅଞ୍ଚଳର ଛାତ୍ରୀ ସୁଶ୍ରୀ ସୁନୟନା ପରିଡ଼ା ୯୬% ରୁ ଅଧିକ ନମ୍ବର ରଖି ସ୍କୁଲ ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଗ୍ରାମାଞ୍ଚଳରେ ବାସ କରୁଥିବା ଜଣେ ଛାତ୍ରୀର ଏଭଳି କୃତିତ୍ୱ ଏ ଅଞ୍ଚଳରେ ଚହଳ ସୃଷ୍ଟି କରିଥିବା ସହିତ ବିଭିନ୍ନ ସଂଗଠନ ପକ୍ଷରୁ ଶୁଭେଚ୍ଛାର ବାର୍ତ୍ତା ଆସିବାରେ ଲାଗିଛି। ବୟାଳିଶମୌଜା ଅନ୍ତର୍ଗତ କଳପଡା ଗ୍ରାମର ପିତା ଦୀପକ ପରିଡା ଓ ମାତା ମୋନାଲିନ



ପରିଡାଙ୍କ କନ୍ୟା ସୁଶ୍ରୀ ସୁନୟନା ପରିଡା, ସେଣ୍ଟ ଜାଭିଅର ହାଇସ୍କୁଲ, କନ୍ଦରପୁରରେ ପିଲାଟି ଦିନରୁ ଅଧ୍ୟୟନକରି ଜଣେ ମେଧାବୀ ଛାତ୍ରୀର ପରିଚୟ ସୃଷ୍ଟି କରିପାରିଥିଲେ। ସିବିଏସଇ ବୋର୍ଡ ୨୦୨୬ ଦଶମ ପରୀକ୍ଷାରେ ୯୬%ରୁ ଅଧିକ ନମ୍ବର ରଖି କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇଥିବା ଖବର ଜାଣିଲା ପରେ ବହୁ ପୁରାତନ ଅଗ୍ରଣୀ ସାମାଜିକ ସଂଗଠନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନର ସଭାପତି ସରୋଜ ନଳିନୀ ପରିଜା, ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ ସଭାପତି ଅଭୟ କୁମାର ଦାସ, ବରିଷ୍ଠ ସଦସ୍ୟ ପ୍ରଭାତ ଖଟୁଆ ଓ ଅନ୍ୟ ସଦସ୍ୟମାନେ ତାଙ୍କ କଳପଡା ସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏଥି ସହିତ ସେଣ୍ଟ୍ ଜାଭିଅର ହାଇସ୍କୁଲ୍‌ର ପ୍ରିନ୍‌ସିପାଲ୍ ପ୍ରଫେସର ଖଲିକୁଜ ଜମାନ୍ ଖାନ୍‌ଙ୍କୁ ମଧ୍ୟ ଉଚ୍ଚ ପ୍ରଶଂସା କରିବା ସହ ସମ୍ବର୍ଦ୍ଧିତ କରିଥିଲେ।

# ପ୍ରାଚୀନ ପରମ୍ପରା ଓ ଭାଇଚାରାର ପ୍ରତୀକ ସାଧୁ ଗୋସେଇଁ ପୀଠ



## ଜମିଲା ଦେଢ଼ଶହ ବର୍ଷର ମା'ଙ୍କରଗୋରଡ଼ି ମେଳଣ

**କୋଣାର୍କ,୨୬।୪/ଏନ୍ଏନ୍ଏସ୍:** କୋଣାର୍କ ଥାନା ଅଧୀନ ମା'ଙ୍କରଗୋରଡି ଗ୍ରାମର ଦୁଇ ଦିନିଆ ମେଳଣ କାର୍ଯ୍ୟକ୍ରମ ଗ୍ରାମର ସାଧୁ ଗୋସେଇଁଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ଜମାଣ ହୋଇଥିବା ବେଳେ ରବିବାର ମେଳଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦେଢ଼ଶହ ବର୍ଷରୁ ଉର୍ଦ୍ଧ ସମୟ ଧରି ଗ୍ରାମର ସାଧୁ ଗୋସେଇଁଙ୍କ ପୀଠରେ ଅନୁଷ୍ଠିତ ଏହି ମେଳଣ ପ୍ରାଚୀନ ପରମ୍ପରା, ସଂସ୍କୃତି ଓ ଗ୍ରାମର ଭାଇଚାରାର ପ୍ରତୀକ ରୂପେ ପାଳିତ ହୋଇ ଆସୁଅଛି।ଶନିବାର ଜମାଣରେ ଗ୍ରାମ ଠାକୁରାଣୀ ମା' ସିଦ୍ଧେଶ୍ୱରୀଙ୍କ ପୀଠ ସ୍ଥଳରୁ ରୀତିନୀତି ଅନୁଯାୟୀ ଗ୍ରାମର ଆରାଧ୍ୟ ଗାଦିବ୍ରହ୍ମ ସୁସଜ୍ଜିତ ବିମାନରେ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକର୍ମା କରି ମେଳଣ ସ୍ଥଳକୁ ବିଜେ କରିଥିବା ବେଳେ ଗାଦିବ୍ରହ୍ମ ଗୋସେଇଁଙ୍କ ସହ ଜୁଣେଇ ଗଡ, ନଗାମଠ, ବନାଖଣ୍ଡି, ଭଗବତୀ ପୀଠର ଆରାଧ୍ୟ ରାଧାକୃଷ୍ଣ ଙ୍କ ଚଳନ୍ତି ପ୍ରତିମା ବିମାନ ଅଧିଷ୍ଠିତ ହୋଇ ସୁସଜ୍ଜିତ ଭାବେ ପାରମ୍ପରିକ ବାଜା, ଘଣ୍ଟ ବଜାଇ ଆଲୋକମାଳାରେ ସୁସଜ୍ଜିତ ହୋଇ ବାଣଫୁଟାଇ ଶୋଭାଯାତ୍ରାରେ ଆସି ମେଳଣପଡିଆରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ମେଳଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗ୍ରାମର ରୀତିନୀତି, ସଂସ୍କୃତି, ପରମ୍ପରା ଓ ଭାଇଚାରାକୁ ବଜାଇ ରଖିବା ପାଇଁ ସମୂହ ସଙ୍ଗତପଙ୍ଗତ ଦୁଇଦିନ ଧରି ଚାଲିଥିଲା। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଗ୍ରାମର ସଭାପତି କୃଷ୍ଣ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ସମ୍ପାଦକ କାର୍ତ୍ତିକ ପ୍ରଧାନ, ସିଲୁ ପ୍ରଧାନ, ପବିତ୍ର ଓଝା, ଦୁର୍ଗା ପ୍ରସନ୍ନ ତ୍ରପାଠୀ, ପ୍ରତାପ ସ୍ୱାଇଁ, ବିପିନି ପରିଡ଼ା, ଦିପୁନା ସ୍ୱାଇଁ, ବିକାଶ ପ୍ରଧାନ, ବାବାଜୀ ରାଉତ, ବିଜୟ ସ୍ୱାଇଁଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

**ନୟାଗଡ଼,୨୬।୪/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପଠାଣି ସାମନ୍ତ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁମିତା ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟଅତିଥି ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଝାଡ଼େଶ୍ୱର ଦାଶ, ବିଡିଓ ଐଶ୍ୱର୍ଯ୍ୟ ଭୂୟାଁ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ରାଘବ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ତାଙ୍କ ବକ୍ତବ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ। ତେବେ ବୈଠକରେ ଜିଲ୍ଲାର କୌଣସି ବିଧାୟକ ଓ ସାଂସଦ ଯୋଗଦେଇ ନଥିବାବେଳେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶ୍ରୀରଘୁନାଥ ଜିଉଙ୍କୁ ଦର୍ଶନକଲେ ଜିଲ୍ଲାପାଳ



## ସିଂହାସନ ରୂପା ଛାଉଣୀ ଓ ରାମବିହାର କାର୍ଯ୍ୟ ସାରିବାକୁ ସେବାସୀଙ୍କ ଦାବି

**ଓଡ଼ଗାଁ,୨୬।୪/ଏନ୍ଏନ୍ଏସ୍:** ନୟାଗଡ ଜିଲ୍ଲାପାଳ ମଧୁମିତା ରଥ ରବିବାର ଓଡ଼ଗାଁ ଶ୍ରୀରଘୁନାଥ ଜିଉ ମନ୍ଦିର ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ତାଙ୍କବାନ୍ଧବୀ ଏବଂ ଓଡ଼ଗାଁ ତହସିଲଦାର ଡ଼. ମାନସ ରଞ୍ଜନ ଭୋଇ ଉପସ୍ଥିତଥିଲେ। ମନ୍ଦିରରେ ପ୍ରଭୁ ଶ୍ରୀରାମ,ମାତା ଜାନକୀ ଓ ଭ୍ରାତା ଲକ୍ଷ୍ମଣଙ୍କୁ ଦର୍ଶନକରି ପ୍ରଭୁକୃପା ଲାଭ କରିଥିଲେ। ରାଜା ରାଜୁଡ଼ା ସମୟର ମନ୍ଦିରର କାରୁକାର୍ଯ୍ୟ ଦେଖି ଜିଲ୍ଲାପାଳ ବିମୋହିତ ହୋଇଥିଲେ। ଏହାସହିତ ମନ୍ଦିର ଚତୁପାର୍ଶ୍ୱ ଦେବାଦେବୀ ଅବସ୍ଥାନ କରିଥିବାରୁ ମନ୍ଦିର ଶୋଭା ବୃଦ୍ଧିପାଉଛି। ଏହି ସମୟରେ ମନ୍ଦିର ପୂଜକ ଓ ସେବାସୀମାନେ ମନ୍ଦିରର ସିଂହାସନକୁ ରୂପା ଛାଉଣୀ କରିବାପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗତ ୩ ବର୍ଷ ତଳେ ମନ୍ଦିର ବିକାଶ ପାଇଁ ପୂର୍ବ ସରକାର ସାଢ଼େ ତିନିକୋଟି ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ଏଥିରେ ମନ୍ଦିର ମରାମତି, ରାମବିହାର ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ସୁବଳୟା ପାହାଡ କାର୍ଯ୍ୟ କରିବାକୁ ଲକ୍ଷ ରହିଥିଲା। କିନ୍ତୁ ତାହା ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ସେ ସବୁକାମ ସାରିବାକୁ ଜିଲ୍ଲାପାଳଙ୍କ ନିକଟରେ ସେବାସୀମାନେ ଦାବି ରଖିଥିଲେ। ଜିଲ୍ଲାପାଳ ପୂର୍ତ୍ତବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନ କରିବେବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ସୁପରଭାଇଜର ଜିତେନ୍ଦ୍ର କୁମାର ମିଶ୍ର ଓ ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ଉପସ୍ଥିତ ଥିବା ଜଣାପଡ଼ିଛି।

### ପ୍ରଧାନମନ୍ତ୍ରୀଙ୍କ ୧୩୩ ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ

# 'ମୋଦୀଙ୍କ ଶକ୍ତିଶାଳୀ ଚିନ୍ତାଧାରା ଜନସେବାର ମନୋଭାବକୁ ମଜ୍‌ଭୁତ କରିଥାଏ'

### ରାଜ୍ୟ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ଶୁଣିଲେ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୬ା୪/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଥା ଶୁଣିବା ସର୍ବଦା ପ୍ରେରଣାଦାୟକ। ତାଙ୍କର ଶକ୍ତିଶାଳୀ ଚିନ୍ତାଧାରା ଜନସେବାର ମନୋଭାବକୁ ଆହୁରି ମଜ୍‌ଭୁତ କରିଥାଏ। ମୋଦୀଙ୍କ ନେତୃତ୍ୱରେ ଭାରତ ଗତ ୧୧ ବର୍ଷ ଧରି ପ୍ରତ୍ୟେକ କ୍ଷେତ୍ରରେ ନୂତନ ରେକର୍ଡ ସ୍ଥାପନ କରିଆସୁଛି। ସେ ନେଉଥିବା ପଦକ୍ଷେପ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ କହିଛନ୍ତି। ଏଥିସହ ମୋଦୀ ଆହ୍ୱାନ ଦେଇଥିବା ଜନଗଣନା ଅଭିଯାନରେ ନିଜର ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ରାଜ୍ୟବାସୀଙ୍କୁ ଶ୍ରୀ ସାମଲ ଅନୁରୋଧ କରିଛନ୍ତି।ଭୁବନେଶ୍ୱରସ୍ଥିତ ଏକାମ୍ର ନିର୍ବାଚନ ମଣ୍ଡଳୀର ୧୧୯ ନମ୍ବର ବୁଥ୍‌ରେ ମୋଦୀଙ୍କ "ମନ୍ କୀ ବାତ୍" ରେଡିଓ କାର୍ଯ୍ୟକ୍ରମ ଶୁଣିବା ଅଅବସରରେ ଶ୍ରୀ ସାମଲ ଏହା କହିଛନ୍ତି।

ପ୍ରତିଥର ପରି ପ୍ରଧାନମନ୍ତ୍ରୀ ୧୩୩ ତମ "ମନ୍ କୀ ବାତ୍" କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। ଏହା କେବଳ ଏକ ରେଡିଓ କାର୍ଯ୍ୟକ୍ରମ ନୁହେଁ ବରଂ ଦେଶର ସାଧାରଣ ଜନତାଙ୍କ ସଂଘର୍ଷ, ସଫଳତା ଏବଂ ଦେଶ ଗଠନର ଏକ ସଶକ୍ତ ମାଧ୍ୟମ। ଆଜି ଭୁବନେଶ୍ୱରସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ମଧ ବିଧାନସଭା ନିର୍ବାଚନ ମଣ୍ଡଳୀର ୧୦୨ ଓ ୧୦୩ ତମ ବୁଥ୍ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ





ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଏହି କାର୍ଯ୍ୟକ୍ରମ ଶୁଣିଥିଲେ।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ମୋଦିଜୀ ପ୍ରଧାନମନ୍ତ୍ରୀ ହେବା ଦିନଠୁ ଏହି କାର୍ଯ୍ୟକ୍ରମ ଜରିଆରେ ସାରା ଦେଶର କୋଣ ଅନୁକୋଣରେ ଚାଲିଥିବା ଘଟଣାବଳୀ, ବ୍ୟକ୍ତି ବିଶେଷଙ୍କ ଉଲ୍ଲେଖନୀୟ କାର୍ଯ୍ୟ, ସାଧାରଣ ଲୋକଙ୍କ ସଫଳତା, ନାରୀ ସଶକ୍ତୀକରଣ ଉପରେ ବାର୍ତା ଦେଇଥାନ୍ତି। ଏହି କ୍ରମରେ ଓଡ଼ିଶାରେ ମହିଳା, ଯୁବକ, ଚାଷୀ ଓ ଉଦ୍ୟୋଗୀମାନଙ୍କ ସଫଳତା ବିଷୟରେ ମୋଦିଜୀ ଅନେକ ସମୟରେ "ମନ୍ କୀ ବାତ୍" କାର୍ଯ୍ୟକ୍ରମ ଜରିଆରେ ଲୋକଲୋଚନଙ୍କୁ ଆଣିଛନ୍ତି। ଆଜିର "ମନ୍ କୀ ବାତ୍" କାର୍ଯ୍ୟକ୍ରମ ଜରିଆରେ ମୋଦିଜୀ ପାରମାଣବିକ ଶକ୍ତି, ପବନ ଶକ୍ତି ଓ ସୌରଶକ୍ତି କ୍ଷେତ୍ରରେ ଦେଶର ଉପଲବ୍ଧତା ବିଷୟରେ କହିବା ସହ ଭାରତୀୟ ଜ୍ଞାନ ପରମ୍ପରାର ପ୍ରତୀକ ବୁଦ୍ଧ ଦର୍ଶନ, ଡିଜିଟାଲାଇଜେଶନ, ନାରୀମାନଙ୍କ ସଫଳତା, ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ବାଉଁଶ ଗଛ ବିଷୟରେ ଉପସ୍ଥାପନ କରିଥିଲେ। ଏସବୁ ବିଷୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ। "ମନ୍ କୀ ବାତ୍" କାର୍ଯ୍ୟକ୍ରମ ପରେ ତୃଣମୂଳସ୍ତରରେ ବୁଥ୍‌କୁ ମଜ୍‌ଭୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୧୦୩ ନମ୍ବର ବୁଥ୍ ଓ ଶ୍ରୀ ପୂଜାରୀ ୧୦୨ ନମ୍ବର ବୁଥ୍ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ସମେତ ଉପସ୍ଥିତ ନେତୃବୃନ୍ଦ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢ଼ାଲି, ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର, ବରିଷ୍ଠ ନେତା ମହେଶ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଭୁବନେଶ୍ୱରସ୍ଥିତ ଉତ୍ତର ନିର୍ବାଚନମଣ୍ଡଳୀର ୨୦୫ ନମ୍ବର ବୁଥ୍‌ରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ "ମନ୍ କୀ ବାତ୍" କାର୍ଯ୍ୟକ୍ରମ ଶୁଣିଥିଲେ। ଏହି ଅବସରରେ ବିଧାୟକ ବାବୁ ସିଂ, ରାଜ୍ୟ ସମ୍ପାଦକ ସରୋଜ କର, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ରାଜ୍ୟ ସହ କୋଷାଧକ୍ଷ ଦିବାକର ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ "ମନ୍ କୀ ବାତ୍" କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## 'ମନ୍ କୀ ବାତ୍' ଜନସମ୍ବାଦର ମାଧ୍ୟମ ହୋଇଛି: ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୬ା୪/ଏନ୍‌ଏନ୍‌ଏସ୍:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୁଳ ଜିଲ୍ଲା ତାଳଚେର କଣିହାଁ ବ୍ଲକ ସ୍ଥିତ ନିଜ ପୈତୃକ ଗ୍ରାମ ନାଲମ ଗସ୍ତ କରି ଦଳୀୟ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଲୋକଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କୀ ବାତ୍'ର ୧୩୩ତମ ସଂସ୍କରଣ ଶୁଣିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଦେଶବ୍ୟାପୀ ଜନସମ୍ବାଦର ଏକ ପ୍ରଭାବଶାଳୀ ମାଧ୍ୟମ ପାଲଟିଛି, ଯାହା ସମାଜରେ ସକାରାତ୍ମକ ଚିନ୍ତାଧାରା ଓ ସଚେତନତା ସୃଷ୍ଟି କରିବା ସହ ରାଷ୍ଟ୍ର ନିର୍ମାଣକୁ ଗତି ପ୍ରଦାନ କରୁଛି। ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ନେଇ ଧର୍ମେନ୍ଦ୍ର ପ୍ରକାଶ କରିଛନ୍ତି ଯେ, ପରମାଣୁ କାର୍ଯ୍ୟକ୍ରମ କ୍ଷେତ୍ରରେ ଆମ ବୈଜ୍ଞାନିକଙ୍କ ସଫଳତା ଏବଂ ଗଣିତରେ କନ୍ୟାରତ୍ନଙ୍କ ପ୍ରତିଭା ଦେଶ ପାଇଁ ଗର୍ବର ବିଷୟ। ସ୍ଥାନୀୟ ବାଉଁଶ ସାମଗ୍ରୀକୁ ଉପହାର ଭାବେ



ବ୍ୟବହାର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ 'ଭୋକାଲ୍ ଫର୍ ଲୋକାଲ୍' ଅଭିଯାନକୁ ଆହୁରି ଶକ୍ତିଶାଳୀ କରିବ। ଭଗବାନ ବୁଦ୍ଧଙ୍କ ଶିକ୍ଷା ଓ ରବୀନ୍ଦ୍ରନାଥ ଟାଗୋରଙ୍କ ସ୍ମୃତିଚାରଣ ସହ ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ଓଡ଼ିଶା ସମେତ ସମଗ୍ର ଦେଶବାସୀଙ୍କୁ ଏକ ସଶକ୍ତ ଭାରତ ଗଠନ ପାଇଁ ନୂତନ ପ୍ରେରଣା ଯୋଗାଇଛି। ପ୍ରଧାନମନ୍ତ୍ରୀ 'ଡିଜିଟାଲ ଜନଗଣନା ୨୦୨୭' ପାଇଁ ଯେଉଁ ଆହ୍ୱାନ ଦେଇଛନ୍ତି, ତାହା ଦେଶର ପ୍ରଗତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସମସ୍ତେ ଏହି ମହତ୍ ଅଭିଯାନର ଅଂଶବିଶେଷ ହୋଇ ବିକଶିତ ଭାରତର ସଂକଳ୍ପକୁ ସାକାର କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି।

### ବିଧାନସଭା ପରିସରରେ କୃଷ୍ଣଚନ୍ଦ୍ର ଗଜପତିଙ୍କୁ ଶ୍ରଦ୍ଧାଞ୍ଜଳି

# ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ ପାରଳା ମହାରାଜାଙ୍କ ନାମ

**ଭୁବନେଶ୍ୱର,୨୬ା୪/ଏନ୍‌ଏନ୍‌ଏସ୍:** ଆଜି ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରମୁଖ କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରକାଶ ଯେ ନବଉତ୍କଳର ନିର୍ମାତା, ବିଚ୍ଛିନ୍ନ ଉତ୍କଳର ଏକତ୍ରିକରଣର କର୍ଣ୍ଣଧାର, ସାହିତ୍ୟାନୁରାଗୀ, ସୁଶାସକ ତଥା ପ୍ରଜାବତ୍ସଳ, ଦାନବୀର ରୂପେ ସର୍ବଜନବିଦିତ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଉତ୍କଳମାତାର ସେବାରେ ନିଜକୁ ନିୟୋଜିତ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ୧୮୯୨ ମସିହା ଅପ୍ରେଲ ୨୬ ତାରିଖରେ ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡିର ରାଜପରିବାରରେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ପିତା ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ଓ ମାତା ରାଧାମଣି ଦେବୀଙ୍କର କୋଳମଣ୍ଡନ କରିଥିଲେ। ୧୯୭୪ ମସିହା ମଇ ମାସ ୨୫ ତାରିଖରେ ୮୨ ବର୍ଷ ବୟସରେ ପାରଳାଖେମୁଣ୍ଡି ସହରରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ



କର୍ମମୟ ଜୀବନର ଅବସାନ ଘଟିଥିଲା। ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାରେ ତାଙ୍କର ଅଦମ୍ୟ ପ୍ରଚେଷ୍ଟା ଥିଲା ଅତୁଳନୀୟ। ଜଣେ ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ତଥା ସୁଶାସକ ଭାବେ ତାଙ୍କର ନାମ ଚିରଦିନ ପାଇଁ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଉତ୍କଳ ସମ୍ମିଳନୀ ଓ ପୂଜ୍ୟପୂଜା ସଂସଦର ସଦସ୍ୟବୃନ୍ଦ, ପାରଳା ଗଜପତି ବିକାଶ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତଥିଲେ। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା। ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବଢୁଛନ୍ତି ରୋଗୀ, ଖାଲି ପଡ଼ିଛି ପଦବୀ

**ଭୁବନେଶ୍ୱର,୨୬ା୪ /ଏନ୍‌ଏନ୍‌ଏସ୍:** ରାଜ୍ୟର ସରକାରୀ ଡାକ୍ତରଖାନାଗୁଡ଼ିକରେ ବର୍ଷକୁ ବର୍ଷ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଡାକ୍ତରଙ୍କ ଠାରୁ ଫର୍ମାସିଷ୍ଟ ଓ ନର୍ସଙ୍କ ପର୍ଯ୍ୟନ୍ତ ସମସ୍ତ ମଞ୍ଜୁରୀପ୍ରାପ୍ତ ପଦବୀ ପୂରଣ ହୋଇପାରୁ ନାହିଁ। ଫଳରେ ଅନେକ ସ୍ଥାନରେ ରୋଗୀମାନେ ଘରୋଇ ଡାକ୍ତରଖାନାକୁ ଯିବାକୁ ଏକ ପ୍ରକାର ବାଧ ହେଉଛନ୍ତି। ୨୦୨୦-୨୧ ମସିହାରେ ରାଜ୍ୟରେ ସରକାରୀ ଡାକ୍ତରଖାନାର ବହିଃବିଭାଗରେ ୫କୋଟି ୬୯ଲକ୍ଷ ରୋଗୀ ଚିକିତ୍ସିତ ହୋଇଥିବାବେଳେ ୨୦୨୧-୨୨ବର୍ଷରେ ଏହା ସାଢ଼େ ୬ କୋଟିକୁ ଅତିକ୍ରମ କରିଥିଲା। ୨୦୨୨-୨୩ ବର୍ଷରେ ଏହା ୮କୋଟି ୪୦ଲକ୍ଷକୁ ଟପିଥିବାବେଳେ ୨୦୨୩-୨୪ ରେ ସାଢ଼େ ୯ କୋଟିରେ ପହଞ୍ଚିଥିଲା। ତେବେ ୨୦୨୪-୨୫ ବର୍ଷରେ ଏହା ୧୦କୋଟି ୫୬ଲକ୍ଷକୁ ଅତିକ୍ରମ କରିଯାଇଛି। କେବଳ ବହିଃବିଭାଗ ନୁହେଁ, ଏହି ବର୍ଷଗୁଡିକରେ ଡାକ୍ତରଖାନରେ ଭର୍ତ୍ତିହୋଇ ଚିକିତ୍ସିତ ହୋଇଥିବା ଇନ୍‌ଡୋର ରୋଗୀମାନଙ୍କର ସଂଖ୍ୟା ବି ବଢ଼ିଛି। ୨୦୨୪-୨୫ ବର୍ଷରେ ଏଭଳି ରୋଗୀଙ୍କ ସଂଖ୍ୟା ୫ କୋଟିକୁ ଟପିଛି। ରୋଗୀମାନଙ୍କ ଚିକିତ୍ସା ପାଇଁ ଆବଶ୍ୟକ ସଂଖ୍ୟକ ଚିକିତ୍ସକ ନାହାନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନଦଣ୍ଡ ଅନୁଯାୟୀ ପ୍ରତି ୧୦୦୦ ଲୋକଙ୍କ ପାଇଁ ଜଣେ ଡାକ୍ତର ନିଯୁକ୍ତି ହେବାକୁ ଥିବାବେଳେ ଓଡିଶାରେ ୧୨୭୫ ଲୋକଙ୍କ ପାଇଁ ରାଜ୍ୟରେ ଜଣେ ଡାକ୍ତର ରହିଛନ୍ତି। ତେବେ ରାଜ୍ୟରେ



ପାଖପାଖି ୪ହଜାର ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ସ୍ଥିତି କେତେକ ସ୍ଥାନରେ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ବିଶେଷକରି ଜିଲ୍ଲାସ୍ତରୀୟ ଡାକ୍ତରଖାନାଗୁଡ଼ିକରେ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡୁଥିବାରୁ ରୋଗୀମାନେ ବାଧହୋଇ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏପରିକି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ସାଜ ସରଞ୍ଜାମ ଓ ଶଲ୍ୟ ଚିକିତ୍ସିକ ରହୁଥିଲେ ମଧ ଅନେକ ସ୍ଥାନରେ ନିଶ୍ଚେତକ ଡାକ୍ତରଙ୍କ ଅନୁପସ୍ଥିତ ପାଇଁ ଛୋଟକାଟର ଅପରେସନ ବି ହୋଇପାରୁ ନାହିଁ। କେବଳ ଡାକ୍ତର ନୁହନ୍ତି ସରକାରୀ ଡାକ୍ତରଖାନାଗୁଡିକରେ ନର୍ସଙ୍କ ଠାରୁ ଆରମ୍ଭ କରି ଫର୍ମାସିଷ୍ଟଙ୍କ ପର୍ଯ୍ୟନ୍ତ ବହୁ ମଞ୍ଜୁରୀପ୍ରାପ୍ତ ପଦ ପଦବୀ ଖାଲି ପଡ଼ିଛି। ରାଜ୍ୟରେ ୨୧,୩୯୪ ମଞ୍ଜୁରୀପ୍ରାପ୍ତ ନର୍ସିଂ ଅଫିସର ପଦବୀ ମଧ୍ୟରୁ ୬୨୩୧ ପଦବୀ ଖାଲି ଥିବାବେଳେ ୨୭୨୨ଫର୍ମାସିଷ୍ଟ ପଦବୀ ମଧ୍ୟରୁ ୧୩୭୬ ଖାଲି ପଡ଼ିଛି। ୧୫୧୧ ଲାବରୋଟାରୀ ଟେକ୍ନିସିଆନ ପଦବୀ ମଧ୍ୟରୁ ୫୦୫ଟି ଖାଲି ଥିବାବେଳେ ୬୭୩ ରେଡିଓଗ୍ରାଫର ପଦବୀ ମଧ୍ୟରୁ ୨୪୦ ଖାଲି ପଡ଼ିଛି। ସେହିଭଳି ସରକାରୀ ମେଡିକାଲ୍ କଲେଜଗୁଡ଼ିକରେ ଥିବା ୩୯୦ ଟି ପ୍ରଫେସର ପଦବୀ ମଧ୍ୟରୁ ୧୩୮ଟି ଖାଲି ଥିବାବେଳେ ୫୯୧ ସହଯୋଗୀ ପ୍ରଫେସର ପଦବୀରୁ ୩୬୨ଟି ଓ ୧୦୭୮ ସହକାରୀ ପ୍ରଫେସର ପଦବୀ ମଧ୍ୟରୁ ୫୨୬ଟି ଖାଲି ପଡ଼ିଛି। ଜିଲ୍ଲାସ୍ତରରୁ ମେଡିକାଲ୍ କଲେଜ ପର୍ଯ୍ୟନ୍ତ ଏତେ ସଂଖ୍ୟକ ପଦ ପଦବୀ ଖାଲି ପଡ଼ିବା ଫଳରେ ରୋଗୀମାନେ ବାଧ ହୋଇ ଘରୋଇ ଡାକ୍ତରଖାନା ମୁହାଁ ହେବାରେ ଲାଗିଛନ୍ତି। ଏଥିପାଇଁ ବହୁ କ୍ଷେତ୍ରରେ ରୋଗୀମାନେ ବ୍ୟାପକ ଖର୍ଚ୍ଚାନ୍ତ ହେବା ସହିତ ଧାର କରଜ କରିବାକୁ ବାଧ ହେଉଛନ୍ତି।

**ପୂରଣ ହେଉନି ଡାକ୍ତର, ଫର୍ମାସିଷ୍ଟ୍ ଓ ନର୍ସ ପଦବୀ**

**ଘରୋଇ ଡାକ୍ତରଖାନାକୁ ଯିବାକୁ ବାଧ ହେଉଛନ୍ତି ରୋଗୀ**

**ପାଖପାଖି ଖାଲିପଡ଼ିଛି ୪ହଜାର ଡାକ୍ତର ପଦବୀ**

**୨୧,୩୯୪ ନର୍ସିଂ ଅଫିସର ପଦବୀରୁ ୬୨୩୧ ଖାଲି**

**୨୭୨୨ଫର୍ମାସିଷ୍ଟ୍ ପଦବୀ ମଧ୍ୟରୁ ୧୩୭୬ ଖାଲି**

## ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୨୬ା୪/ଏନ୍‌ଏନ୍‌ଏସ୍:** ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅପୂର୍ବ ନେତୃତ୍ୱ ପ୍ରଦାନ କରିଥିବା ନବଉତ୍କଳର ନିର୍ମାତା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଓଡ଼ିଆ ଜାତିର ସ୍ୱାଭିମାନ ଓ ଅସ୍ମିତାର ଏକ ଅବିସ୍ମରଣୀୟ ପ୍ରତୀକ ଭାବେ ସଦା ସ୍ମରଣୀୟ। ତାଙ୍କର ଦୂରଦୃଷ୍ଟି, ପ୍ରଜାନୁରଞ୍ଜନ ଶାସନ ଓ ରାଜ୍ୟ ଗଠନରେ ଅବଦାନ ଓଡ଼ିଶାର ଇତିହାସକୁ ଏକ ଦୃଢ଼ ଭିତ୍ତି ପ୍ରଦାନ କରିଛି। ଏହି ଅବସରରେ ରବିବାର ସକାଳ ୮ ଘଟିକା ସମୟରେ ଭୁବନେଶ୍ୱରସ୍ଥିତ ପରିବହନ ଭବନ ସମ୍ମୁଖ ଏଜି ଛକରେ ଅବସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ



ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା।ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ଓ ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ଏହାସହ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସହକାରୀ ଅର୍ଥ ପରାମର୍ଶଦାତା ତଥା ଉପ ଶାସନ ସଚିବ ପୃଥ୍ୱୀରାଜ ପାଣି, ସହକାରୀ ନିର୍ଦ୍ଦେଶକ ଦୀପକ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା, ପ୍ରମୋଦିନୀ ଟେଟେ, ସୁଜିତ ରଞ୍ଜନ ସ୍ୱାଇଁ ଓ ଏମ୍. ଅଭିଶେକ୍ ସହିତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ, ସଂସ୍କୃତି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପାରଳା ଗଜପତି ବିକାଶ ମଞ୍ଚର କର୍ମକର୍ତ୍ତା, ବିଭିନ୍ନ ସାମାଜିକ ଅନୁଷ୍ଠାନର ପ୍ରତିନିଧି, ବୁଦ୍ଧିଜୀବୀ ଓ ସାଧାରଣ ଲୋକମାନେ ଯୋଗଦେଇ ମହାନ ବ୍ୟକ୍ତିତ୍ୱଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ମହିଳା ସଂରକ୍ଷଣ ବିଲ୍‌କୁ ନେଇ ବିଜେପି ଉପରେ ବର୍ଷିଲା ବିଜେଡି

**ଭୁବନେଶ୍ୱର,୨୬ା୪/ଏନ୍‌ଏନ୍‌ଏସ୍:** ମହିଳା ସଂରକ୍ଷଣ ବିଲକୁ ନେଇ ବିଜେପି ଉପରେ ବର୍ଷିଛି ବିଜେଡି। ୨୦୨୩ ମସିହାରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ନାମରେ ମହିଳା ସଂରକ୍ଷଣ ବିଲ ସଂସଦର ଉଭୟ ଗୃହରେ ପାରିତ ହେବା ସହିତ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲେ ମଧ ଏହାକୁ ୨୦୨୪ ନିର୍ବାଚନରେ ଲାଗୁ କରି ନଥିବା ବିଜେପି ଏବେ ବିରୋଧୀଙ୍କ ଅସହଯୋଗ ଯୋଗୁ ମହିଳା ସଂରକ୍ଷଣ ବିଲ ପାରିତ ହେଲା ନାହିଁ ବୋଲି ମିଛ ଅଭିଯୋଗ କରି ବିଜେପି ଯେଉଁ ଜନଆକ୍ରୋଶ ରାଲି ନାମରେ ଦେଶରେ ନାଟକ କରୁଛି। ମହିଳାମାନଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ କରିଥିବା ବିଜେପି ସେହି ମହିଳା ମାନଙ୍କୁ ବ୍ୟବହାର କରି ତାଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାର ବିଜେପିର ଏହି ମିଛ ପ୍ରଚାର ଉପରେ ବର୍ଷିଥିଲେ।



ଶ୍ରୀମତୀ ଦେଓ କହିଛନ୍ତି ଦେଶର ସମସ୍ତ ରାଜନୈତିକ ଦଳର ସମର୍ଥନରେ ୨୦୨୩ ମସିହାରେ, ଦେଶର ସଂସଦ ଓ ବିଧାନସଭାରେ ମହିଳା ମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ କରିବା ପାଇଁ ନାରୀ ଶକ୍ତି ବନ୍ଦନ ଅଧିନିୟମ ପାରିତ ହୋଇଥିଲା। ସମସ୍ତେ ଆଶା କରିଥିଲେ, ଏହାକୁ ତୁରନ୍ତ ୨୦୨୪ ସାଧାରଣ ନିର୍ବାଚନରେ ଲାଗୁ କରାଯିବ। କିନ୍ତୁ, ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏହାକୁ ଲାଗୁ କରି ନଥିଲା। ୨୦୨୬ ମସିହାରେ ଜନ ଗଣନା ହେବାକୁ ଯାଉଥିବାରୁ ଏହି ଜନ ଗଣନା ଆଧାରରେ ସଂସଦ ଓ ବିଧାନସଭା ଆସନ ଗୁଡିକର ସୀମା ପୁନଃ ନିର୍ଦ୍ଧାରଣ ହେବା ପରେ ଏହାକୁ ଲାଗୁ କରାଯିବ ବୋଲି ବିଜେପି ପକ୍ଷରୁ କୁହାଯାଇଥିଲା। କିନ୍ତୁ, ଦେଶର ପାଞ୍ଚଟି ରାଜ୍ୟରେ ନିର୍ବାଚନ ଚାଲିଥିବା ସମୟରେ ହଠାତ ସଂସଦର ବିଶେଷ ଅଧିବେଶନ ଡାକି ମହିଳା ସଂରକ୍ଷଣ ସହିତ ୨୦୧୧ ଜନଗଣନା ଆଧାରରେ ସୀମା ପୁନଃ ନିର୍ଦ୍ଧାରଣକୁ ପାରିତ କରାଯିବାକୁ ଉଦ୍ୟମ କରାଗଲା। ଯେହେତୁ ପ୍ରସ୍ତାବିତ ସୀମା ପୁନଃ ନିର୍ଦ୍ଧାରଣରେ ଓଡିଶା ସମେତ ସମସ୍ତ ଦକ୍ଷିଣାଞ୍ଚଳ ଓ ପୂର୍ବତର ରାଜ୍ୟ ଗୁଡିକର ପ୍ରତିନିଧିତ୍ୱ ହ୍ରାସ ପାଉଥିଲା, ସେଥିପାଇଁ ବିରୋଧୀ ଦଳ ମାନେ ଏହାକୁ ସମର୍ଥନ ଦେଇ ନଥିଲେ। ଏହି ବିଲ କାଟ ଖାଇଯିବା ପରେ ବିଜେପି ବିରୋଧୀ ଦଳ ମାନଙ୍କୁ ମହିଳା ବିରୋଧୀ କହି ନାଟକ କରୁଛି ବୋଲି ଶ୍ରୀମତୀ ଦେଓ କହିଛନ୍ତି।

ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ତରଫରୁ ମହିଳା ମାନଙ୍କୁ ପ୍ରାର୍ଥୀ କରିବା କ୍ଷେତ୍ରରେ ଆଦୌ ଅଗ୍ରାଧିକାର ଦିଆଯାଇନଥିଲା। ଅପରପକ୍ଷରେ ବିଜୁ ଜନତା ଦଳ ତରଫରୁ ଦଳର ସଭାପତି ନବୀନ ପଟ୍ଟନାୟକ ରାଜ୍ୟର ୩୩ ପ୍ରତିଶତ ସଂସଦୀୟ କ୍ଷେତ୍ରରେ ମହିଳା ପ୍ରାର୍ଥୀ ଦେଇଥିଲେ। ୨୦୧୯ ନିର୍ବାଚନରେ ମଧ ବିଜେଡି ୩୩ ପ୍ରତିଶତ ସଂସଦୀୟ କ୍ଷେତ୍ରରେ ମହିଳା ପ୍ରାର୍ଥୀ ଦେଇଥିଲା। ଏଥିରୁ, ମହିଳା ସଂରକ୍ଷଣ ବିଲ ବା ମହିଳା ସଶକ୍ତିକରଣ କ୍ଷେତ୍ରରେ ବିଜୁ ଜନତା ଦଳ ସର୍ବାଗ୍ରେ ରହିଛି। ଦେଶରେ ମହିଳା ମାନଙ୍କୁ ସାମ୍ବିଧାନିକ ପଦବୀର ସ୍ଥାନ ସଂରକ୍ଷଣ ପ୍ରକ୍ରିୟା ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ୧୯୯୨ ମସିହାରେ, ବିଜୁବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ସମୟରେ ରାଜ୍ୟର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଓ ଅର୍ବାନ ଲୋକାଲ ବଡି ଗୁଡିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ। ବିଜୁ ବାବୁଙ୍କ ସୁପୁତ୍ର ନବୀନ ବାବୁ ଏହି ସଂରକ୍ଷଣକୁ ୫୦ପ୍ରତିଶତକୁ ବୃଦ୍ଧି କରିଥିଲେ। ଏହାଛଡ଼ା, ୨୦୧୮ ମସିହାରେ, ମହିଳା ମାନଙ୍କୁ ସଂସଦ ଓ ବିଧାନସଭାରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ପ୍ରଦାନ କରିବା ପାଇଁ ଓଡ଼ିଶା ବିଧାନସଭାରେ ଏକ ସଙ୍କଳ୍ପ ପାରିତ କରାଇବା ସହିତ ଦେଶର ୨୨ଟି ରାଜନୈତିକ ଦଳକୁ ବିଜେଡିର ବରିଷ୍ଠ ପ୍ରତିନିଧିମଣ୍ଡଳୀ ଭେଟି ଏହା ସପକ୍ଷରେ ମତ ଦେବାକୁ ପ୍ରବର୍ତ୍ତାଇ ଥିଲେ। ମହିଳା ସଂରକ୍ଷଣ କ୍ଷେତ୍ରରେ ବିଜୁ ଜନତା ଦଳ ଓ ଏହାର ସଭାପତନବୀନ ପଟ୍ଟନାୟକଙ୍କ ଭୂମିକା ସର୍ବାଗ୍ରେ ରହିଛି। କିନ୍ତୁ, ବିଜେପି ମିଛ ପ୍ରଚାର କରି ରାଜ୍ୟ ତଥା ଦେଶବାସୀଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛି ବୋଲି ଶ୍ରୀମତୀ ସାମନ୍ତସିଂହାର କହିଛନ୍ତି।

## 'ମହିଳାଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରିଛନ୍ତି ବିରୋଧୀ'



**ଭୁବନେଶ୍ୱର,୨୬ା୪/ଏନ୍‌ଏନ୍‌ଏସ୍:** ବିରୋଧୀ ବିଜେଡି ମହିଳା ସଂରକ୍ଷଣ ବିଲ୍ କୁ ନେଇ ଆଣିଥିବା ଅଭିଯୋଗର ଜବାବ ରଖିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ଶ୍ରୀ ସାମଲ କହିଛନ୍ତି ଯେ ମହିଳା ସଂରକ୍ଷଣ ବିଲ୍‌କୁ ନେଇ ବିଧାନସଭାରୁ ପଞ୍ଚାୟତ ପର୍ଯ୍ୟନ୍ତ ବିଜେପି ନିନ୍ଦା ପ୍ରସ୍ତାବ ପାରିତ କରିବ। ବିଜେପି ବିଧାନସଭାରୁ ସାମାଜିକ ଅନୁଷ୍ଠାନ ପର୍ଯ୍ୟନ୍ତ ଏହା ଉପରେ ଆଲୋଚନା କରିବ। ସବୁଠି ନିନ୍ଦା ପ୍ରସ୍ତାବ ପାରିତ ହେବ। ପଞ୍ଚାୟତ, ବ୍ଲକ, ଜିଲ୍ଲା ପରିଷଦ, ଗ୍ରାମ ସଭା ପର୍ଯ୍ୟନ୍ତ ନିନ୍ଦା ପ୍ରସ୍ତାବ ପାରିତ ହେବ। ବିରୋଧୀ ହୀନ ଚକ୍ରାନ୍ତ କରି ମହିଳାଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରିଛନ୍ତି, ଏହା ବିରୋଧୀଙ୍କୁ ମହାଙ୍ଗା ପଡ଼ିବ ବୋଲି ରାଜ୍ୟ ବିଜେପି ସଭାପତି ଶ୍ରୀ ସାମଲ କହିଛନ୍ତି।

## ବିଶ୍ୱଶାନ୍ତି ଯଜ୍ଞ ଉପଲକ୍ଷେ ଭଜନ ସମାରୋହ

**ଭୁବନେଶ୍ୱର,୨୬।୪ /ଏନ୍ଏନ୍ଏସ୍:** ପ୍ରତିବର୍ଷ ପରି ଚଳିତବର୍ଷ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ମା' ସନ୍ତୋଷୀଦେବୀଙ୍କ ୧୯ତମ ବାର୍ଷିକ ଉତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ଧରି ସ୍ଥାନୀୟ ବରମୁଣ୍ଡା ଗ୍ରାମଠାରେ ପାଳିତ ହୋଇଯାଇଛି। ପିପିଲିରୁ ଏକ ଘଣ୍ଟୁଆ, ପଞ୍ଜାବୀ ଢୋଲ ବାଜା ଓ ବାଣ ଫୁଟାଯାଇ ୨୧ଜଣ ଭକ୍ତ ଏକ କଳସ ଶୋଭାଯାତ୍ରାରେ ମା' ସନ୍ତୋଷୀ ଦେବୀଙ୍କ ପୀଠ ଠାରୁ ଶୁଭାରମ୍ଭ କରାଯାଇଥିଲା। ଏହି କଳସ ଯାତ୍ରା ନୀଳକଣ୍ଠେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇ ବରମୁଣ୍ଡା ଗ୍ରାମ ପରିକ୍ରମା କରିଥିଲା। ଏହି ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବରେ କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା, କର୍ପୋରେଟର ରାମଚନ୍ଦ୍ର ସିଂ, ଓଡ଼ିଶା ବିଧାନସଭାର ପୂର୍ବତନ ସଚିବ ଦାଶରଥି ଶତପଥି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୂର୍ବତନ ଉପ-ସଚିବ ସୁରେନ୍ଦ୍ର କୁମାର ଶତପଥି, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସାଧାରଣ ସମ୍ପାଦକ ସନତ ମିଶ୍ର, ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା, ଦେବକାନ୍ତ ମହାପାତ୍ର, ବିଜୟ କୁମାର ପଣ୍ଡା ଓ ସୁମନ୍ତ ପଣ୍ଡା, ରାଇଜିଂ ଇଣ୍ଡିଆ ସିଟିଜେନ ଫୋରମ୍ର ସମ୍ପାଦକ ପ୍ରଭାସ ରଞ୍ଜନ ଦାସ, ସମାଜସେବୀ ସମରେନ୍ଦ୍ର ଜେନା ଓ ନେହେରୁ ସେନାପତି, ବରମୁଣ୍ଡା ଗ୍ରାମର ବରିଷ୍ଠ ବୁଦ୍ଧିଜୀବୀ ନାରାୟଣ ପ୍ରଧାନ, ସୁରେନ୍ଦ୍ର ବିଶ୍ୱାଳ, ତପନ ସାହୁ, ରବୀନ୍ଦ୍ର ପ୍ରଧାନ ଓ ସରୋଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମା' ସନ୍ତୋଷୀ ଦେବୀଙ୍କ ମନ୍ଦିରର ପୂଜକ ଆଦିତ୍ୟ କୁମାର ସ୍ୱାଇଁ ଓ ସତ୍ୟଭାମା ସ୍ୱାଇଁଙ୍କ ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରାଯାଇଥିଲା। ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶରତ ଚନ୍ଦ୍ର ବାରିକ ଓ ତାଙ୍କ ଦଳଙ୍କ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରାଯାଇଥିଲା। ବିଶ୍ୱଶାନ୍ତି ମହାଯଜ୍ଞରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଯୋଗ ଦେଇଥିଲେ।

# ଖଣି ନିରାପତ୍ତା ସୁଦୃଢ଼ ପାଇଁ ଏମ୍‌ସିଏଲ୍‌ର କର୍ମଶାଳା

**ଭୁବନେଶ୍ୱର,ସମ୍ବଲପୁର,୨୬।୪/ଏନ୍ଏନ୍ଏସ୍ :** ମହାନଦୀ କୋଲଫିଲ୍ଡସ ଲିମିଟେଡ୍ (ଏମସିଏଲ୍) ଖଣି ନିରାପତ୍ତା ମହାନିର୍ଦ୍ଦେଶାଳୟ (ଡିଜିଏମ୍ଏସ୍), ଭୁବନେଶ୍ୱର କ୍ଷେତ୍ର-୨ ର ତତ୍ତ୍ୱାବଧାନରେ 'ଓପନ୍ କାଷ୍ଟ ଖନନ କାର୍ଯ୍ୟ ପାଇଁ ବିପଦ ଆକଳନ ଆଧାରିତ ପ୍ରଭାବଶାଳୀ ନିରାପଦ ସଞ୍ଚାଳନ ପ୍ରକ୍ରିୟା (ଏସ୍ଓପି)ର ପ୍ରସ୍ତୁତି' ବିଷୟବସ୍ତୁ ଉପରେ ଏକ କର୍ମଶାଳା ଆୟୋଜନ କରିଛି। ଏମସିଏଲ୍‌ର ଇବ୍ ଭ୍ୟାଲି କୋଲଫିଲ୍ଡସ ଅନ୍ତର୍ଗତ ଲଖନପୁର କ୍ଷେତ୍ର ଦ୍ୱାରା ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଖଣି ନିରାପତ୍ତା ନିର୍ଦ୍ଦେଶକ (ଖନନ) ନାସିନା ବାଲାସୁବ୍ରମଣ୍ୟମ ଏବଂ ଖଣି ନିରାପତ୍ତା ଉପ-ନିର୍ଦ୍ଦେଶକ (ଖନନ) ୟୁ. ଶିବ ଶଙ୍କର




ଉପସ୍ଥିତ ଥିଲେ। କର୍ମଶାଳାରେ ଡ୍ରିଲିଂ, ବ୍ଲାଷ୍ଟିଂ, ଉତ୍ଖନନ, ପରିବହନ ଏବଂ ଡମ୍ପ ପରିଚାଳନା ସମେତ ପ୍ରମୁଖ ଖଣି କାର୍ଯ୍ୟ ପାଇଁ ବ୍ୟାବହାରିକ ତଥା ସ୍ଥଳ-ଭିତ୍ତିକ ଏସଓପି ବିକଶିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷଜ୍ଞମାନେ ନିରାପତ୍ତା ମାନକର କଠୋର ଅନୁପାଳନ ଏବଂ ଗତିଶୀଳ ନିରାପତ୍ତା ପ୍ରଣାଳୀର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଏହି ଅବସରରେ ଏମସିଏଲ୍ ମୁଖ୍ୟାଳୟରୁ ସୁନୀଲ ଶର୍ମା, ମହାପ୍ରବନ୍ଧକ (ନିରାପତ୍ତା ଓ ଉଦ୍ଧାର), ଅବଧ କିଶୋର ପାଣ୍ଡେ, ଆଞ୍ଚଳିକ ମହାପ୍ରବନ୍ଧକ, ଲଖନପୁର କ୍ଷେତ୍ର, ପି. ବି. ରେଡ୍ଡୀ, ଆଞ୍ଚଳିକ ମହାପ୍ରବନ୍ଧକ, ବସୁନ୍ଧରା କ୍ଷେତ୍ର, ଜିତେନ୍ଦ୍ର ତିୱାରୀ, ଆଞ୍ଚଳିକ ମହାପ୍ରବନ୍ଧକ, ଇବ୍ ଭ୍ୟାଲି କ୍ଷେତ୍ର, ଅଜୟ ନାମଜୋଶୀ, ଆଞ୍ଚଳିକ ମହାପ୍ରବନ୍ଧକ, ଓରିଏଣ୍ଟ କ୍ଷେତ୍ର ଏବଂ ସମୀର କୁମାର, ମହାପ୍ରବନ୍ଧକ, ସିଡବ୍ଲ୍ୟୁଏସ୍ (ଇବ୍ ଭ୍ୟାଲି)ଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏମ୍‌ସିଏଲ୍‌ର ବିଭିନ୍ନ କ୍ଷେତ୍ର ଯଥା ଲଖନପୁର, ଇବ୍ ଭ୍ୟାଲି, ଓରିଏଣ୍ଟ, ମହାଲକ୍ଷ୍ମୀ ଏବଂ ବସୁନ୍ଧରାର ପ୍ରତିଭାଗୀଙ୍କ ସହ କେନ୍ଦ୍ରୀୟ କର୍ମଶାଳା (ଇବ୍ ଭ୍ୟାଲି)ର ପ୍ରତିନିଧିମାନେ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏଥିସହ ବେଦାନ୍ତ ଲିମିଟେଡ୍, ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍, ଏନ୍ଏଲ୍‌ସି ଇଣ୍ଡିଆ ଲିମିଟେଡ୍ ଏବଂ ଏନ୍‌ଟିପିସି ଲିମିଟେଡ୍ ଭଳି ଅଗ୍ରଣୀ ଖଣି କମ୍ପାନୀର ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ। ଏହି ପଦକ୍ଷେପ ସୁରକ୍ଷିତ ତଥା ନିରନ୍ତର ଖନନ କାର୍ଯ୍ୟ ପାଇଁ ଏମସିଏଲ୍‌ର ପ୍ରତିବଦ୍ଧତାକୁ ପୁନଃ ପ୍ରତିଷ୍ଠା କରିଛି।

### ଗୋଦାବରୀଶ ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା ଚୟନ

## ପ୍ରଫେସର୍ ଉପେନ୍ଦ୍ର ନାୟକ ସଭାପତି, ରାମଚନ୍ଦ୍ର ମହାନ୍ତି ସମ୍ପାଦକ

**ଭୁବନେଶ୍ୱର,୨୬।୪/ଏନ୍ଏନ୍ଏସ୍:** ଅନ୍ୟତମ ଅଗ୍ରଣୀ ସାହିତ୍ୟିକ ଅନୁଷ୍ଠାନ 'ଗୋଦାବରୀଶ ସାହିତ୍ୟ ସଂସଦ'ର ନୂତନ କର୍ମକର୍ତ୍ତା ନିର୍ବାଚନ




ସାହିତ୍ୟିକ ଡକ୍ଟର ଅରବିନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସମାପ୍ତ ହୋଇଛି। ଏହି ସାଧାରଣ ପରିଷଦ ବୈଠକ ଓ ନିର୍ବାଚନ ପ୍ରକ୍ରିୟାରେ ବିଶିଷ୍ଟ କବି ତଥା ନାଟ୍ୟକାର ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କୁ ସଂସଦର ନୂତନ ସଭାପତି ଭାବେ ନିର୍ବାଚିତ କରାଯାଇଥିବା ବେଳେ ରାମଚନ୍ଦ୍ର ମହାନ୍ତିଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି ନିର୍ବାଚନ ବୈଠକରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ସାରସ୍ୱତ ସାଧକ ଯୋଗ ଦେଇଥିଲେ ଏବଂ ପ୍ରଫେସର ନାୟକଙ୍କ ନାମକୁ ସର୍ବସମ୍ମତିକ୍ରମେ ସମର୍ଥନ ଜଣାଇଥିଲେ। ନୂତନ କର୍ମକର୍ତ୍ତା ମଣ୍ଡଳୀରେ ଖଗେଶ୍ୱର ମହତାବ ଉପସଭାପତି, ମହିମା ପୃଷ୍ଟିଙ୍କୁ ଯୁଗ୍ମ ସମ୍ପାଦକ ଏବଂ ଦେବେନ୍ଦ୍ର ନାଥ ଦାସଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଏଥିସହ ସଂସଦର କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଡକ୍ଟର ସୁରେନ୍ଦ୍ର କୁମାର ମହାରଣା, ଲାବଣ୍ୟ ଶବର, ଲକ୍ଷ୍ମୀଧର ସାହୁ, ରଘୁନାଥ ସାହୁ, ଚକ୍ରଧର ତ୍ରିପାଠୀ ଓ ତନ୍ମୟ ପୃଷ୍ଟି ନିର୍ବାଚିତ ହୋଇଛନ୍ତି। ନୂତନ ଭାବେ ନିର୍ବାଚିତ ଏହି ସମସ୍ତ କର୍ମକର୍ତ୍ତା ଓଡ଼ିଆ ସାହିତ୍ୟର ସମୃଦ୍ଧି ତଥା ସଂସଦର ଭବିଷ୍ୟତ କାର୍ଯ୍ୟକଳାପକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଶପଥ ଗ୍ରହଣ କରିଛନ୍ତି।

# ବିନ୍ଦୁ ସାହିତ୍ୟ ସମାଜର ବାର୍ଷିକୋତ୍ସବ

**ଭୁବନେଶ୍ୱର,୨୬।୪/ଏନ୍ଏନ୍ଏସ୍:** ରବିବାର ପୂର୍ବାହ୍ନ ୧୦ଟାରେ ବିନ୍ଦୁ ସାହିତ୍ୟ ସମାଜ, ଭୁବନେଶ୍ୱରର ଏକାଦଶ ବାର୍ଷିକୋତ୍ସବ ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ସୁସାହିତ୍ୟିକ ଶୈଳଜ ରବି ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକା ପ୍ରତିଭା ମହାରଥୀ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଦୀପ ପ୍ରଜ୍ୱଳନ ସହ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅଧ୍ୟକ୍ଷ ପ୍ରଫେସର ମିଶ୍ର ତାଙ୍କ ଆଦ୍ୟଭାଷଣରେ ବିନ୍ଦୁ ସାହିତ୍ୟ ସମାଜର ସୃଷ୍ଟି ଓ ଏହାର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ସଭାପତି, ଡ଼ଃ ଶଶିଭୂଷଣ ମହାପାତ୍ର, ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ବାଉରିବନ୍ଧୁ ଲେଙ୍କା ସମସ୍ତଙ୍କୁ ସ୍ୱାଗତ କରିବା ସହ ବିନ୍ଦୁ ସାହିତ୍ୟ ସମାଜର ଇତିହାସ ବର୍ଣ୍ଣନା କରିଥିଲେ। ସମ୍ପାଦକୀୟ ବିବରଣୀ ପାଠ ସହ ସଂଗଠନ ସମ୍ପାଦକ, ଅରୁଣ କୁମାର ବିଶ୍ୱାଳ




ବିନ୍ଦୁ ସାହିତ୍ୟ ସମାଜ ତରଫରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ କରାଇଥିଲେ।

ମୁଖ୍ୟ ଅତିଥି ଶୈଳଜ ରବି ବିନ୍ଦୁ ସାହିତ୍ୟ ସମାଜର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସାମ୍ପ୍ରତିକ ସମାଜରେ ସାହିତ୍ୟ ଓ ସାହିତ୍ୟିକର କର୍ତ୍ତବ୍ୟ ସମ୍ବନ୍ଧରେ ଅବତାରଣା କରିଥିଲେ। ମୁଖ୍ୟବକ୍ତା ପ୍ରତିଭା ମହାରଥୀ ପୁରାତନ ଓ ନୂତନ ଲେଖକ ଲେଖିକାମାନଙ୍କ ମଧ୍ୟରେ ସମନ୍ୱୟ ରଖିବାରେ ବିନ୍ଦୁ ସାହିତ୍ୟ ସମାଜର ଭୂମିକାକୁ ପ୍ରଶଂସା କରିଥିଲେ। ସାମ୍ପ୍ରତିକ ଓଡ଼ିଆ ସାହିତ୍ୟର ଗତି ସମ୍ବନ୍ଧରେ ସେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଇତ୍ୟବସରରେ ବିନ୍ଦୁ ସାହିତ୍ୟ ସମ୍ମାନ ବିଜୟ ମହାପାତ୍ର ଓ ସୁମିତ ପଣ୍ଡାଙ୍କୁ ଦିଆଯାଇଥିଲା। ସେହିଭଳି ବିନ୍ଦୁ ପ୍ରତିଭା ସମ୍ମାନରେ ସମ୍ମାନିତ ହୋଇଥିଲେ ପ୍ରଫୁଲ୍ଲ କୁମାର ନନ୍ଦ, ପ୍ରଶାନ୍ତ କୁମାର ରାଉତ, ସଂଘମିତ୍ରା ସାମନ୍ତରାୟ ଓ ଯୁଧିଷ୍ଠିର ଲେଙ୍କା। ଅତିଥିମାନଙ୍କ ଦ୍ୱାରା ବିନ୍ଦୁ ସାହିତ୍ୟ ସମାଜର ମୁଖପତ୍ର 'ବିନ୍ଦୁ' ଲୋକାର୍ପଣ କରାଯାଇଥିଲା। ସମୀର କୁମାର ଜେନାଙ୍କ ଲିଖିତ ପୁସ୍ତକ 'ଚାରୁଲତା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଅନୁଷ୍ଠାନର ସମ୍ପାଦକ ବିଜନ ରାୟ। ଏହାପରେ ଶତାଧିକ କବି ଓ କବୟିତ୍ରୀଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା। କବିତା ପାଠୋତ୍ସବକୁ ସୁଷମା ପରିଜା, କନକ ଲତା ଦାଶ ମିଶ୍ର, ଅମ୍ବିକା ସ୍ୱାଇଁ ଓ ସୁଜାତା ରାଉତରାୟ ପରିଚାଳନା କରିଥିଲେ। ଉକ୍ତ ଉତ୍ସବରେ ଶତାଧିକ କବି, ଲେଖକ ଯୋଗଦାନ କରିଥିଲେ।

# ରାମକୃଷ୍ଣ ମିଶନ୍‌ରେ ଆଲୋଚନାଚକ୍ର




**ଭୁବନେଶ୍ୱର,୨୬।୪/ଏନ୍ଏନ୍ଏସ୍:** ସ୍ଥାନୀୟ ବିବେକାନନ୍ଦ ଲାଇବ୍ରେରୀ ହଲ୍‌ରେ 'ଶ୍ରୀଶଙ୍କରାଚାର୍ଯ୍ୟ ଓ ଅଦ୍ୱୈତ ବେଦାନ୍ତ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ତମ୍ଭକାର ଅନନ୍ତ ଗୋପାଳ ପଣ୍ଡା କହିଲେ ଯେ ଶ୍ରୀଶଙ୍କରାଚାର୍ଯ୍ୟ ଦାର୍ଶନିକ ମତଭେଦ ଓ ବିତର୍କରେ ପରିପୂର୍ଣ୍ଣ ଯୁଗରେ ଐକ୍ୟର ଶକ୍ତି ହିସାବରେ ଆବିର୍ଭୂତ ହୋଇଥିଲେ। ତାଙ୍କର ସଂକ୍ଷିପ୍ତ ଜୀବନକାଳରେ ସେ ଅସାଧାରଣ ଚିନ୍ତାଶକ୍ତି ଓ ଗଭୀର ଅନ୍ତଦୃଷ୍ଟି ମାଧ୍ୟମରେ ସମଗ୍ର ଭାରତଭୂମି ପରିଭ୍ରମଣ କରି ପଣ୍ଡିତମାନଙ୍କ ସହିତ ଆଲୋଚନା ଓ ତର୍କ କରି ପ୍ରାଚୀନ ଐତିହ୍ୟକୁ ପୁନରୁଜ୍ଜୀବିତ କରିଥିଲେ। ତାଙ୍କ ଶିକ୍ଷାର ପ୍ରଧାନ କେନ୍ଦ୍ର ହେଲା ଅଦ୍ୱୈତ ବେଦାନ୍ତ ଯାହା ଏକତ୍ୱର ଶିକ୍ଷା ଦିଏ। ଆଜିର ବିଶ୍ୱରେ ସର୍ବତ୍ର ସଂଘାତ, ବିଭାଜନ ଦେଖାଯାଉଛି,ଏହି ମୁହୂର୍ତ୍ତରେ ଶଙ୍କରାଚାର୍ଯ୍ୟଙ୍କର ଶିକ୍ଷା ଅତୀବ ଜରୁରୀ। ଅନ୍ୟତମ ବକ୍ତା ଭାବେ ଯୋଗ ଦେଇ ଅବସରପ୍ରାପ୍ତ ଦର୍ଶନ ବିଭାଗର ପ୍ରଫେସର ହରିଶ୍ଚନ୍ଦ୍ର ସାହୁ କହିଲେ ଯେ ଭଗବାନ ଶଙ୍କରାଚାର୍ଯ୍ୟଙ୍କର ଅବଦାନ କେବଳ ଦର୍ଶନ ମଧ୍ୟରେ ସୀମାବଦ୍ଧ ନୁହେଁ। ତାଙ୍କର ପ୍ରଭାବ ଧର୍ମ, ସଂସ୍କୃତି, ଶିକ୍ଷା ଏବଂ ସାମାଜିକ ଐକ୍ୟ ଉପରେ ଗଭୀରଭାବରେ ବିସ୍ତୃତ। ସେ ଶୃଙ୍ଖଳା, ବିନୟ, ବୈରାଗ୍ୟ ଏବଂ ଆତ୍ମ-ଅନୁସନ୍ଧାନ ଉପରେ ଜୋର ଦେଇଛନ୍ତି। ଏହି ସଭାରେ ସ୍ୱାମୀ ଅଦ୍ୱୟାନନ୍ଦ ସଭାପତିତ୍ୱ କରିଥିବାବେଳେ ପରମେଶ୍ୱର ଧଳ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ସଭାକାର୍ଯ୍ୟକୁ ପରିଚାଳନା କରିବାରେ ଜିତେନ୍ଦ୍ର ରଣା, ରମେଶ ପ୍ରଧାନ ଓ ବୃନ୍ଦାବନ ପଣ୍ଡା ସହଯୋଗ କରିଥିଲେ।

## ବିଶ୍ୱ ଓଡ଼ିଆ ପରିବାର ତରଫରୁ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ

**ଭୁବନେଶ୍ୱର,୨୬।୪ /ଏନ୍ଏନ୍ଏସ୍:** ନବଉତ୍କଳ ତଥା ଉତ୍କଳ ପ୍ରଦେଶର ଅନ୍ୟତମ ନିର୍ମାତା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ୧୮୯୨ ମସିହା ଏପ୍ରିଲ ୨୬ ତାରିଖରେ ଜନ୍ମଗ୍ରହଣ କରିଥିଲେ। ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭାରତୀୟ ଇତିହାସର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଏବଂ ଆଧୁନିକ ଓଡ଼ିଶାର ସ୍ଥପତି ଭାବରେ ପରିଚିତ। ସେ ପାରଳାଖେମୁଣ୍ଡିର ମହାରାଜା ଥିଲେ ଏବଂ ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଉତ୍କଳ ସମ୍ମିଳନୀର ଜଣେ ଅଗ୍ରଣୀ ସଂଗଠକ ଓ ନେତା। ଓଡ଼ିଆ ଭାଷାଭାଷୀ ଲୋକଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ନିମନ୍ତେ ଚାଲିଥିବା ଆନ୍ଦୋଳନରେ ତାଙ୍କର ଅକ୍ଳାନ୍ତ ପରିଶ୍ରମ ଓ ନେତୃତ୍ୱ ପାଇଁ କୃଷ୍ଣଚନ୍ଦ୍ର ଗଜପତି ସର୍ବଦା ସ୍ମରଣୀୟ। ତାଙ୍କର ଉଦ୍ୟମ ଯୋଗୁଁ ହିଁ ଓଡ଼ିଶା ଭାଷା ଭିତ୍ତିରେ ଗଠିତ ଦେଶର ପ୍ରଥମ ପ୍ରଦେଶ ହେବାର ଗୌରବ ଅର୍ଜନ କରିଥିଲା। ମଧୁସୂଦନ ଦାସ ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହ ତାଙ୍କୁ ମଧ୍ୟ ଓଡ଼ିଶାର ଜଣେ ମୁଖ୍ୟ ନିର୍ମାତା ଭାବରେ ଗଣ୍ୟ କରାଯାଏ। ଓଡ଼ିଆ ଜାତିର ସ୍ୱାଭିମାନ ଓ ଏକତ୍ରିକରଣ ପାଇଁ ତାଙ୍କର ଅବଦାନ ଅତୁଳନୀୟ। ଆଜି ସମଗ୍ର ଓଡ଼ିଆ ଜାତି ମହାନ ଏବଂ ପୂଜ୍ୟ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀକୁ ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସର ସହ ପାଳନ କରୁଥିବାବେଳେ ବିଶ୍ୱ ଓଡ଼ିଆ ପରିବାର ତରଫରୁ ମଧ୍ୟ ଜୟନ୍ତୀ ପାଳନ କରାଯାଇଛି। 'ଓଡ଼ିଆ କହିବା, ଓଡ଼ିଆ ପଢ଼ିବା, ଓଡ଼ିଆ ଲେଖିବା ଏବଂ ଓଡ଼ିଆରେ ଦସ୍ତଖତ କରିବା।' ଏହାକୁ ସଂକଳ୍ପ ଭାବେ ଗ୍ରହଣ କରି ଆମେ ପ୍ରତ୍ୟେକ ଓଡ଼ିଆ କାର୍ଯ୍ୟକ୍ଷେତ୍ରରେ ବାସ୍ତବରେ ପରିଣତ କରିବା ହେଉଛି ମୂଳ ଲକ୍ଷ୍ୟ ଓ ପ୍ରାଥମିକତା। ଏହି ଲକ୍ଷ୍ୟ ପୂରଣ ହେଲେ ଭାଷା ଭିତ୍ତିରେ ଗଠିତ ହୋଇଥିବା ଦେଶର ପ୍ରଥମ ପ୍ରଦେଶର ନିର୍ମାତାଙ୍କୁ ହେବ ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ବିଶ୍ୱ ଓଡ଼ିଆ ପରିବାର ଅଧ୍ୟକ୍ଷ ସଜ୍ଜନ ଶର୍ମା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଡଃ ସିକ୍ତା ପତି, ବିଶିଷ୍ଟ କବି ମନୋରଞ୍ଜନ ଷଡ଼ଙ୍ଗୀ, ଡାକ୍ତର ପ୍ରତାପ ପାଣି, ସାଧୁ ଚରଣ ବେହେରା, ମନୋଜ ସାହୁ, ଭବାନୀ ପ୍ରସାଦ ମିଶ୍ର, କୁଳମଣି ରାଉତ,ସୁଜିତ କୁମାର ଦାସ, ସୁବ୍ରତ କିଶୋର ନାୟକ, ଆରତୀ ମିଶ୍ର, କନକ ଲତା ଭଞ୍ଜ, ରାଜମିତ୍ରା ପ୍ରହରାଜ ଲକ୍ଷ୍ମଣ ପାଳମାନସ ଦାଶ, ଆଦି ଆଲୋଚନାରେ ଭାଗ ନେଇଥିଲେ।

## ପୂର୍ବତନ ପୁଲିସ୍ ଅଧିକାରୀଙ୍କ ପରଲୋକ

**ଭୁବନେଶ୍ୱର,୨୬।୪/ଏନ୍ଏନ୍ଏସ୍:** ଖଲ୍ଲିକୋଟ ନିବାସୀ ପୂର୍ବତନ ପୁଲିସ ଅଧିକାରୀ, ସମାଜସେବୀ ତଥା ଧର୍ମପରାୟଣ ବ୍ୟକ୍ତି ବୈକୁଣ୍ଠ ନାଥ ମହାପାତ୍ର (୯୩)ଙ୍କ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଦିନ ପରଲୋକ ହୋଇଯାଇଛି। ସେ ପୁଲିସ ଅଧିକାରୀ ଭାବେ କାର୍ଯ୍ୟରତ ଥିବାବେଳେ ମେଳାପୀ, ସଚ୍ଚୋଟ ଓ ଦକ୍ଷ କାର୍ଯ୍ୟ କରି ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ସେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ପୁଲିସ ବିଭାଗର ବିଭିନ୍ନ ବିଭାଗରେ ଦୀର୍ଘ ୩୨ବର୍ଷ ଅନବରତ ଭାବେ କାର୍ଯ୍ୟରତ ଥିଲେ। ତେବେ ଶେଷ ପର୍ଯ୍ୟାୟରେ କିଛି



ଉପରିସ୍ଥ ଅଧିକାରୀଙ୍କ ସହ ମତଭେଦ ହେବା କାରଣରୁ ସେ ଚାକିରୀରୁ ଇସ୍ତଫା ଦେବା ସହ ପେନ୍‌ସନ୍ ତ୍ୟାଗ କରିବା ନେଇ ସ୍ୱୀକାରୋକ୍ତି ପତ୍ର ପ୍ରଦାନ କରି ପେନସନ ଗ୍ରହଣ କରିନଥିଲେ। ତାଙ୍କର ଦୁଇ ପୁତ୍ର ଓ ଏକମାତ୍ର କନ୍ୟା ଅଛନ୍ତି। ଜ୍ୟେଷ୍ଠ ପୁତ୍ର ଓ କନ୍ୟା ବିଦେଶରେ ରହୁଥିବା ଫଳରେ ସେମାନେ ଫେରିବା ପରେ ତାଙ୍କର ଅନ୍ତିମ ସଂସ୍କାର ନିଜ ଜନ୍ମମାଟି ଖଲ୍ଲିକୋଟ ଠାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି କନିଷ୍ଠ ପୁତ୍ର ରଜତ ମହାପାତ୍ର ପ୍ରକାଶ କରିଛନ୍ତି। ତାଙ୍କ ପରଲୋକ ଖବର ପ୍ରଚାରିତ ହେବାପରେ ଭୁବନେଶ୍ୱର ସମେତ ଖଲ୍ଲିକୋଟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ବିଧାନସଭା ପ୍ରାଙ୍ଗଣରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### କୃଷ୍ଣଚନ୍ଦ୍ର ଗଜପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# 'ଓଡ଼ିଶା ଗଠନରେ ମହାରାଜାଙ୍କ ଭୂମିକା ଅଦ୍ୱିତୀୟ'

**ଭୁବନେଶ୍ୱର,୨୬।୪ /ଏନ୍ଏନ୍ଏସ୍:** ଓଡ଼ିଆ ଜାତିର ଏକତା, ସ୍ୱାଭିମାନ ଓ ସାମଗ୍ରିକ ଉନ୍ନତି ପାଇଁ ଅସାଧାରଣ ଅବଦାନ ରଖିଥିବା ମହାନ ଦୂରଦର୍ଶୀ ଶାସକ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଆଦର୍ଶ ଓ କୃତି ଆଜି ବି ସମାଜ ପାଇଁ ପଥ ପ୍ରଦର୍ଶକ ଭାବେ ରହିଛି। ଏହି ପରିପ୍ରେକ୍ଷୀରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପାରଳା ଗଜପତି ବିକାଶ ମଞ୍ଚର ଯୁଗ୍ମ ଆନୁକୂଲ୍ୟରେ ଜୟଦେବ ଭବନ, ଭୁବନେଶ୍ୱରରେ ଆୟୋଜିତ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ତାଙ୍କର ଅମୂଲ୍ୟ ଅବଦାନକୁ ସ୍ମରଣ କରାଯାଇଥିଲା।

ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସଦ, ବ୍ରହ୍ମପୁର ଡଃ. ପ୍ରଦୀପ ପାଣିଗ୍ରାହୀ ମହାରାଜାଙ୍କ ଜୀବନଦର୍ଶନ ଓ ଓଡ଼ିଶା ଗଠନରେ ତାଙ୍କର ଅଦ୍ୱିତୀୟ ଭୂମିକା ବିଷୟରେ ଆଲୋକ ପାତ କରିଥିଲେ। ସେ କହିଥିଲେ ଯେ ମହାରାଜାଙ୍କ ଦୂରଦର୍ଶିତା ଓ ନେତୃତ୍ୱ ଓଡ଼ିଆ ଜାତିକୁ ଏକ ସୁଦୃଢ଼ ପରିଚୟ ଦେଇଥିଲା। ମୁଖ୍ୟବକ୍ତା ଭାବେ ଯୋଗଦେଇ ଛତ୍ରପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ ତ୍ରିପାଠୀ ମହାରାଜାଙ୍କ ଜୀବନୀ, କୃତି ଓ ଇତିହାସିକ ଅବଦାନ ଉଲ୍ଲେଖ କରି କହିଥିଲେ ଯେ ତାଙ୍କର ଆଦର୍ଶ ଆଜିର ପିଢ଼ି ପାଇଁ ପ୍ରେରଣାଦାୟକ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟ



ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପାରଳା ଗଜପତି ବିକାଶ ମଞ୍ଚର ସଭାପତି ଦିଗ୍‌ବିଜୟ ନାଥ ପାଢ଼ୀ ଧନ୍ୟବାଦ୍ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ମହାରାଜାଙ୍କ ଜୀବନୀ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନୀ ୨୬ ଓ ୨୭ ଏପ୍ରିଲ ଦୁଇ ଦିନ ଧରି ଚାଲିବ ଏବଂ ଛାତ୍ରଛାତ୍ରୀ, ଗବେଷକ ଓ ଆଗ୍ରହୀ ସାଧାରଣ ଲୋକମାନେ ଏହାକୁ ଅନୁଭବ କରିପାରିବେ। ପ୍ରଦର୍ଶନୀରେ ମହାରାଜାଙ୍କ ଜୀବନର ବିଭିନ୍ନ ପର୍ଯ୍ୟାୟ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କ ଅବଦାନ ଏବଂ ସମାଜ ଓ ଶିକ୍ଷାକ୍ଷେତ୍ରରେ ତାଙ୍କର କାର୍ଯ୍ୟକଳାପକୁ ଚିତ୍ରମାଧ୍ୟମରେ ସୁନ୍ଦର ଭାବେ ପ୍ରତିପାଦିତ କରାଯାଇଥିଲା, ଯାହା ଦର୍ଶକମାନଙ୍କୁ ତାଙ୍କ ଜୀବନ ଓ କୃତି ସମ୍ପର୍କରେ ଗଭୀର ଧାରଣା ପ୍ରଦାନ କରିଥିଲା। ସେହିପରି 'ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ: ଜୀବନୀ ଏବଂ କୃତି' ଶୀର୍ଷକ ପୁସ୍ତକର ଉନ୍ମୋଚନ ମଧ୍ୟ ମୁଖ୍ୟ ଅତିଥିଙ୍କ ଦ୍ୱାରା କରାଯାଇଥିଲା। ଏହି ପୁସ୍ତକଟିକୁ ବିଶିଷ୍ଟ ଐତିହାସିକ, ଗବେଷକ ଓ ଶିକ୍ଷାବିତ୍ ପ୍ରଫେସର ଡଃ ରାମଚନ୍ଦ୍ର ମିଶ୍ର ରଚନା କରିଛନ୍ତି। ପରେ ପାରଳାଖେମୁଣ୍ଡିର ଭକ୍ତି ସଂଗୀତ ସଂସଦର କଳାକାରମାନଙ୍କ ଦ୍ୱାରା ମହାରାଜାଙ୍କ ଜୀବନୀକୁ ଆଧାର କରି ଓଡ଼ିଶୀ ନୃତ୍ୟ, ଭକ୍ତି ସଂଗୀତ ଓ ସୁଗମ ସଂଗୀତ ପରିବେଷଣ କରାଯାଇଥିଲା, ଯାହା ଉପସ୍ଥିତ ଦର୍ଶକମାନଙ୍କୁ ମନୋମୁଗ୍ଧ କରିଥିଲା। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଓ କର୍ମଚାରୀମାନେ, ପାରଳା ଗଜପତି ବିକାଶ ମଞ୍ଚର ସମ୍ପାଦକ ରାଜକିଶୋର ପାଣିଗ୍ରାହୀ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଯୋଗଦେଇ ମହାନ ବ୍ୟକ୍ତିତ୍ୱଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବିଜେପିର ମହିଳା ଆକ୍ରୋଶ ସମାବେଶ




**କେନ୍ଦ୍ରାପଡ଼ା,୨୬।୪/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ପକ୍ଷରୁ ସହରର ନୂଆ ବସଷ୍ଟାଣ୍ଡ ପରିସରରେ ଏକ ବିଶାଳ 'ମହିଳା ଆକ୍ରୋଶ ସମାବେଶ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଜେପିର ନାରୀନେତ୍ରୀମାନେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ବିଜେଡି ସଭାପତି ନବୀନ ପଟ୍ଟନାୟକ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କୁଶପୁତ୍ତଳିକା ଦାହ କରି ନିଜର ପ୍ରତିବାଦ ଜଣାଇଛନ୍ତି।

କାର୍ଯ୍ୟକ୍ରମର ସଂଯୋଜିକା ତଥା ବିଜେପି ନେତ୍ରୀ ଡ. ଜ୍ୟୋତ୍ସ୍ନାରାଣୀ ଜେନା ଏହି ତିନି ନେତାଙ୍କ ସମେତ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ଏବଂ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନଙ୍କ କୁଶପୁତ୍ତଳିକାରେ ନିଆଁ ଲଗାଇ ସେମାନଙ୍କୁ ମହିଳା ବିରୋଧୀ ବୋଲି ଆଖ୍ୟା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେତେବେଳେ ସଂସଦରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବିଲ୍ ଉପସ୍ଥାପନ କଲେ, ସେତେବେଳେ ଏହି ନେତାମାନେ ତାହାକୁ ବିରୋଧ କରିଥିଲେ। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଏହି ନେତାମାନେ ପ୍ରକୃତରେ ନାରୀ ସଶକ୍ତିକରଣର ବିରୋଧୀ। ଏହି ସମାବେଶରେ ରାଜ୍ୟ ମହିଳା ବିଜେପି ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜ୍ୟ ଉପସଭାପତି ତଥା କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଭାରୀ ଅଶୋକ କୁମାର ମିଶ୍ର, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ, କେନ୍ଦ୍ରାପଡ଼ା ବିଧାନସଭା ନେତ୍ରୀ ଗୀତାଞ୍ଜଳି ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରଶ୍ମି ମହାପାତ୍ର, ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ଜିଲ୍ଲା ଉପସଭାପତି ମନୀଷା ପଣ୍ଡା, ଜିଲ୍ଲା ସମ୍ପାଦିକା ଝିଲିରାଣୀ ଦାଶ, ନମିତା ବଳ, ତିଳୋତ୍ତମା ବରାଳ ଏବଂ ଜିଲ୍ଲା କୋଷାଧ୍ୟକ୍ଷା ସସ୍ମିତା ସାହୁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାରୀନେତ୍ରୀ ମନୀଷା ବେହେରା, ରାଜ୍ୟ ସମ୍ପାଦିକା ସୁଚିସ୍ମିତା ପାତ୍ର, ସାମାଜିକ ଗଣମାଧ୍ୟମ ସମ୍ପାଦିକା ବିଜୟଲକ୍ଷ୍ମୀ ନନ୍ଦ, ବିଶିଷ୍ଟ ସମାଜସେବୀ ସସ୍ମିତା ପାଢ଼ୀ, ସ୍ୱର୍ଣ୍ଣପ୍ରଭା ମହାସୁଆରଙ୍କ ସମେତ ୨୦୦୦ରୁ ଊର୍ଦ୍ଧ୍ୱ ମହିଳା ଏହି ଆକ୍ରୋଶ ସମାବେଶରେ ସାମିଲ ହୋଇଥିଲେ।

# ଅଣ୍ଡରା ବନ୍ଦେ ମାତରମ ହାଇସ୍କୁଲ୍‌ରେ ଗୁରୁପୂଜନ ଉତ୍ସବ

**ପଟ୍ଟାମୁଣ୍ଡାଇ,୨୬।୪/ଏନ୍ଏନ୍ଏସ୍:** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଡରା ବନ୍ଦେ ମାତରମ ହାଇସ୍କୁଲ ପରିସରରେ ରବିବାର ଏକ ଭାବପୂର୍ଣ୍ଣ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୨୦୦୧ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଗୁରୁଶିଷ୍ୟ ପରମ୍ପରାର ଏକ ଅନନ୍ୟ ଝଲକ ଦେଖିବାକୁ ମିଳିଥିଲା। ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବହୁ ପ୍ରାକ୍ତନ ତଥା ଅବସରପ୍ରାପ୍ତ ଶିକ୍ଷକ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିମାଇଁ ଚରଣ ଦାଶଙ୍କ ସମେତ ସହକାରୀ ଶିକ୍ଷକ ନିମାଇଁ ଚରଣ ମଲ୍ଲିକ, ବିଭୂତି ଭୂଷଣ ମଲ୍ଲିକ, ସୁରେଶ ଚନ୍ଦ୍ର ମିଶ୍ର, ଗୋବିନ୍ଦ ଚନ୍ଦ୍ର ନାୟକ, ତ୍ରୈଲୋକ୍ୟନାଥ ସ୍ୱାଇଁ, ପ୍ୟାରୀମୋହନ ଦାଶ, ଦଶରଥ ମଲ୍ଲିକ, ପତିତପାବନ ଦାସ, ନଟବର ମଲ୍ଲିକ, ପ୍ରସନ୍ନ କୁମାର ମହାନ୍ତି, ଚନ୍ଦନ ମହାନ୍ତି, କ୍ଷୀରୋଦା ମଲ୍ଲିକ, ମନୋରମା ମଲ୍ଲିକ, ବୈଜୟନ୍ତି ମଲ୍ଲିକ ଓ ବୁଦ୍ଧିମାନ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମଗ୍ର ଧୋୟାଞ୍ଚଳର ଏହି ଗାରିମାମୟ ଶିକ୍ଷାନୁଷ୍ଠାନର ସାମଗ୍ରିକ ବିକାଶ ତଥା ଏହାର ଶୈକ୍ଷିକ ବାତାବରଣକୁ ସୁଦୃଢ଼ କରିବା ପାଇଁ ଶିକ୍ଷକମାନେ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୁରାତନ ଛାତ୍ରଛାତ୍ରୀମାନେ ନିଜ ପ୍ରିୟ ଗୁରୁଜୀମାନଙ୍କ ପାଦ ଧୋଇ, ଫୁଲଚନ୍ଦନ ଲଗାଇ ଭକ୍ତିପୂତ ପ୍ରଣାମ କରିଥିଲେ। ଏଥିସହ ସମସ୍ତ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ୫୦ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ନିଜ ପୁରୁଣା ସ୍ମୃତି ଚାରଣ କରିବା ସହ ଗୁରୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

**କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କଣିହାଁ ଗସ୍ତ**

# ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ୍, ନୃସିଂହ ଦେବଙ୍କ ନେଲେ ଆଶୀର୍ବାଦ

**କଣିହାଁ,୨୬।୪/ଏନ୍ଏନ୍ଏସ୍:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିନିକିଆ କଣିହାଁ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଗସ୍ତ ସମୟରେ ଏନ୍‌ଟିପିସି ବାଇପାସ ଛକଠାରେ ବିଏମଏସ ଶ୍ରମିକ ସଂଗଠନର ସଭାପତି ବୀରେନ୍ଦ୍ର କୁମାର କାନୁନ୍‌ଗୋ ଓ ଅନ୍ୟ କର୍ମକର୍ତ୍ତାମାନେ ତାଙ୍କୁ ସ୍ୱାଗତ କରିଥିଲେ। ସେହିପରି କଣିହାଁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସରପଞ୍ଚ ରଞ୍ଜିତା ବେହେରା, ପ୍ରାକ୍ତନ ସମିତି ସଭ୍ୟ ଦେବେନ୍ଦ୍ର ବାରିକ, ବରିଷ୍ଠ ବିଜେପି ନେତା ତଥା ପ୍ରାକ୍ତନ ସମିତି ସଭ୍ୟ ଦୟାନିଧି ନାଏକ, କଣିହାଁ ମଣ୍ଡଳ ସଭାପତି ସୁଶାନ୍ତ କୁମାର ସାମଲ, ପ୍ରାକ୍ତନ ସରପଞ୍ଚ ଲୋକନାଥ ସାହୁ, ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟର ସଭାପତି ବିନାୟକ ପ୍ରଧାନ ଓ ସମ୍ପାଦକ କ୍ଷୀରୋଦସିନ୍ଧୁ ସେଠୀ, ଉତ୍କଳ ସାମ୍ବାଦିକ ସଂଘ କଣିହାଁ ଶାଖାର ଉପସଭାପତି ଅଲେଖ ଭୂତିଆ ଓ କୋଷାଧ୍ୟକ୍ଷ ମହେଶ୍ୱର



ନାଏକଙ୍କ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

ଏହାପରେ କେନ୍ଦ୍ର ମନ୍ତ୍ରୀ ଏକ ପଦଯାତ୍ରାରେ ପିଏମଶ୍ରୀ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ପରିସରକୁ ଯାଇ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସେ ନିଜ ପୈତୃକ ଗ୍ରାମ ନାଲମ ଅଭିମୁଖେ ପ୍ରସ୍ଥାନ କରିଥିଲେ। ଗ୍ରାମରେ ପହଞ୍ଚିବା ପରେ ସେ କୁଳଦେବତା ଇଷ୍ଟ ଠାକୁର ନୃସିଂହ ଦେବଙ୍କୁ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଅବସରରେ ଗ୍ରାମର ବରିଷ୍ଠ ନାଗରିକ ଓ ସମ୍ପର୍କୀୟମାନଙ୍କ ସହ ମନ୍ତ୍ରୀ ବହୁ ସମୟ ଅତିବାହିତ କରିଥିଲେ। ଗ୍ରାମର ମହିଳାମାନେ ମଧ୍ୟ ମନ୍ତ୍ରୀଙ୍କ ସହ ଆଲୋଚନା କରି ନିଜର ମନର କଥା ପ୍ରକାଶ କରିଥିଲେ। ନାଲମ ସ୍ଥିତ ନୃସିଂହନାଥ ମନ୍ଦିରରେ ପୂଜାର୍ଚ୍ଚନା ସାରି ସେ ସେଠାରେ ଆୟୋଜିତ ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ' କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ତଥା ଅନୁଗୁଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ ମହାନ୍ତି ଏବଂ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଉପସ୍ଥିତ ଥିଲେ। ଗସ୍ତ ଶେଷରେ କେନ୍ଦ୍ର ମନ୍ତ୍ରୀ ତାଳଚେର ଦିନଦୟାଲ ନଗର ସ୍ଥିତ ପିଏମଆଇଟିରେ ପହଞ୍ଚି କିଛି ସମୟ ବିଶ୍ରାମ ନେବା ପରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ।

# ଗୋକର୍ଣ୍ଣିକା ସାହିତ୍ୟ ସମାଜର ବାର୍ଷିକ ସମାବର୍ତ୍ତନ

**ସମ୍ମାନିତ ହେଲେ ବହୁ ପ୍ରତିଭା**

**ଧର୍ମଶାଳା,୨୬।୪/ଏନ୍ଏନ୍ଏସ୍:** ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ପରିସରରେ ରବିବାର 'ଗୋକର୍ଣ୍ଣିକା ସାହିତ୍ୟ ସମାଜ'ର ୫୨ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ଗୌରହରି ଦାସ ଏବଂ ମୁଖ୍ୟବକ୍ତା ଭାବେ ଡକ୍ଟର ସତ୍ୟପ୍ରିୟ ମହାଲିକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡକ୍ଟର ଗୁରୁଚରଣ ବେହେରା ଓ ପ୍ରଫେସର ପ୍ରସନ୍ନ କୁମାର ମିଶ୍ର ଯୋଗ ଦେଇଥିଲେ। ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ ଯେ, ଆଜିର ସମୟରେ ମଣିଷ ଠାକୁର ପୂଜାକୁ ଯେତିକି ଗୁରୁତ୍ୱ ଦେଉଛି, ମଣିଷକୁ ଭଲ ପାଇବାରେ ସେତିକି ପଛରେ ପଡୁଛି। ଅନ୍ୟ ମୁହଁରେ ହସ ଫୁଟାଇବା ହିଁ ସାହିତ୍ୟର ପ୍ରକୃତ ଧର୍ମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ଡକ୍ଟର ଗୌରହରି ଦାସଙ୍କୁ ମର୍ଯ୍ୟାଦାଜନକ 'ଗୋକର୍ଣ୍ଣିକା ପୁରସ୍କାର' ଓ ଅର୍ଥରାଶି ପ୍ରଦାନ କରାଯାଇଥିବା ବେଳେ ପ୍ରଫେସର ଗୁରୁଚରଣ ବେହେରାଙ୍କୁ ପ୍ରାବନ୍ଧିକ ବୈକୁଣ୍ଠନାଥ ରଥ ସ୍ମୃତି ପୁରସ୍କାର ଏବଂ ପ୍ରଫେସର ପ୍ରସନ୍ନ କୁମାର ମିଶ୍ରଙ୍କୁ ନାଟ୍ୟକାର ବଂଶୀଧର ଶତପଥୀ ସ୍ମୃତି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେହିପରି ଡକ୍ଟର ସତ୍ୟପ୍ରିୟ ମହାଲିକଙ୍କୁ ଗୋକର୍ଣ୍ଣିକା ବିଷୁବ କଥା ସମ୍ମାନ, ସମାଜସେବୀ ମିନତୀ ସାହୁଙ୍କୁ ଗୋକର୍ଣ୍ଣିକା ସମାଜସେବା ସମ୍ମାନ, ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ସଂଘମିତ୍ରା ଭଞ୍ଜ, ଡକ୍ଟର ଜ୍ଞାନୀଦେବାଶିଷ ମିଶ୍ର ଓ ଡକ୍ଟର ଦେବୀପ୍ରସାଦ ଶତପଥୀଙ୍କୁ ପ୍ରବନ୍ଧ ସମ୍ମାନ, କବି କମଳ କୁମାର ମହାନ୍ତି, ନୃସିଂହ ତରାଇ ଓ ବୃନ୍ଦାବନ ଦାସଙ୍କୁ କବିତା ସମ୍ମାନ, ଡକ୍ଟର ଜୟନ୍ତୀ ସାହୁଙ୍କୁ ଗଳ୍ପ ସମ୍ମାନ ଏବଂ ଭୁବନ ମୋହନ ମହାନ୍ତିଙ୍କୁ ପତ୍ରିକା ସମ୍ପାଦନା ସମ୍ମାନ ପ୍ରଦାନ କରାଯାଇଥିଲା। ଟୀକାୟତ ସର୍ଫୋର୍ଜଷ୍ଟ ଟ୍ରଷ୍ଟ କୁନି ପ୍ରତିଭା ସମ୍ମାନରେ ବାଦଲ ନାୟକ, ଶ୍ରୀଭାଷ ସମଦର୍ଶୀ ଓ ସୁଶ୍ରୀ ପ୍ରତିଧ୍ୱନି ପ୍ରିୟଦର୍ଶିନୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଡକ୍ଟର ରମାକାନ୍ତ ଜେନାଙ୍କ ପ୍ରବନ୍ଧ ପୁସ୍ତକ 'ବିବିଧ ବିମର୍ଶ', ଡକ୍ଟର ରଶ୍ମିରାଣୀ ଦାସଙ୍କ ଗବେଷଣା ପୁସ୍ତକ 'ନାରାୟଣ ସାହୁଙ୍କ ନାଟକ: ଉତ୍ତର ଆଧୁନିକତା' ଏବଂ କବି ନୃସିଂହ ତରାଇଙ୍କ କବିତା ପୁସ୍ତକ 'ପ୍ରଶ୍ନକାଳ' ଲୋକାର୍ପିତ ହୋଇଥିଲା। ଉତ୍ସବ ପ୍ରାରମ୍ଭରେ ଡକ୍ଟର ମହେଶ୍ୱର ପାଢ଼ୀ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ପଣ୍ଡିତ ବ୍ରଜକିଶୋର ଦାଶ ଶ୍ଳୋକ ଆବୃତ୍ତି କରିଥିଲେ। ସ୍ୱାଗତ ସଙ୍ଗୀତ ଭାବେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଡକ୍ଟର ରୁଦ୍ରନାରାୟଣ ପୃଷ୍ଟି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦିକା ଡକ୍ଟର ଇନ୍ଦୁପ୍ରଭା ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ପ୍ରତାପରୁଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀମଦ୍ ଭାଗବତ ସପ୍ତାହ ସମ୍ପନ୍ନ



**ଆଠମଲ୍ଲିକ,୨୬।୪/ଏନ୍ଏନ୍ଏସ୍:** ଆଠମଲ୍ଲିକ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହେଉଥିବା ଶ୍ରୀମଦ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ସପ୍ତମ ଦିନ ତଥା ଶନିବାର ସପ୍ତାହବ୍ୟାପୀ ଚାଲିଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ପ୍ରଫୁଲ୍ଲ ପାଣିଗ୍ରାହୀ, ରାଧାମୋହନ ତ୍ରିପାଠୀ ଓ ବିଶ୍ୱଜିତ ପୁରୋହିତ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିବା ବେଳେ ହରିବନ୍ଧୁ ପୁରୋହିତ ଓ ତାଙ୍କ ସହଧର୍ମିଣୀ ସୁଜାତା ପୁରୋହିତ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ସପ୍ତଦିନବ୍ୟାପୀ ଏହି ଭାଗବତ ସପ୍ତାହରେ ବ୍ୟାସ ଭାବେ ପଣ୍ଡିତ ଲୋକନାଥ ପଣ୍ଡା ଶ୍ରୀମଦ ଭାଗବତ ପଠନ କରିଥିଲେ। ଅଖିଳ ଭାରତୀୟ ସନ୍ଥ ସମିତି ଓଡ଼ିଶା ଶାଖାର ଉପସଭାପତି ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ଜୀ ମହାରାଜ ମୁଖ୍ୟ ପ୍ରବାଚକ ଭାବେ ଯୋଗଦେଇ ଭାଗବତର ସାରମର୍ମ ଉପରେ ପ୍ରବଚନ ପ୍ରଦାନ କରିଥିଲେ। ପ୍ରତ୍ୟହ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମନ୍ଦିରକୁ ଆସି ପ୍ରବଚନ ଶ୍ରବଣ କରିବା ସହ ଆଧ୍ୟାତ୍ମିକ ଶାନ୍ତି ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପ୍ରବଚନ ସମିତିର ସଭାପତି ସୁରେଶ ଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ମନୋଜ କର୍ମୀ ଏବଂ ବରିଷ୍ଠ ସଭ୍ୟ ରଘୁନାଥ ପୁରୋହିତ, ଦୁଃଖବନ୍ଧୁ ସାହୁ, ପ୍ରକାଶ ମିଶ୍ର, ସତ୍ୟନାରାୟଣ ସାହୁ ଓ ସୁବୋଧ ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ୮୧ ୟୁନିଟ୍ ରକ୍ତ ସଂଗ୍ରହ, ୬ 'ରକ୍ତବୀର' ସମ୍ବର୍ଦ୍ଧିତ



**କାମାକ୍ଷାନଗର,୨୬।୪/ଏନ୍ଏନ୍ଏସ୍:** ସ୍ଥାନୀୟ ଅଞ୍ଚଳର ଅଗ୍ରଣୀ ସାମାଜିକ ସଂଗଠନ 'ବିଦ୍ୟୁତପ୍ରଭା ଫାଉଣ୍ଡେସନ' ପକ୍ଷରୁ ଏକ ରକ୍ତଦାନ ଶିବିର ସ୍ଥାନୀୟ ଜିରିଡାମାଳି ପାଣି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରକ୍ତଭଣ୍ଡାରରେ ଦେଖାଦେଇଥିବା ରକ୍ତ ସଙ୍କଟକୁ ଦୂର କରିବା ଲକ୍ଷ୍ୟରେ ଆୟୋଜିତ ଏହି ଶିବିରରେ ମୋଟ ୮୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଫାଉଣ୍ଡେସନର ଅଧ୍ୟକ୍ଷା ଲିପସା ପ୍ରଧାନ ଓ ସମ୍ପାଦକ ହୃଦୟ ବଲ୍ଲଭ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ତଥା ସଂଗଠନର ମାର୍ଗଦର୍ଶକ କୈଳାସ ଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ପ୍ରଚଣ୍ଡ ଖରା ସତ୍ତ୍ୱେ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ରକ୍ତଦାତା ଶିବିରରେ ଯୋଗଦେଇ ରକ୍ତଦାନ କରିବା ସହ ସାମାଜିକ ପ୍ରତିବଦ୍ଧତାର ପରିଚୟ ଦେଇଥିଲେ। ଏହି ଅବସରରେ କାମାକ୍ଷାନଗର ଅଞ୍ଚଳରେ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୬ ଜଣ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହିମାଂଶୁ ଶେଖର ମହାପାତ୍ର, ବ୍ୟୋମକେଶ ଦ୍ୱିବେଦୀ, ପର୍ଶୁରାମ ମହାଭୋଇ, ବିଭୂତି ଭୂଷଣ ସେଠୀ, ସୁମନ୍ତ ଜେନା ଓ ଆଲୋକ ରଞ୍ଜନ ତ୍ରିପାଠୀଙ୍କୁ ଫାଉଣ୍ଡେସନ ପକ୍ଷରୁ 'ରକ୍ତବୀର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସଂଗଠନର ସଂଯୋଜକ ଚିରଞ୍ଜିବ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ସହ ସମ୍ପାଦକ ବିନୋଦ ବିହାରୀ ସେଠୀ, ସଦସ୍ୟା ସଙ୍ଗୀତା ମିଶ୍ର, ଉପେନ୍ଦ୍ର ରାଉତ, ରଶ୍ମିରଞ୍ଜନ ପାତ୍ର, ହୃଦାନନ୍ଦ ସେଠୀ, ସୁପ୍ରିୟା ଦାସ ଓ ଦୀନେଶ ସେନାପତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ପରିଶେଷରେ ଦେବାଶିଷ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କାମାକ୍ଷାନଗର ବିଜେଡି ନଗର ସଭାନେତ୍ରୀ ଭାବେ ରଞ୍ଜିତା ବେହେରା ମନୋନୀତ

**କାମାକ୍ଷାନଗର,୨୬।୪/ଏନ୍ଏନ୍ଏସ୍:** ବିଜୁ ଜନତା ଦଳ (ବିଜେଡି) ସାଙ୍ଗଠନିକ କ୍ଷେତ୍ରରେ କାମାକ୍ଷାନଗର ଏନ୍ଏସି ଅଞ୍ଚଳରେ ରଞ୍ଜିତା ବେହେରାଙ୍କ ଉପରେ ପୁଣିଥରେ ଆସ୍ଥା ପ୍ରକଟ କରାଯାଇଛି। କାମାକ୍ଷାନଗର ଏନ୍ଏସିର ୧୫ ନମ୍ବର ୱାର୍ଡ ରେକୁଲା ଗ୍ରାମର ରଞ୍ଜିତା ବେହେରାଙ୍କୁ ଲଗାତାର ତୃତୀୟ ଥର ପାଇଁ ନଗର ସଭାନେତ୍ରୀ ଭାବେ ମନୋନୀତ କରାଯାଇଛି। ବିଜେଡି ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏହି ସଫଳତା ପରେ ନିଜର ପ୍ରତିକ୍ରିୟା ରଖି ରଞ୍ଜିତା କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି ସେ ଆଗାମୀ ଦିନରେ ସାଧାରଣ ଲୋକଙ୍କ ସେବା ପାଇଁ ନିଜକୁ ନିୟୋଜିତ କରିବେ। ଏହି ଅବସରରେ ସେ ନିଜର ମନୋନୟନ ପାଇଁ ଦଳର ସଭାପତି ନବୀନ ପଟ୍ଟନାୟକ, ଢେଙ୍କାନାଳ ଜିଲ୍ଲା ବିଜେଡି ସଭାପତି ନୃସିଂହ ଚରଣ ସାହୁ, କାମାକ୍ଷାନଗର ଏନ୍ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ ଏବଂ ନଗର ସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟଙ୍କୁ କୃତଜ୍ଞତା ଜ୍ଞାପନ ସହ ଧନ୍ୟବାଦ ଅର୍ପଣ



କରିଛନ୍ତି। ସମସ୍ତ ସହରବାସୀଙ୍କ ସହଯୋଗ ଓ ଆଶୀର୍ବାଦରେ କାମାକ୍ଷାନଗରର ବିକାଶ ନିମନ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସେ ସଂକଳ୍ପ ପ୍ରକାଶ କରିଛନ୍ତି। ଏଥିସହ କାମାକ୍ଷାନଗରକୁ ଏକ ଶ୍ରେଷ୍ଠ ତଥା ସୁନ୍ଦର ସହରରେ ପରିଗଣିତ କରିବା ପାଇଁ ରଞ୍ଜିତା ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ କାମନା କରିଛନ୍ତି।

# ଚାକିରି ନାଁରେ ୨୦ ଲକ୍ଷ ଲୁଟ୍: ଜଣେ ଗିରଫ, ୨ ଫେରାର

**ତାଳଚେର,୨୬।୪/ଏନ୍ଏନ୍ଏସ୍:** ତାଳଚେର ବ୍ଲକ ଗୋପାଳପ୍ରସାଦ ଥାନା ଅନ୍ତର୍ଗତ ଭରତପୁର କୋଇଲା ଖଣି ସାଇଲୋରେ ଚାକିରି ଦେବା କହି ୨୦ ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ଏକ ଘଟଣା ସାମ୍ନାକୁ ଆସିଛି। ଏମ୍‌ସିଏଲ୍ ସାଇଲୋରେ ନିଯୁକ୍ତି ଦେବା ନାଁରେ ପାଖାପାଖି ୨୬ ଜଣ ଯୁବକଙ୍କୁ ଏହି ଠକେଇର ଶିକାର କରାଯାଇଥିଲା। ଏହି ଘଟଣାରେ ଗୋପାଳପ୍ରସାଦ ପୁଲିସ ଜାମ୍ବୁବାହାଲି ଗ୍ରାମର ଶତ୍ରୁଘ୍ନ ରଣାଙ୍କୁ ଗିରଫ କରିଥିବା ବେଳେ ଠକେଇରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇ ଜଣ ଫେରାର ଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ଅନୁଗୁଳ ଓ ତାଳଚେର ଅଞ୍ଚଳର ପ୍ରାୟ ୨୬ ଜଣ ଯୁବକଙ୍କୁ ଏମସିଏଲର ବିଭିନ୍ନ ବିଭାଗରେ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇ ଏହି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରାଯାଇଥିଲା। ଠକମାନେ ଏତେ ଚତୁର ଥିଲେ ଯେ ସେମାନେ ଖଣି ପରିସର ମଧ୍ୟରେ ଥିବା ଏକ ଗୃହକୁ ଯୁବକମାନଙ୍କୁ ନେଇ ସେଠାରେ ସେମାନଙ୍କ ଫଟୋ ଉଠାଇଥିଲେ ଏବଂ ସେମାନଙ୍କ ହାଜିରା ପଡୁଛି ବୋଲି କହି ବିଶ୍ୱାସ ଜନ୍ମାଇଥିଲେ। ମାତ୍ର କିଛି ମାସ ବିତିଯିବା ପରେ ମଧ୍ୟ କୌଣସି ଦରମା ନ ମିଳିବାରୁ ଯୁବକମାନେ ସନ୍ଦେହ କରିଥିଲେ। ପରେ କମ୍ପାନୀ କର୍ତ୍ତୃପକ୍ଷ ଓ ଖଣିର ଅନ୍ୟ କର୍ମଚାରୀଙ୍କୁ ପଚରାଉଚରା କରିବା ପରେ ସେମାନଙ୍କୁ ଦିଆଯାଇଥିବା ନିଯୁକ୍ତିପତ୍ର ଜାଲ୍ ବୋଲି ଜଣାପଡ଼ିଥିଲା। ଠକେଇର ଶିକାର ହୋଇଥିବା ଯୁବକମାନେ ନିଜ ଟଙ୍କା ଫେରି ପାଇବା ପାଇଁ ବାରମ୍ବାର ଦୌଡ଼ିବା ପରେ ମଧ୍ୟ ଠକମାନେ କିଛି ଶୁଣି ନଥିଲେ। ଶେଷରେ କୌଣସି ଉପାୟ ନପାଇ ଯୁବକମାନେ ଗୋପାଳପ୍ରସାଦ ଥାନାର ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ଶତ୍ରୁଘ୍ନ ରଣାଙ୍କୁ ଗିରଫ କରିବା ସହ ଫେରାର ଥିବା ଅନ୍ୟ ଦୁଇ ଜଣଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

**ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳ ପରିଦର୍ଶନ**

# ନଦୀବନ୍ଧ ସୁରକ୍ଷା ପାଇଁ ପଥର ପ୍ୟାକିଂ କାର୍ଯ୍ୟର ସମୀକ୍ଷା

**ଚାନ୍ଦୋଳ,୨୬।୪/ଏନ୍ଏନ୍ଏସ୍:** ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳର ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଚାଲିଥିବା ପଥର ପ୍ୟାକିଂ କାର୍ଯ୍ୟର ଅନୁଧ୍ୟାନ ନିମନ୍ତେ ମହାନଦୀ-କାଠଯୋଡ଼ି ଅବବାହିକା ଭୁବନେଶ୍ୱରର ମୁଖ୍ୟଯନ୍ତ୍ରୀ ଇଂ. ଦିଲ୍ଲୀପ କୁମାର ରାଉତ ଆଜି ଦ୍ୱୀପାଞ୍ଚଳ ପରିଦର୍ଶନ କରିଛନ୍ତି। ବର୍ଷା ଦିନେ ଉଭୟ ଲୁଣା ଓ କରାଣ୍ଡିଆ ନଦୀରେ ଆସୁଥିବା ବନ୍ୟାଜଳ ଯୋଗୁଁ ଦ୍ୱୀପାଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟୁଛି। ପ୍ରତିବର୍ଷ ନଦୀର ତୀବ୍ର ସ୍ରୋତରେ ନଦୀବନ୍ଧ ଧୋଇଯାଉଥିବା ବେଳେ କିଛି ସ୍ଥାନରେ ନଦୀ ଜନବସତି ନିକଟକୁ ମାଡ଼ି ଆସୁଥିବା ଦେଖାଯାଇଛି। ନଦୀବନ୍ଧ ଓ ଜନବସତିର ସୁରକ୍ଷା ପାଇଁ ପଥର ପ୍ୟାକିଂ କରିବାକୁ ଅଞ୍ଚଳବାସୀ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ।

ଚଳିତ ବର୍ଷ କରାଣ୍ଡିଆର ବାମ ପାର୍ଶ୍ୱ ବନ୍ଧ ସଠିଲୋ, ଶିଶୁଆ ଓ ପୁରୁଷୋତ୍ତମପୁରଠାରେ



ଜଳସମ୍ପଦ ବିଭାଗ ପକ୍ଷରୁ ପଥର ପ୍ୟାକିଂ କାର୍ଯ୍ୟ ଜାରି ରହିଛି। ମୁଖ୍ୟଯନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଯୁବ ସମାଜସେବୀ ଉତ୍ତମ ସ୍ୱାଇଁ ଉପସ୍ଥିତ ରହି ତାଙ୍କୁ ଦ୍ୱୀପାଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ପୂର୍ବରୁ ଚିରସ୍ରୋତା ରହିଥିବା କରାଣ୍ଡିଆ ନଦୀରେ ଏବେ ବର୍ଷା ଦିନ ବ୍ୟତୀତ ଅନ୍ୟ ସମୟରେ ଜଳ ପ୍ରବାହ ହେଉ ନଥିବାରୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ନେଇ ଶ୍ରୀ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟଯନ୍ତ୍ରୀ ଇଂ. ରାଉତ ଏହି ସମସ୍ୟାର ଅନୁଧ୍ୟାନ କରି କରାଣ୍ଡିଆର ଉତ୍ପତ୍ତି ସ୍ଥଳରେ ପାଣିକୁ ଅବରୋଧ କରୁଥିବା ପଥରବନ୍ଧକୁ କାଟିବା ପାଇଁ ପରାମର୍ଶ ଦେବା ସହ ବିଭାଗ ପକ୍ଷରୁ ଖୁବ୍ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଲୁଣା ଓ କରାଣ୍ଡିଆ ନଦୀର ବିପଦସଙ୍କୁଳ ଅବସ୍ଥାରେ ଥିବା ବିଭିନ୍ନ ସ୍ଥାନରେ ପଥର ପ୍ୟାକିଂ କରାଯିବ ବୋଲି ସେ କହିଛନ୍ତି। ଏହି ପରିଦର୍ଶନ ସମୟରେ ମହାନଦୀ ନର୍ଥ ଡିଭିଜନ ଜଗତପୁରର ଅଧୀକ୍ଷଣ ଯନ୍ତ୍ରୀ ଇଂ. ସନ୍ଦୀପ କୁମାର ବେହେରା, ପୁନ୍ଦାଲୋ ନଦୀବନ୍ଧ ଉପକଣ୍ଠ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଗଦାଧର ବାରିକ, ଅସୁରେଶ୍ୱର ଏମବ୍ୟାକମେଣ୍ଟ ସେକ୍ସନ ତରତର ସହକାରୀ ଯନ୍ତ୍ରୀ ଇଂ. ମନୋରଞ୍ଜନ ମହାନ୍ତି ଓ ପୁନ୍ଦାଲୋ ସେକ୍ସନର ସହକାରୀ ଯନ୍ତ୍ରୀ ଇଂ. କୃପାସିନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପରିତ୍ୟକ୍ତ ଅବସ୍ଥାରେ ଐତିହାସିକ ଜଳାଶୟ

**ତାଳଚେର,୨୬।୪/ଏନ୍ଏନ୍ଏସ୍:** ତାଳଚେର ପୌରାଞ୍ଚଳ ମଧ୍ୟଭାଗରେ ଅବସ୍ଥିତ ରାଜା ରାଜୁଡ଼ା ଅମଳର ଐତିହାସିକ 'ଚିତ୍ରକୂଟ ପୋଖରୀ' ଏବେ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ରାଜା ରାଜୁଡ଼ା ଅମଳରୁ ନିର୍ମିତ ଏହି ମୁଖ୍ୟ ପୋଖରୀଟି ଦୀର୍ଘ ଦିନ ହେବ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିଲେ ମଧ୍ୟ ଏହାର ପୁନରୁଦ୍ଧାର ପାଇଁ ପ୍ରଶାସନିକ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ସହରର ପ୍ରାୟ ୬ରୁ ୭ଟି ୱାର୍ଡର ଜନସାଧାରଣ ନିଜର ନିତ୍ୟକର୍ମ ପାଇଁ ଏହି ପୋଖରୀ ଉପରେ ନିର୍ଭର କରୁଥିବା ବେଳେ ଏବେ ଏହା ଏକ ନର୍କକୁଣ୍ଡରେ ପରିଣତ ହୋଇଛି।



ଏକଦା ସ୍ୱଚ୍ଛ ଜଳରେ ପରିପୂର୍ଣ୍ଣ ଏହି ପୋଖରୀଟି ବର୍ଷତମାମ ଲୋକଙ୍କ ବ୍ୟବହାରରେ ଆସୁଥିଲା। ବିବାହ, ବ୍ରତ, ଶୁଦ୍ଧିକ୍ରିୟା ଏବଂ ବିଭିନ୍ନ ପର୍ବପର୍ବାଣୀ ସମୟରେ ଏହି ଜଳାଶୟ ଅଞ୍ଚଳବାସୀଙ୍କ ପାଇଁ ବହୁ ସହାୟକ ହେଉଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ପୋଖରୀର ଚତୁଃପାର୍ଶ୍ୱରେ ଅନାବନା ଗଛଲତା, ଆବର୍ଜନା ଓ ମାଛକାତି ଜମି ରହିବା ସହ ପୋଖରୀ ଭିତରେ ବଡ଼ ବଡ଼ ଘାସ ଓ ବୃକ୍ଷଲତା ମାଡ଼ିଗଲାଣି। ବର୍ତ୍ତମାନ ତାଳଚେର ପୌର ପରିଷଦ ପକ୍ଷରୁ ସହରର ଉନ୍ନତିମୂଳକ କାର୍ଯ୍ୟ ପାଇଁ ପ୍ରଜାମଣ୍ଡଳ ଭବନ ଓ ଗୋପବନ୍ଧୁ ଟାଉନ ହଲ୍‌କୁ ମେସିନ ସାହାଯ୍ୟରେ ଭଙ୍ଗାଯାଇ ନୂତନ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହି ପରିପ୍ରେକ୍ଷୀରେ ଯଦି ଚିତ୍ରକୂଟ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ କରାଯାଆନ୍ତା, ତେବେ ଏହା ପୁନର୍ଜୀବିତ ହୋଇପାରନ୍ତା ବୋଲି ସ୍ଥାନୀୟ ବାସିନ୍ଦା, ନିକଟସ୍ଥ ମାର୍କେଟ କମ୍ପ୍ଲେକ୍ସର ବ୍ୟବସାୟୀ ଓ ଟାକ୍ସି ଷ୍ଟାଣ୍ଡର ଲୋକମାନେ ମତ ପ୍ରକାଶ କରିଛନ୍ତି। ସବୁଠାରୁ ଦୁଃଖର ବିଷୟ ହେଉଛି, ପୋଖରୀର ସଂସ୍କାର ପାଇଁ ନେତାମାନଙ୍କ ଦ୍ୱାରା ତିନି ତିନି ଥର ଫଳକ ଲାଗିଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରି ନାହିଁ। ପୌରବାସୀ ଏ ନେଇ ସ୍ଥାନୀୟ ନେତା, ବିଧାୟକ ଓ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ପୋଖରୀ ନିକଟରେ ଟାକ୍ସି ଷ୍ଟାଣ୍ଡ, ରାମଚନ୍ଦ୍ର ମାର୍କେଟ, ବାଇପାସ୍ ବସ୍ତି ଓ ଚିତ୍ରକୂଟ ଶିବ ମନ୍ଦିର ଅବସ୍ଥିତ ଥିବାରୁ ଏହାର ପୁନରୁଦ୍ଧାର ହେଲେ ବହୁ ଜନସାଧାରଣ ଉପକୃତ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ତେବେ ପ୍ରଶାସନ ଏହି ରଜାଘର ଅମଳର କୀର୍ତ୍ତିକୁ କେବେ ସୁରକ୍ଷା ଦେଉଛି ଓ ଲୋକଙ୍କ କାର୍ଯ୍ୟରେ ଏହା କେବେ ଆସୁଛି, ତାହା ଦେଖିବାକୁ ବାକି ରହିଲା।

ନିତି ଭାରତୀ

କାମ ବାସନା, କ୍ରୋଧ ଏବଂ ଲୋଭ ନର୍କର ଦ୍ୱାର ଉନ୍ମୁକ୍ତ କରିଥାଏ।
- ଭଗବତ୍ ଗୀତା

NITIDIN
ନିତିଦିନ
ସୋମବାର, ୨୭ ଏପ୍ରିଲ ୨୦୨୬

# ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ଅର୍ଥନୈତିକ ବିକାଶ (୨)



ଡକ୍ଟର ଚିତ୍ତରଂଜନ ମିଶ୍ର

ଏହି ନିବନ୍ଧଟିରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କିଭଳି ଭାବେ ଅର୍ଥନୈତିକ ପଲିସିକୁ ପ୍ରଭାବିତ କରିଛି କିମ୍ବା ଅର୍ଥନୈତିକ ପଲିସି ଦ୍ୱାରା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କିଭଳି ନିଜେ ପ୍ରଭାବିତ ହୋଇଛି, ତା'ଉପରେ ଆଲୋକପାତ କରାଯିବାର ପ୍ରଚେଷ୍ଟା କରାଯାଇଛି। ସ୍ୱାଧୀନତା ପରବର୍ତ୍ତୀ ବିକାଶର ଧାରାକୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ। ପ୍ରଥମ ତିନି ଦଶନ୍ଧି ମଧ୍ୟରେ ଦେଶରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିଶାଳ ଭିତ୍ତିଭୂମିର ନିର୍ମାଣ କରାଯାଇଥିଲା। ଏହା ଭାରତବର୍ଷର ନବନିର୍ମାଣରେ ଏକ ମହତ୍ତର ଅବଦାନ ପ୍ରଦାନ କରିଥିଲା ଓ ରାଷ୍ଟ୍ର ରୂପାନ୍ତରଣର ନବ ରୂପରେ ଦଣ୍ଡାୟମାନ ହେଲା। ୧୯୮୦ରୁ ୨୦୦୦ ମସିହା ମଧ୍ୟରେ ଦେଶରେ ଅର୍ଥନୀତିର ଉଦାରୀକରଣ ପ୍ରକ୍ରିୟା କାର୍ଯ୍ୟକାରୀ ହେଲା ଏବଂ ଅର୍ଥର ସୃଷ୍ଟି ଏକ ମୂଲ୍ୟବାନ, ଲାଭଦାୟକ ଏବଂ ସମ୍ମାନାସ୍ପଦ ଲକ୍ଷ୍ୟସ୍ଥଳ ଭାବେ ପରିଗଣିତ ହେଲା। ଧୀରେ ଧୀରେ ପ୍ରାଇଭେଟ ସେକ୍ଟର ଏକ ବୃହତ୍ତମ ଭୂମିକା ସଂପାଦନ କରିବାକୁ ଲାଗିଲା।

ନୂଆ ଶତାବ୍ଦୀରେ ଉଦାରୀକରଣକୁ ଅଧିକ ବ୍ୟାପକ ଭାବେ ଗ୍ରହଣ କରାଯାଇଛି ଏବଂ ଅଧିକ ଗଭୀର ଭାବେ ମଧ୍ୟ ଅନୁସରଣ କରାଯାଇଛି, ଯାହାକି ତତ୍ ସହ ଜଡ଼ିତ ଅର୍ଥନୀତିର ଦ୍ରୁତ ଅଭିବୃଦ୍ଧିକୁ ଘରକୁ ପାଛୋଟି ଆଣିଥିଲା। ଫଳ ସ୍ୱରୂପ, ଗ୍ରାହକ ଶ୍ରେଣୀଙ୍କ ଦ୍ୱାରା ଭାରତୀୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବ୍ୟବସ୍ଥା ଉପରେ ଏକ ସବଳ, ଅଥଚ ଅପ୍ରତ୍ୟାଶିତ ପ୍ରଭାବ ପରିଲକ୍ଷିତ ହୋଇଥିଲା ଏବଂ ଏ ସମସ୍ତ ପରିବର୍ତ୍ତନକୁ ଏ ପର୍ଯ୍ୟନ୍ତ ମଧ୍ୟ ପୂର୍ଣ୍ଣ ମାତ୍ରାରେ ଗ୍ରହଣ କରିପାରି ନାହିଁ। ସଂପ୍ରତିକ ଦୃଶ୍ୟପଟ ବିରୋଧାଭାସ ବା ଆତ୍ମବିରୋଧୀ ଧାରଣାରେ ପରିପୂର୍ଣ୍ଣ ଏବଂ ଭବିଷ୍ୟତ ଅଧିକ ରୋଚକପୂର୍ଣ୍ଣ ହେବ ବୋଲି ପ୍ରତୀୟମାନ ହୋଇଥାଏ।

ସ୍ୱାଧୀନତା ପରବର୍ତ୍ତୀ ପ୍ରାରମ୍ଭିକ ଦଶନ୍ଧି ସମୂହ: ଭାରତବର୍ଷର ସଂପ୍ରତିକ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବ୍ୟବସ୍ଥାର ଶୁଭାରମ୍ଭ ହୋଇଥିଲା ବ୍ରିଟିଶ ସରକାରଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ପ୍ରଥମ ବୈଜ୍ଞାନିକ ଏଜେନ୍ସିମାନଙ୍କ ଦ୍ୱାରା ଏବଂ ଏହା ଉଦ୍ଦିଷ୍ଟ ଥିଲା ଅଷ୍ଟାଦଶ ଏବଂ ଊନବିଂଶ ଶତାବ୍ଦୀରେ ଭାରତବର୍ଷରେ ବ୍ରିଟିଶ ରାଜତ୍ୱର ସୁଗମ ପରିଚାଳନା ଓ ସଂପ୍ରସାରଣକୁ ନେଇ। ସର୍ଭେ ଅଫ୍ ଇଣ୍ଡିଆର ସ୍ଥାପନା ୧୭୬୭ ମସିହାରେ ହୋଇଥିଲା ବେଳେ ଭାରତୀୟ ପାଣିପାଗ ବିଭାଗ ୧୮୭୫ ମସିହାରେ ସ୍ଥାପନା ହୋଇଥିଲା। ଏଭଳି ଏକାଧିକ ଏଜେନ୍ସି ଅତି ଉତ୍କୃଷ୍ଟ ବ୍ରିଟିଶ ନେତୃବୃନ୍ଦଙ୍କ ଛତ୍ରଛାୟାରେ ଅଭିବର୍ଦ୍ଧିତ ହୋଇଥିଲା (ଯାହାଙ୍କ ପାଖରେ ଭାରତୀୟ ସହାୟକମାନେ କାମ କରୁଥିଲେ), ଯାହାକି ସେମାନଙ୍କର ଶୃଙ୍ଖଳାବଦ୍ଧ କାର୍ଯ୍ୟଧାରା ଓ ସେମାନଙ୍କ ନେତୃତ୍ୱାଧୀନ ପ୍ରତିଷ୍ଠାନଗୁଡ଼ିକୁ ଚିରସ୍ଥାୟୀ ଛାଡ଼ିଯିବାରେ ସହାୟକ ହୋଇଥିଲା॥

ଭାରତବର୍ଷର ମହାକାଶ କାର୍ଯ୍ୟକ୍ରମ: ଭାରତୀୟ ମହାକାଶ କାର୍ଯ୍ୟକ୍ରମ ୧୯୬୦ ଦଶକର ପ୍ରାରମ୍ଭିକ ପର୍ଯ୍ୟାୟରେ ଆଟମିକ୍ ଏନର୍ଜି ବିଭାଗ ଅଧୀନରେ ଏକ ପ୍ରକଳ୍ପ ଭାବେ କାର୍ଯ୍ୟ ଆରମ୍ଭ କରିଥିଲା। ଆଜି ଏହା ଦେଶର ସର୍ବଶ୍ରେଷ୍ଠ ବେସାମରିକ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କାର୍ଯ୍ୟକ୍ରମ। ୧୦ମ ପଞ୍ଚବାର୍ଷିକ ଯୋଜନାରେ (୨୦୦୨-୨୦୦୭) ମହାକାଶ କାର୍ଯ୍ୟକ୍ରମ ୨.୬ ବିଲିୟନ ଆମେରିକୀୟ ଡଲାରର ପୁଞ୍ଜିଲାଭ କରିଛି ଏବଂ ପ୍ଲାନ୍ ବଜେଟର ଏହା ହେଉଛି ୪୫ ପ୍ରତିଶତ, ଯାହାକି ଦେଶର ୬ଟି ପ୍ରମୁଖ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗକୁ ବିଚାରକୁ ନେଲେ, କେବଳ ଦେଶରକ୍ଷାକୁ ଛାଡ଼ି। ବିକ୍ରମ ସରାଭାଇ ଥିଲେ ଭାରତୀୟ ମହାକାଶ କାର୍ଯ୍ୟକ୍ରମର ଜନକ।

ଅର୍ଥନୈତିକ ସଂସ୍କାର: ୧୯୪୭ରୁ ୧୯୭୦ ଦଶକର ତିନି ଦଶନ୍ଧି ଧରି ସମାଜବାଦୀ ଯୁଗ ମଧ୍ୟରେ ଅର୍ଥନୀତିର ୩ ପ୍ରତିଶତ ଅଭିବୃଦ୍ଧି ଜନସଂଖ୍ୟା ଅଭିବୃଦ୍ଧିଠାରୁ କେବଳ ସ୍ୱଳ୍ପ ଅଧିକ ଥିଲା। ତେଣୁ ବ୍ୟାପକ ଦୃଷ୍ଟିକୋଣ ଅଧୁରା ରହି ଯାଇଛି। ଏହି ସମୟ ସୀମାର ଶେଷାର୍ଦ୍ଧ ଆଡ଼କୁ ଉନ୍ନତି ପରିଲକ୍ଷିତ ହେବାକୁ ଲାଗିଲା, କେବଳ ଖାଦ୍ୟ ଯୋଗାଣ କ୍ଷେତ୍ରରେ ନୁହେଁ। ବାଂଲାଦେଶର ଯୁଦ୍ଧ ପରେ ଏବଂ ୧୯୭୪ର ପୋଖରାନ୍ ନାଭିକୀୟ ପରୀକ୍ଷା ନିରୀକ୍ଷା ପରେ ଏବଂ ବ୍ୟାପକ ଶିଳ୍ପ ଭିତ୍ତିଭୂମିର ପ୍ରତିଷ୍ଠା ପରେ ଏବଂ କୌଶଳଗତ ସ୍ୱାଧୀନତାର ଏକ ନିର୍ଦ୍ଦିଷ୍ଟ ସ୍ତର ପର୍ଯ୍ୟନ୍ତ ପୁନଶ୍ଚ ଆମେ ପହଞ୍ଚି ପାରିଲେ।

ନୂତନ ଶତାବ୍ଦୀ: ଅଭିବୃଦ୍ଧି ହାର ୯ ପ୍ରତିଶତକୁ ବୃଦ୍ଧି ପାଇବା ଫଳରେ ଭାରତବର୍ଷର ଜିଡିପି ଏବେ ୧ ଟ୍ରିଲିୟନ ଡଲାରରେ ପହଞ୍ଚିଛି ଏବଂ ବିଶ୍ୱ ଆଗରେ 'ଇଣ୍ଡିଆ ସାଇନିଂ', 'ଇଣ୍ଡିଆ ରାଇଜିଂ'ର ନିରନ୍ତର ଚିତ୍ର ଉପସ୍ଥାପନ ହେଉଥିବା କାରଣରୁ ଭାରତୀୟ ଅର୍ଥନୀତି ଅଭୂତପୂର୍ବ ବଜାର ଅର୍ଥନୀତି ଦିଗରେ ଗତି କରି ଚାଲିଛି। ବ୍ୟବସାୟ ଦୃଶ୍ୟପଟରେ ଯେଉଁ ପରିବର୍ତ୍ତନ ଅବଲୋକନ କରାଯାଉଛି, ତାହା ନିଶ୍ଚିତ ଭାବେ ଅତ୍ୟନ୍ତ ଆକର୍ଷଣୀୟ ଏବଂ ପ୍ରଭାବଶାଳୀ ଭୂମିକା ସଂପାଦିତ କରୁଛି। ଦେଶରେ ମୋଟା ଅଙ୍କର ବୈଦେଶିକ ମୁଦ୍ରା ଗଚ୍ଛିତ ଅଛି, ଆର୍ଥିକ ଅଭିବୃଦ୍ଧି ମଧ୍ୟ ସହଜସାଧ୍ୟ ହୋଇ ଯାଇଛି ଏବଂ ଜନସଂଖ୍ୟାରେ ଅଭିବୃଦ୍ଧିରେ ଶିଥିଳତା ପରିଲକ୍ଷିତ ହୋଇଛି।

ପ୍ରଯୁକ୍ତିବିଦ୍ୟା: ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ନେଇ ଏକାଧିକ ପ୍ରଶ୍ନ ମଧ୍ୟ ଉତ୍ଥାପନ ହୋଇଥାଏ। ୧୯୮୦ ମସିହାରୁ ୨୦୦୦ ମସିହା ମଧ୍ୟରେ ଦେଶରେ ସୂତ୍ରପାତ ହୋଇଥିବା ଅର୍ଥନୈତିକ ସଂସ୍କାର ବ୍ୟବସ୍ଥା ପୂର୍ବରୁ ଓ ପରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସହ ଏହାର ସଂପର୍କ କ'ଣ ଥିଲା। ୧୯୮୦ ମସିହା ପୂର୍ବରୁ ଦେଶରେ ସରକାରୀ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧୀୟ ଭିତ୍ତିଭୂମିର ବିକାଶ ବିଗତ କିଛି ଦଶନ୍ଧିର ତ୍ୱରିତ ଅର୍ଥନୈତିକ ଅଭିବୃଦ୍ଧି ସହ କୌଣସି ସମ୍ବନ୍ଧ ଅଛି କି ? ଭବିଷ୍ୟତର ଗତିପଥ ତା'ହେଲେ କେଉଁ ଦିଗରେ ଯାଉଛି ? ମହାକାଶ ଗବେଷଣା କ୍ଷେତ୍ରକୁ ଛାଡ଼ିଦେଲେ ଷ୍ଟ୍ରାଟେଜିକ୍ ଟେକ୍ନୋଲୋଜି କ୍ଷେତ୍ରରେ ଦେଶରେ 'ପୃଥିବୀ' ଓ 'ଅଗ୍ନି' ସିରିଜ୍ ନାମକ ଦୁଇଟି ବ୍ୟବହାର ଉପଯୋଗୀ କ୍ଷେପଣାସ୍ତ୍ରର ଡିଜାଇନ ଓ ଉତ୍ପାଦନ ସଫଳତାର ସହ ଦେଶରେ ସଂପାଦନ ହୋଇ ପାରିଛି।

ମୌଳିକ ବିଜ୍ଞାନ: ଏକ ଅଭିନବ ବୈଷୟିକ ବ୍ୟବସ୍ଥାର ଅତ୍ୟାବଶ୍ୟକ ଉପାଦାନ ହେଉଛି ଜାତୀୟ ବିଜ୍ଞାନ ଆଧାର। କୌଣସି ଏକ ରାଷ୍ଟ୍ରର ବିଶ୍ୱସ୍ତରୀୟ ସ୍ଥିତିର ସର୍ବାଧିକ ପ୍ରଚଳିତ ମାପକ ହେଲା ସେହି ରାଷ୍ଟ୍ରରୁ ପ୍ରକାଶ ପାଉଥିବା ଆନ୍ତର୍ଜାତିକ ମାନ୍ୟତାପ୍ରାପ୍ତ ଗବେଷଣା ନିବନ୍ଧର ସଂଖ୍ୟା। ୧୯୯୭ରେ ଭାରତ ଓ ଚୀନ୍‌ରୁ ପ୍ରକାଶ ପାଇଥିବା



ଗବେଷଣା ନିବନ୍ଧର ସଂଖ୍ୟା ପ୍ରାୟତଃ ସମାନ ଥିଲା, ଯଦିଓ ଏହି ଉଭୟ ରାଷ୍ଟ୍ରର ଗବେଷଣା ନିବନ୍ଧର ସଂଖ୍ୟା ଆମେରିକାଠାରୁ ୫ ପ୍ରତିଶତ କମ୍ ଥିଲା। ୨୦୦୬ରେ ଚୀନ୍, ଭାରତ ଓ ଆମେରିକାରୁ ପ୍ରକାଶିତ ହୋଇଥିବା ଗବେଷଣା ନିବନ୍ଧର ସଂଖ୍ୟା ୩୬୦ ପ୍ରତିଶତ, ୬୦ ପ୍ରତିଶତ ଓ ୧୮ ପ୍ରତିଶତକୁ ବୃଦ୍ଧି ଘଟିଥିଲା।

ତୀବ୍ର ପାର୍ଥକ୍ୟ: ଉଜ୍ଜ୍ୱଳ ଦିଗଟିକୁ ଦେଖିଲେ, ଭାରତବର୍ଷରେ ଏକ ଶ୍ରେଷ୍ଠ ଶିକ୍ଷା ବ୍ୟବସ୍ଥା ରହିଛି, ଯାହାକି ଉତ୍କୃଷ୍ଟ ଇଞ୍ଜିନିୟରିଂ ଗ୍ରାଜୁଏଟ ସୃଷ୍ଟି କରିଥାଏ। ଆଇଆଇଟି ପାଇଁ ପ୍ରାୟ ୫ ଲକ୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୫୦୦ ଜଣ ମନୋନୀତ ହୋଇଥାନ୍ତି ଏକ ବଳିଷ୍ଠ ପ୍ରତିଯୋଗିତା ମାଧ୍ୟମରେ। ଆମେରିକାରେ ଜଣେ ଇଞ୍ଜିନିୟରିଂ ଗ୍ରାଜୁଏଟ ସୃଷ୍ଟି ହେବା ପାଇଁ ଯେତିକି ଖର୍ଚ୍ଚ ଲାଗିଥାଏ, ତା'ର ଏକ ଭଗ୍ନାଂଶ ଭାରତରେ ବ୍ୟୟ ହୋଇଥାଏ। ଭାରତରେ ଏଭଳି ଏକ ଗବେଷଣା ଓ ଉନ୍ନୟନ ବ୍ୟବସ୍ଥା ରହିଛି, ଯାହାକି ଆନ୍ତର୍ଜାତିକ ପବ୍ଲିକେସନ୍ ପ୍ରକାଶ କରିଥାଏ ଓ ତାହା ପୁଣି ବିଶ୍ୱର ପ୍ରମୁଖ ରାଷ୍ଟ୍ରଙ୍କଠାରୁ କମ୍ ଖର୍ଚ୍ଚରେ। ସବୁଠାରୁ ଉଲ୍ଲେଖନୀୟ କଥାଟି ହେଲା, ଭାରତ ପାଖରେ ବିଶ୍ୱର ସର୍ବବୃହତ୍ ଓ ସର୍ବୋତ୍ତମ ମହାକାଶ କାର୍ଯ୍ୟକ୍ରମ ବ୍ୟବସ୍ଥା ରହିଛି, ଯାହାକି ଖୁବ୍ କମ୍ ଖର୍ଚ୍ଚରେ ସଫଳ ଭାବେ ସଂପାଦିତ ହୋଇ ପାରିଛି। ଭାରତବର୍ଷରେ ୩୦୦ରୁ ଊର୍ଦ୍ଧ୍ୱ ବହୁରାଷ୍ଟ୍ରୀୟ କମ୍ପାନୀ ଅଛନ୍ତି, ଯେଉଁମାନଙ୍କ ପାଖରେ ଅନୁସନ୍ଧାନ ଓ ବିକାଶର ପ୍ରତିଷ୍ଠିତ ବିଜ୍ଞାନାଗାର ରହିଛି।

ଭାରତୀୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପଲିସିର ଭୂମିକା: ଗତ ୭୫ ବର୍ଷ ଧରି ଦେଶରେ ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପଲିସି କିଭଳି ଭାବେ କ୍ରମ ବିକଶିତ ହୋଇଛି ? ପଣ୍ଡିତ ନେହରୁଙ୍କ ଦ୍ୱାରା ୧୯୫୮ ମସିହାରେ ସଂପାଦିତ ହୋଇଥିବା ବୈଜ୍ଞାନିକ ନୀତି ସଂକଳ୍ପ ଥିଲା ମୌଳିକ ଭାବେ ଏକ ବିଶ୍ୱାସର ଘୋଷଣାନାମା, ବିଜ୍ଞାନର ପ୍ରୋତ୍ସାହନ ପାଇଁ ପ୍ରତିଜ୍ଞା, ବୈଜ୍ଞାନିକ ଓ ବୈଷୟିକ ବ୍ୟକ୍ତିବିଶେଷଙ୍କୁ ଶିକ୍ଷା ଓ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ, ବ୍ୟକ୍ତିଗତ ଉଦ୍ୟମକୁ ପ୍ରୋତ୍ସାହିତ କରିବା ଏବଂ ବୈଜ୍ଞାନିକ ଜ୍ଞାନ ସଂପତ୍ତିର ଲାଭକୁ ରାଷ୍ଟ୍ରର ଭବିଷ୍ୟତ ପାଇଁ ସୁରକ୍ଷିତ କରି ରଖିବା। ବୈଜ୍ଞାନିକମାନଙ୍କୁ ଉତ୍ତମ ଚାକିରି ସର୍ତ୍ତାବଳୀ ପ୍ରଦାନ ସହ ସରକାରଙ୍କ ଉପଦେଷ୍ଟା ମଣ୍ଡଳୀରେ ଉପଦେଷ୍ଟା ପଦବୀ ମଣ୍ଡନ ପାଇଁ ମଧ୍ୟ ସୁବିଧା କରାଯାଇଛି।

ଭବିଷ୍ୟତର ଗତିପଥ: ଭାରତବର୍ଷର ବୈଜ୍ଞାନିକ ଭବିଷ୍ୟତ ନିଶ୍ଚିତ ରୂପେ ଉଜ୍ଜ୍ୱଳମୟ ଅର୍ଥନୀତି ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇ କାର୍ଯ୍ୟ କରିବ। ଅର୍ଥନୀତି ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ସାବ୍ୟସ୍ତ ହେବେ। ଟେକ୍ନୋଲୋଜିର ଆଧାରଶିଳା ହେଲା ବିଜ୍ଞାନ ଏବଂ ଟେକ୍ନୋଲୋଜିର ବିକାଶର ପଥ ପ୍ରଦର୍ଶକ ହେବ ଅର୍ଥନୀତି। ଏକ ଉତ୍ତମ ଅର୍ଥନୀତିସଂପନ୍ନ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବ୍ୟବସ୍ଥା ଭବିଷ୍ୟତ ଭାରତବର୍ଷର ସର୍ଜନା କରିବ ଏବଂ ନବସୃଜନ ଆଧାରିତ ଅର୍ଥନୀତି ଦିଗରେ ଭାରତର ଯାତ୍ରା ରାଷ୍ଟ୍ରୀୟ ଭବିଷ୍ୟତର ସଠିକ୍ ଦିଶା ଦିଗନ୍ତ ନିର୍ଣ୍ଣୟ କରିବ।

ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି
କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର
ମୋ: ୯୩୩୮୨୦୪୯୯୩
crmishra49@yahoo.in

# ପ୍ରଚେଷ୍ଟାରେ ହିଁ ପୂର୍ଣ୍ଣତା



ପ୍ରଣତି ଆଚାର୍ଯ୍ୟ ମିଶ୍ର

ଗଭୀର ଭାବେ ବିଶ୍ଳେଷଣ କଲେ ଜଣାଯାଏ, ଅସଫଳତା ଭିତରେ ଏକ ପ୍ରକାର ଆନନ୍ଦ ଓ ଆତ୍ମସନ୍ତୋଷ ଲୁଚି ରହିଥାଏ। ଏହା ଏକ ବିରୋଧାଭାସ ମନେ ହେଉଥିଲେ ମଧ୍ୟ ଜୀବନର ଅଭିଜ୍ଞତା ଦୃଷ୍ଟିରୁ ନିରାଟ ସତ୍ୟ।

ପୃଥିବୀରେ ଯଦି ସଂଘର୍ଷ ନଥାନ୍ତା, ତେବେ କ'ଣ ଆମେ ପ୍ରକୃତ ଖୁସି ପାଇ ଥାଆନ୍ତେ ? ଲକ୍ଷ୍ୟ ହାସଲ କରିବା ପରେ ଯେଉଁ ଆତ୍ମସନ୍ତୋଷ ଅନୁଭବ ହୁଏ, ତାହା ସଂଘର୍ଷପୂର୍ଣ୍ଣ ଯାତ୍ରାରୁ ହିଁ ଆସିଥାଏ। ବିଫଳତା ପରେ ନିଜକୁ ଆବିଷ୍କାର କରିବାର ସୁଯୋଗ ଜୀବନକୁ ଅର୍ଥପୂର୍ଣ୍ଣ କରିଥାଏ। ଏହି ସଂଘର୍ଷ ଏବଂ ବିଫଳତା ବିନା ଜୀବନ ନିରସ, ଅସମ୍ପୂର୍ଣ୍ଣ ଏବଂ ଲକ୍ଷ୍ୟହୀନ ହୋଇପଡ଼େ।

ଆଜି ଦ୍ରୁତ ପ୍ରଗତିର ସମୟ, ଯେଉଁଠାରେ ସମସ୍ତେ ଯଥାଶୀଘ୍ର ସବୁକିଛି ହାସଲ କରିବାକୁ ଚାହାନ୍ତି। କ୍ୟାରିଅର ହେଉ କିମ୍ବା ସମ୍ପର୍କ, ଧୈର୍ଯ୍ୟ ଏବଂ ସ୍ଥିର ପ୍ରୟାସକୁ ତୁରନ୍ତ ଫଳାଫଳ ଆକାଂକ୍ଷା ଦ୍ୱାରା ବଦଳା ଯାଇଛି। ନୂତନ ପିଢ଼ି ଏପରି ଏକ ଦୁନିଆରେ ଅଛନ୍ତି, ଯେଉଁଠାରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଏକ ବଟନ୍ କ୍ଲିକ୍‌ରେ ଉପଲବ୍ଧ। ଛାତ୍ରଛାତ୍ରୀମାନେ ଏକ ପ୍ରଶ୍ନର ଉତ୍ତର ପାଇଁ ତୁରନ୍ତ କୃତ୍ରିମ ବୁଦ୍ଧିମତ୍ତା କିମ୍ବା ଇଣ୍ଟରନେଟ୍ ଆଡ଼କୁ ମୁହାଁଇଥାନ୍ତି। ଏହି ସୁବିଧା ଧୀରେ ଧୀରେ ଏକ ଅଭ୍ୟାସରେ ପରିଣତ ହେଉଛି। ଏହା ଚ୍ୟାଲେଞ୍ଜକୁ ଏଡ଼ାଇବାର ଏକ ଅଭ୍ୟାସ। ଏହି ଅଭ୍ୟାସ ସହଜ ମନେହୁଏ, କିନ୍ତୁ ଏହାର ପରିଣାମ ଗମ୍ଭୀର। ଯେତେବେଳେ ଆମେ ପ୍ରତ୍ୟେକ କଷ୍ଟକୁ ଏଡ଼ାଇ ଯାଉ, ଆମର ମସ୍ତିଷ୍କ କମ୍ ସକ୍ରିୟ ହୋଇଯାଏ। ବୁଝିବା ଏବଂ ସମସ୍ୟା ସମାଧାନ କରିବାର କ୍ଷମତା ଦୁର୍ବଳ ହୋଇଯାଏ। ନୋବେଲ ପୁରସ୍କାର ବିଜେତା ନ୍ୟୁରୋସାଇଣ୍ଟିଷ୍ଟ ଡକ୍ଟର ଏଡୱାର୍ଡ ମୋଜର ବ୍ୟାଖ୍ୟା କରିଛନ୍ତି ଯେ ଜିପିଏସ ସିଷ୍ଟମ୍, ମଣିଷ ମସ୍ତିଷ୍କର ସଂରକ୍ଷଣ କ୍ଷମତାକୁ ନଷ୍ଟ କରୁଛି। ଅର୍ଥାତ୍ ମନୁଷ୍ୟର ସ୍ମରଣ ଶକ୍ତି ଧୀରେ ଧୀରେ କମି କମି ଯାଉଛି।

ବିଫଳତା ଜୀବନର ଏକ ଅନିବାର୍ଯ୍ୟ ଅଂଶ, କିନ୍ତୁ ଏହାକୁ ଗ୍ରହଣ କରିବା ଏବଂ ବୁଝିବା ଆଜିର ପିଢ଼ି ପାଇଁ ଏକ ପ୍ରମୁଖ ଚ୍ୟାଲେଞ୍ଜ ହୋଇ ପଡୁଛି। ବାସ୍ତବରେ ବିଫଳତା ଆମକୁ ଆତ୍ମନିରୀକ୍ଷଣ ଏବଂ ନିଜକୁ ଉନ୍ନତ କରିବାର ସୁଯୋଗ ଦିଏ। କଥାରେ ଅଛି, କଷ୍ଟ କଲେ କୃଷ୍ଣ ମିଳେ। ଯଦି କଷ୍ଟ କେବଳ କ୍ଲିକ୍ ଦ୍ୱାରା ବଦଳା ଯାଏ, ତେବେ ପ୍ରକୃତ ଖୁସି ଅସମ୍ଭବ। ଜ୍ଞାନ କେବଳ ସୂଚନାରୁ ନୁହେଁ, ବରଂ ଅଭିଜ୍ଞତା ଏବଂ ପ୍ରୟାସରୁ ଆସିଥାଏ। ଜୀବନର ଅର୍ଥ ଚ୍ୟାଲେଞ୍ଜ ଏବଂ ସଂଘର୍ଷ। ପ୍ରକୃତ ସୌନ୍ଦର୍ଯ୍ୟ ଏହି ଉତ୍ଥାନ-ପତନରେ ରହିଛି। ଚ୍ୟାଲେଞ୍ଜ କେବଳ ଆମର ଧୈର୍ଯ୍ୟ ପରୀକ୍ଷା କରେନାହିଁ, ବରଂ ଆମର ଲୁକ୍କାୟିତ ସମ୍ଭାବନାକୁ ମଧ୍ୟ ପ୍ରକାଶ କରେ। ଏହି ଚ୍ୟାଲେଞ୍ଜଗୁଡ଼ିକ ଆମକୁ ଏପରି କ୍ଷମତା ସହିତ ପରିଚିତ କରାଏ, ଯାହା ବିଷୟରେ ଆମେ ଅଜ୍ଞ। ଯେତେବେଳେ ଏକ କଷ୍ଟକର ପରିସ୍ଥିତି ସହିତ ସଂଘର୍ଷ କରୁଛନ୍ତି, ଆମର ଆନ୍ତରିକ ସାହସ, ଜ୍ଞାନ ଏବଂ ଆତ୍ମବିଶ୍ୱାସ ସକ୍ରିୟ ହୁଏ। ଏହି ସଂଘର୍ଷ ଆମକୁ ମାନସିକ, ଭାବଗତ ଏବଂ ଆଧ୍ୟାତ୍ମିକ ଭାବରେ ପରିପକ୍ୱ କରିଥାଏ। ଯେପରି ଏକ ହୀରା କେବଳ ପଲିସ୍ ହେବା ପରେ ଚମକ ଦିଏ, ସେହିପରି ଚ୍ୟାଲେଞ୍ଜଗୁଡ଼ିକ ଆମର ବ୍ୟକ୍ତିତ୍ୱକୁ ପରିଷ୍କାର କରି ଆମକୁ ଅଧିକ ଜାଜ୍ୱଲ୍ୟମାନ କରେ।

ଚ୍ୟାଲେଞ୍ଜଗୁଡ଼ିକୁ ଭୟ ପରିବର୍ତ୍ତେ ଏକ ସୁଯୋଗ ଭାବରେ ଗ୍ରହଣ କରିବା ଉଚିତ୍। ପ୍ରତ୍ୟେକ ସଂଘର୍ଷ ଆମକୁ କିଛି ଶିଖାଇ ଥାଏ ଏବଂ ସଫଳତାର ଏକ ପାଦ ନିକଟତର କରିଥାଏ। ଏହା ଆମକୁ ଉତ୍ତମ, ଶକ୍ତିଶାଳୀ ଏବଂ ଅଧିକ ପ୍ରେରଣାଦାୟକ ବ୍ୟକ୍ତି କରିଥାଏ। କ୍ୟାରିୟର ପାଇଁ ମଧ୍ୟ ସମାନ କଥା ପ୍ରଯୁଜ୍ୟ। ସଫଳତା ରାତାରାତି ମିଳେ ନାହିଁ। ଏହା ପଛରେ ନିରନ୍ତର ପରିଶ୍ରମ, ଧୈର୍ଯ୍ୟ ଏବଂ ସଂଘର୍ଷ ରହିଛି। ଯଦି ଥମାସ୍ ଏଡିସନ୍ ତୁରନ୍ତ ସଫଳତାକୁ ପସନ୍ଦ କରିଥାନ୍ତେ, ତେବେ ଆମ ପାଖରେ ଆଲୋକ ନଥାନ୍ତା। ସେ ହଜାର ହଜାର ଥର ବିଫଳତାର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ପଚାରିବାରୁ ସେ କହିଥିଲେ, ମୁଁ ବିଫଳ ହୋଇନାହିଁ; ମୁଁ ଏପରି ହଜାର ଉପାୟ ପାଇଲି, ଯାହା କାମ କରୁ ନଥିଲା। ଯେଉଁମାନେ ଚ୍ୟାଲେଞ୍ଜରୁ ଦୂରେଇ ଯାଆନ୍ତି, ସେମାନେ ନିଜର ସମ୍ଭାବନାକୁ ହରାଇ ଦିଅନ୍ତି। ଯେଉଁମାନେ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ସେମାନେ ଧୀରେ ଧୀରେ ସେମାନଙ୍କ ଲକ୍ଷ୍ୟର ନିକଟତର ହୁଅନ୍ତି ଏବଂ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ହୁଅନ୍ତି। ଆଜି ଚିନ୍ତାଜନକ ଭାବରେ ଆତ୍ମହତ୍ୟା ମାମଲା ବୃଦ୍ଧି ପାଉଛି। ଏଥିରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ଅଛନ୍ତି। ବୃଦ୍ଧି ପାଉଥିବା ପ୍ରତିଯୋଗିତା, ପରୀକ୍ଷା ଚାପ, କ୍ୟାରିୟର ଅନିଶ୍ଚିତତା ଏବଂ ବିଫଳତାର ଭୟ ଯୁବକମାନଙ୍କ ଉପରେ ଗୁରୁତ୍ୱପୂର୍ଣ୍ଣ ମାନସିକ ଚାପ ସୃଷ୍ଟି କରୁଛି। ସାମାଜିକ ଗଣମାଧ୍ୟମ, ପରିବାରର ଆଶା ଏବଂ ତୁରନ୍ତ ସଫଳତାର ଇଚ୍ଛା ମଧ୍ୟ ଚାପକୁ ବଢ଼ାଇ ଥାଏ। ଏହିପରି ସମୟରେ ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା, ଯୋଗାଯୋଗ ବୃଦ୍ଧି କରିବା, ପିଲାଦିନରୁ ପିଲାଙ୍କ ମଧ୍ୟରେ




ଚ୍ୟାଲେଞ୍ଜର ସମ୍ମୁଖୀନ ହେବାର କ୍ଷମତା ସୃଷ୍ଟି କରିବା ଉଚିତ, ଯାହା ଦ୍ୱାରା ସେମାନେ ଜୀବନରେ ଉନ୍ନତି କରି ପାରିବେ। ଆଜି ଯୋଗାଯୋଗର ଅଭାବ, ମୋବାଇଲ୍ ଫୋନ୍ ଏବଂ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର, ଅବାସ୍ତବ ଆଶା, ତୁଳନା ଏବଂ ଅହଙ୍କାର ଯୋଗୁଁ ଲୋକମାନେ ପରସ୍ପରକୁ ପର୍ଯ୍ୟାପ୍ତ ସମୟ ଦେଇପାରୁ ନାହାନ୍ତି, ଯାହା ଭାବଗତ ଦୂରତା ବୃଦ୍ଧି କରେ। ଛୋଟ ଛୋଟ କଥାକୁ ଅଣଦେଖା କରିବା କିମ୍ବା ଖୋଲାଖୋଲି କଥା ନହେବା ଭୁଲ୍ ବୁଝାମଣା ବୃଦ୍ଧି କରେ। ଯଦି ସମ୍ପର୍କରେ ଧୈର୍ଯ୍ୟ, ବୁଝାମଣା, ସମ୍ମାନ ଏବଂ ଯୋଗାଯୋଗ ବଜାୟ ରଖାଯାଏ, ତେବେ ସମସ୍ୟାର ସମାଧାନ ସହଜ ଏବଂ ସମ୍ପର୍କ ଗଭୀର ହେବ। ଏହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ ଜୀବନରେ ଆସୁଥିବା କଷ୍ଟ ଭାଙ୍ଗିବାର ଲକ୍ଷଣ ନୁହେଁ, ବରଂ ନିଜକୁ ସୁଧାରିବାର ସୁଯୋଗ। ପ୍ରତ୍ୟେକ ଚ୍ୟାଲେଞ୍ଜ ଆମକୁ ପୂର୍ବ ଅପେକ୍ଷା ଉନ୍ନତ କରିଥାଏ। ତେଣୁ ଚ୍ୟାଲେଞ୍ଜକୁ ଏଡ଼ାଇ ନୁହେଁ, ବରଂ ଚ୍ୟାଲେଞ୍ଜକୁ ପରାସ୍ତ କରି ଜୀବନ ଉନ୍ନତ ହୋଇଥାଏ।

ସାଂପ୍ରତିକ ସମୟର ଜୀବନ ଦୌଡ଼ରେ ସଫଳତା ଏକମାତ୍ର ଗନ୍ତବ୍ୟ ସ୍ଥଳ ପାଲଟିଛି। ଶିକ୍ଷାଠାରୁ ଆରମ୍ଭ କରି ବୃତ୍ତିଗତ କ୍ଷେତ୍ର ପର୍ଯ୍ୟନ୍ତ, ସବୁଠି କେବଳ ବିଜୟର ଜୟଗାନ କରାଯାଉଛି। ମାତ୍ର ଏହି ଚକ୍ରବ୍ୟୂହ ମଧ୍ୟରେ ଆମେ ଜୀବନର ସତ୍ୟ ଅସଫଳତାକୁ ସମ୍ପୂର୍ଣ୍ଣ ରୂପେ ନକାରାତ୍ମକ ଦୃଷ୍ଟିରେ ଦେଖିବାକୁ ଆରମ୍ଭ କରିଛନ୍ତି। ଅସଫଳତାକୁ କେବଳ ଅକ୍ଷମତାର ପରିଚୟ ବୋଲି ଭାବିବା ଏକ ବଡ଼ ଭ୍ରମ। ବାସ୍ତବରେ ଜୀବନର ସୁନ୍ଦରତା କେବଳ ଶୀର୍ଷରେ ପହଞ୍ଚିବାରେ ନଥାଏ, ବରଂ ବାରମ୍ବାର ପଡ଼ି ଉଠିବାରେ ଏବଂ ପ୍ରତିଟି ପରାଜୟରୁ ନୂଆ କିଛି ଶିଖିବାରେ ଯେଉଁ ଅନାବିଳ ଆନନ୍ଦ ଥାଏ, ତାହା ସଫଳତାର ଉଲ୍ଲାସଠାରୁ ଅଧିକ ଶାଶ୍ୱତ।

ନୟାଗଡ଼,
ମୋ: ୯୪୩୭୬୪୨୯୪୭

## ସମ୍ପାଦକଙ୍କୁ ପତ୍ର

### ଉଦ୍‌ବେଗଜନକ ସମସ୍ୟା

ବର୍ତ୍ତମାନ ଆମ ଦେଶରେ ଆତ୍ମହତ୍ୟା କରୁଥିବା ଲୋକଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବରେ ବୃଦ୍ଧି ପାଉଛି। ଧନୀ-ଗରିବ, ଶିକ୍ଷିତ-ଅଶିକ୍ଷିତ, ତରୁଣ-ପ୍ରବୀଣ ଅନୁପାତରେ ପ୍ରାୟ ସମସ୍ତ ବର୍ଗର ଲୋକ ଆତ୍ମହତ୍ୟା କରୁଥିବା ଦେଖିବାକୁ ମିଳୁଛି। ନିଜର ଜୀବନକୁ ଶେଷ କରିଦେବାର ଅର୍ଥ ନିଜେ ନିଜକୁ ହତ୍ୟା କରିବା। ତେଣୁ ଆତ୍ମହତ୍ୟା କରିବା ଆଇନ ଦୃଷ୍ଟିରୁ ଅପରାଧ ବୋଲି ଧରାଯାଏ। ଆତ୍ମହତ୍ୟାର ବିଭିନ୍ନ କାରଣ ମଧ୍ୟରୁ ବିଶେଷକରି ପାରିବାରିକ ସମସ୍ୟା, ଆର୍ଥିକ ସମସ୍ୟା, ଅସୁସ୍ଥତା, ପ୍ରେମ ସମ୍ପର୍କ, ନିଶା ସେବନ, ଋଣ, ଯୌତୁକ ପ୍ରମୁଖ ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ଆତ୍ମହତ୍ୟା ପ୍ରବଣତାକୁ କମ୍ କରିବାକୁ ସରକାରୀ ସ୍ତରରେ ଉଦ୍ୟମ ତ ନିଶ୍ଚିତ ହେବା ଦରକାର। ଏହା ସହ ବିଭିନ୍ନ ସାମାଜିକ ସଂଗଠନ ଏବଂ ସମ୍ପର୍କୀୟମାନଙ୍କ ଦ୍ୱାରା ଏଭଳି ନିରାଶ ଓ ଅସହାୟ ମଣିଷମାନଙ୍କୁ ସଚେତନ କରାଯିବା ସହ ଯଥା ସମ୍ଭବ ସହାୟତାର ହାତ ବଢ଼ାଇ ସେମାନଙ୍କ ମନୋବଳକୁ ଦୃଢ଼ କରିବା ଆବଶ୍ୟକ।

ବୈଷ୍ଣବ ମେହେର, ସିନାପାଲି, ନୂଆପଡ଼ା

# ଭୋଟରଙ୍କ ଉତ୍ସାହ

ବିବାଦୀୟ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟା ପରେ ଅନୁଷ୍ଠିତ ବିଧାନସଭା ନିର୍ବାଚନଗୁଡ଼ିକର ଏକ ଉତ୍ସାହଜନକ ବୈଶିଷ୍ଟ୍ୟ ହେଉଛି, ଚାରି ଗୋଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ହୋଇଥିବା ନିର୍ବାଚନରେ ଭୋଟରମାନଙ୍କ ଉତ୍ସାହ, ଯାହା ପ୍ରତିଫଳିତ ହୋଇଛି ଉଚ୍ଚ ମତଦାନ ହାରରେ। ନୂଆ ଭୋଟର ତାଲିକାଗୁଡ଼ିକ ହୁଏତ ଅନେକ ସଂଖ୍ୟକ ମତଦାତାଙ୍କୁ ସେମାନଙ୍କର ମତଦାନ ଅଧିକାରରୁ ବଞ୍ଚିତ କରିଥାଇପାରେ, କିନ୍ତୁ ସେଗୁଡ଼ିକ ମଧ୍ୟ ସେଇମାନଙ୍କ ପାଇଁ ମତଦାନ କରିବାକୁ ଏକ ନୂତନ ଆଗ୍ରହ ପ୍ରଦର୍ଶନ କରାଇବା ଭଳି ମନେହୁଏ, ଯେଉଁମାନେ କି ମତଦାତାମାନଙ୍କର ସେଇ ୧୨ ପ୍ରତିଶତ କି ସେହିଭଳି କିଛି ଶତକଡ଼ା ହାର ମଧ୍ୟରେ ରହିଛନ୍ତି, ଯେଉଁମାନଙ୍କର ନାମ ଭୋଟର ତାଲିକାରୁ ବାଦ୍ ପଡ଼ିଛି କିମ୍ବା ସେମାନଙ୍କ ମତଦାନ ଅଧିକାର ସମୀକ୍ଷାର ପରିସର ଭିତରେ ରହିଛି। ତାମିଲନାଡୁରେ ସଂଶୋଧିତ ଭୋଟର ତାଲିକାରୁ ୮୫ ପ୍ରତିଶତରୁ ଅଧିକ ବୁଥ୍‌ମାନଙ୍କୁ ଆସିଥିଲେ ଏବଂ ଇଭିଏମ୍‌ଗୁଡ଼ିକୁ ବ୍ୟବହାର କରିଥିଲେ, ଯେତେବେଳେ କି ମତଦାତାମାନଙ୍କର ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା ପଶ୍ଚିମବଙ୍ଗରେ, ଯେଉଁଠି ୧୦୦ ପ୍ରତିଶତ ମତଦାନର ଗଣତାନ୍ତ୍ରିକ ସ୍ୱପ୍ନ ପାଖାପାଖି ପୂରଣ ହୋଇଥିଲା। ଏତେ ସଂଖ୍ୟକ ଭୋଟର କେଉଁ ଦଳ ସପକ୍ଷରେ ମତଦାନର ଅଧିକାରକୁ ଉପଯୋଗ କରିଛନ୍ତି, ସେ ସମ୍ପର୍କରେ ବିଭିନ୍ନ ପ୍ରକାରର କଳ୍ପନା ଜଳ୍ପନା କରାଯାଉଛି। ସମ୍ଭବତଃ, ଯୁକ୍ତିସଙ୍ଗତ ହେବ ଏଇ ସିଦ୍ଧାନ୍ତରେ ପହଞ୍ଚିବାକୁ ଯେ ଲୋକମାନଙ୍କ କ୍ଷେତ୍ରରେ ଏକ ନୂଆ ଜାଗରଣ ସୃଷ୍ଟି ହୋଇଥିବ ସେମାନଙ୍କ ପସନ୍ଦର ନେତାମାନଙ୍କୁ ବାଛିବାକୁ, ଯେଉଁମାନେ ଆଗାମୀ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସେମାନଙ୍କୁ ଶାସନ କରିବେ। ଏହା ହୁଏତ କିଛି ଲୋକଙ୍କୁ ଉତ୍ତେଜିତ କରୁଥିବା ଏଇ ସିଦ୍ଧାନ୍ତରେ ଉପନୀତ ହେବାକୁ ଯେ ସରକାର-ବିରୋଧୀ ହାୱା ମତଦାତାମାନଙ୍କୁ ଅଧିକ ସଂଖ୍ୟାରେ ମତଦାନ କରିବାକୁ ଉତ୍ସାହିତ କରିଥିବ। ମମତା ବାନାର୍ଜୀଙ୍କ ଭଳି ଅନ୍ୟମାନେ କହୁଛନ୍ତି ଯେ ସେମାନେ ଏବେ ଚାଳକ ଆସନରେ ବସିଛନ୍ତି, କାରଣ ଲୋକମାନେ ସେମାନଙ୍କର ମତଦାନ ଅଧିକାରକୁ ଛଡ଼ାଇ ନିଆଯାଇ ଥିବାରୁ ଏତେ ସଂଖ୍ୟାରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ତଥ୍ୟ କିନ୍ତୁ ହେଉଛି- ଏସ୍ଆଇଆର୍‌କୁ ଆପଣ ଭଲ ପାଇ ପାରନ୍ତି, ଯେହେତୁ ଏହା ମୃତ ବ୍ୟକ୍ତିମାନଙ୍କ ନାମ ତଥା ସ୍ୱାଭାବିକ ଭାବରେ ବାସିନ୍ଦା ହୋଇ ନଥିବା ଲୋକମାନଙ୍କ ନାମକୁ ବାଦ୍ ଦେଇଛି ଅଥବା କିଛି ବର୍ଗର ଲୋକଙ୍କୁ ସେମାନଙ୍କ ମତଦାନର ଅଧିକାରରୁ କେନ୍ଦ୍ରରେ କ୍ଷମତାରେ ଥିବା ସରକାରର ଆଗ୍ରହ କ୍ରମେ ନିର୍ବାଚନ କମିଶନ ବଞ୍ଚିତ କରିଥିବାରୁ ଏହାକୁ ଘୃଣା କରି ପାରନ୍ତି, କିନ୍ତୁ ଆପଣ ନିର୍ବାଚନଗୁଡ଼ିକରେ ଏସ୍ଆଇଆର୍ ଉପାଦାନ କାର୍ଯ୍ୟ କରିଥିବାକୁ ଅସ୍ୱୀକାର କରି ପାରିବେ ନାହିଁ।

ଏସ୍ଆଇଆର୍‌ର ବିବାଦୀୟ ତଥା ଅତ୍ୟଧିକ ପରିମାଣରେ ଅସନ୍ତୋଷଜନକ କାର୍ଯ୍ୟ କରିବାର ଶୈଳୀ ଦ୍ୱାରା ଅନୁପ୍ରେରିତ କାରକଗୁଡ଼ିକ ବ୍ୟତୀତ ତାମିଲନାଡୁରେ ଯାହା ଗଣତନ୍ତ୍ରର ଗୁଞ୍ଜରଣଟିଏ ସୃଷ୍ଟି କରିଥିଲା, ତାହା ହେଉଛି ସିନେ ଅଭିନେତା ବିଜୟ ଉପାଦାନ। ପ୍ରଥମ ଥର ପାଇଁ ମତଦାନ କରୁଥିବା ଭୋଟର, ଯୁବ ବର୍ଗ ଏବଂ ମହିଳାମାନେ ଏତେ ସଂଖ୍ୟାରେ ବୁଥ୍‌ଗୁଡ଼ିକୁ ଯିବାରୁ ନିରୂପଣ କରିହେବାଯୋଗ୍ୟ ତଥ୍ୟ ସୂଚାଇବା ଭଳି ମନେହୁଏ ଯେ ସି ଯୋଶେଫ୍ ବିଜୟଙ୍କ ଟିଭିକେ ହୁଏତ ଭୋଟରମାନଙ୍କୁ ଉତ୍ସାହିତ କରିଥାଇପାରେ। ତେବେ ଏକଥାରେ ଅବଶ୍ୟ ସନ୍ଦେହ ରହିଛି ଯେ ଏ ପ୍ରକାରର ମତଦାନ ହାର ପ୍ରଥମ ଥର ପାଇଁ ନିର୍ବାଚନ ଲଢୁଥିବା ଉପରୋକ୍ତ ଦଳ ପାଇଁ କିଛି ଆସନରେ ବିଜୟ ବହନ କରି ଆଣିବ କି ନାହିଁ, କିନ୍ତୁ ଏକଥା ନିଶ୍ଚିତ ଯେ ସେ ସୁପ୍ରତିଷ୍ଠିତ ଦ୍ରାବିଡୀୟ ପ୍ରମୁଖ ଦଳମାନଙ୍କଠାରୁ କିଛି ସଂଖ୍ୟକ ଭୋଟ୍ ଛଡ଼ାଇ ନେଇଛନ୍ତି। ତେବେ ଫଳାଫଳ ଦୃଷ୍ଟିରୁ ଏହା କିପରି କାମ କରିବ, ତାହା ଏବେଠୁ କହିବା ସହଜ ନୁହେଁ। ଉଲ୍ଲେଖନୀୟ ଯେ ସିନେ ଜଗତରୁ ଜଣେ ବ୍ୟକ୍ତିତ୍ୱ ଦ୍ରାବିଡୀୟ ଦ୍ୱିଦଳ ମଧ୍ୟରେ ଏପରି ଏକ ଝଡ଼ ସୃଷ୍ଟି କରିବା, ଯେଉଁଥିରେ ରାଜ୍ୟ ଚଳଚ୍ଚିତ୍ରର ହିରୋ ଏବଂ ହିରୋଇନମାନଙ୍କ କବଳରୁ ଏହାର ସ୍ଥିରୀକୃତ ପ୍ରଥାରୁ ମୁକ୍ତି ପାଇଥିଲା, ତାହା ପୁଣିଥରେ ସେଇ ଧାରାକୁ ଫେରିବାକୁ ଯାଉଛି। ଏକଥା ବିଜୟ କରି ପାରିଲେ, ଏମିତିକି କେନ୍ଦ୍ର ସରକାର ଏବଂ ତାମିଲନାଡୁ ତାଙ୍କୁ ତାଙ୍କ ପ୍ରଚାର ଅଭିଯାନ ଚଳାଇବାରୁ ନିବୃତ୍ତ କରିବା ପାଇଁ ସବୁ ପ୍ରକାରର କୌଶଳ ଅବଲମ୍ବନ କରିବା ସତ୍ତ୍ୱେ, ଯାହା ମଧ୍ୟରେ ତାଙ୍କ ଅଭିନୀତ ୫୦୦ କୋଟି ଟଙ୍କାର ସିନେମା ଜନ ନାୟଗନ୍‌କୁ ଗଳାରୁଦ୍ଧ କରିବାର ଅବସ୍ଥା ମଧ୍ୟ ଅନ୍ତର୍ଭୁକ୍ତ। ଉତ୍ତରପୂର୍ବ ରାଜ୍ୟ ଆସାମଠାରୁ ଆରମ୍ଭ କରି ଦକ୍ଷିଣରେ ଅବସ୍ଥିତ ତାମିଲନାଡୁ, କେରଳ ଏବଂ ପୁଡୁଚେରୀରେ ଅନୁଷ୍ଠିତ ଏହି ପର୍ଯ୍ୟାୟର ନିର୍ବାଚନରେ ଏହା ଅବଶ୍ୟ ଥିଲା ଏକ ଉଲ୍ଲେଖନୀୟ ଘଟଣା।

ତାମିଲନାଡୁରେ ଡିଏମ୍‌କେ ଏବଂ ଏଆଇଏଡିଏମ୍‌କେର ଦ୍ୱିଦଳୀୟ ଚକ୍ରବ୍ୟୂହକୁ ଛିନ୍ନଛତ୍ର କରିଦେବା ଭଳି ପ୍ରଭାବ ବିଜୟ ହୁଏତ ପକାଇ ନପାଇ ପାରନ୍ତି, ପରନ୍ତୁ ସେ ନିଜର ଉପସ୍ଥିତିକୁ ଜାହିର କରିବା ପାଇଁ ସେ ଯଥେଷ୍ଟ ପରିଶ୍ରମ କରିଛନ୍ତି, ଯେତେବେଳେ କି ଶାସକ ଦଳ ଭୋଟରମାନଙ୍କ ପ୍ରତିକ୍ରିୟାକୁ ନେଇ ଢେର୍ ଉତ୍ସାହିତ ଅଛି। ମତଦାନର ଧାରାକୁ ଅଧ୍ୟୟନ କରିବା ପରେ ଉଭୟ ଦ୍ରାବିଡୀୟ ଦଳ ଦୃଢ଼ ବିଶ୍ୱାସୀ ଅଛନ୍ତି ଯେ ସ୍ଥିତାବସ୍ଥା ତଥାପି ବଜାୟ ରହିପାରେ, କିନ୍ତୁ ଏକ ତୃତୀୟ ଶକ୍ତିର ଆବିର୍ଭାବ ସମଗ୍ର ଦୃଶ୍ୟପଟକୁ ଏକ ଭିନ୍ନ ଅନୁଭୂତି ପ୍ରଦାନ କରିଛି। ୨୦୨୬ ବିଧାନସଭା ନିର୍ବାଚନର ଗତ ପର୍ଯ୍ୟାୟର ସର୍ବବୃହତ୍ ବିରୋଧାଭାସଟି ହେଉଛି, ପଶ୍ଚିମବଙ୍ଗ ନିର୍ବାଚନରେ ସଂଘଟିତ କାଁ ଭାଁ ନିର୍ବାଚନୀ ହିଂସାକୁ ପ୍ରଶଂସା କରାଯାଇଛି, ଯାହା କି ଏହି ରାଜ୍ୟରେ ଆପାତତଃ ଏକ ବିଧି ଭାବରେ ରହି ଆସିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ରାଜନୀତିକ ହିଂସା ପାଇଁ କୁଖ୍ୟାତ ଏଭଳି ଏକ ସମ୍ବେଦନଶୀଳ ରାଜ୍ୟରେ ସୁରକ୍ଷା ବଳମାନେ କ୍ୱଚିତ୍ କିଛି କରି ପାରିଥାନ୍ତେ। ସେଠାରେ ମଧ୍ୟ ରେକର୍ଡ ସଂଖ୍ୟକ ମତଦାନ ପ୍ରତିଶ୍ରୁତି ପ୍ରଦାନ କରୁଛି ଯେ ଲୋକମାନେ ଗୋଟିଏର ମୂଲ୍ୟକୁ ବୁଝି ପାରିବା ଆରମ୍ଭ କରିଛନ୍ତି- ଯାହା ହେଉଛି, ଗଣତନ୍ତ୍ରରେ ପର୍ଯ୍ୟାୟକ୍ରମେ ଜଣେ ବ୍ୟକ୍ତି ଦାନ କରି ପାରୁଥିବା ଗୋଟିଏ ଭୋଟ୍।

# ଦେବତା ହୁଅନ୍ତି ପ୍ରିୟ

ଆଜିକାଲି କେତେକ ପିଲା ନିଜ ବୟସ୍କ ବାପା ମାଆଙ୍କୁ ବୋଝ ବୋଲି ଭାବୁଛନ୍ତି। ବିଭିନ୍ନ ଆଳ ଦେଖାଇ ବାପା ମାଆଙ୍କଠାରୁ ଦୂରରେ ରହିବାକୁ ପସନ୍ଦ କରୁଛନ୍ତି। ଏଭଳି ସ୍ୱାର୍ଥପର ମଣିଷ ନିଜ କାମନା ପୂରଣ ପାଇଁ ବହୁ ପୂଜାପାଠ କରି ଥାଆନ୍ତି। ହେଲେ ସେସବୁ ଈଶ୍ୱରଙ୍କ ନିକଟରେ କ'ଣ ସତରେ ପହଞ୍ଚି ଥାଏ ? ଅସଲ ଦେବତା ତ ଅବହେଳିତ; ଲାଞ୍ଛିତ। କେଉଁ ମନ୍ତ୍ର, ପୂଜାପାଠ ସେମାନଙ୍କ ଦୁଃଖ ଦୂର କରୁଥିବ ?

ପ୍ରାଚୀନ କାଳରେ ନରୋତ୍ତମ ନାମରେ ଥିଲେ ଜଣେ ବ୍ରାହ୍ମଣ। ବହୁ ତୀର୍ଥଧାମ ଭ୍ରମଣ କରି ନିଜକୁ ଜଣେ ପୁଣ୍ୟାତ୍ମା ବୋଲି ଭାବୁଥିଲେ। ତାଙ୍କ ଭିତରେ ଖୁନ୍ଦି ହୋଇଥିଲା ଅହଙ୍କାରର ଅଳିଆ। ଥରେ ଗଛ ଛାଇରେ ବିଶ୍ରାମ କଲାବେଳେ ଗୋଟିଏ ବଗୁଲୀ ତାଙ୍କ ଉପରେ ମଳତ୍ୟାଗ କରିଦେଲା। ନରୋତ୍ତମ ବଗକୁ ଅଭିଶାପ ଦେଲେ। ବଗୁଲୀ ତତ୍‌କ୍ଷଣାତ୍ ଭସ୍ମ ହୋଇଗଲା। ସାମାନ୍ୟ ଭୁଲ୍ ପାଇଁ ନିରୀହ ବଗୁଲୀକୁ ଭସ୍ମ କରିଦେଇ ଥିବାରୁ ନରୋତ୍ତମ ଦୁଃଖୀ ହେଲେ। କିନ୍ତୁ ନିଜର ଅହଙ୍କାର ଅଧିକ ବଳବତ୍ତର ହେଲା ଯେ ସେ କ୍ଷଣକରେ ବଗୁଲୀକୁ ଭସ୍ମ କରିଦେଲେ। ଏତିକି ବେଳେ ତାଙ୍କୁ ଶୂନ୍ୟବାଣୀ ହେଲା- 'ହେ ବ୍ରାହ୍ମଣ ! ତୁମେ ପରମ ଧାର୍ମିକ। କିନ୍ତୁ ଥରେ ମୂକ ଚଣ୍ଡାଳକୁ ଦେଖା କରି ଆସ।'

ବ୍ରାହ୍ମଣ ନରୋତ୍ତମ ମୂକ ଚଣ୍ଡାଳ ଘରେ ପହଞ୍ଚିଲେ। ସେ ଘର ଭିତରେ କିଛି କାର୍ଯ୍ୟରେ ବ୍ୟସ୍ତ ଥିଲା ନିଶ୍ଚୟ। ଡାକିବା ପରେ ମଧ୍ୟ ଆସୁ ନଥିଲା। ପୁଣି କିଛି ସମୟ ଅପେକ୍ଷା କଲେ। ତଥାପି ମୂକ ଚଣ୍ଡାଳ ଆସୁ ନଥିଲା। ବ୍ରାହ୍ମଣ ଦେଖିଲେ, ତାଙ୍କ ଭଳି ଆଉ ଜଣେ ମଧ୍ୟ ବ୍ରାହ୍ମଣ ଖୋଜୁଛନ୍ତି ମୂକ ଚଣ୍ଡାଳକୁ। ଭିତରୁ ଥାଇ ମୂକ ଚଣ୍ଡାଳ କହିଲା- 'ମୁଁ ବ୍ୟସ୍ତ ଅଛି। ଦରକାର ଥିଲେ ଆପଣ ଅପେକ୍ଷା କରନ୍ତୁ।' ସେହି ବ୍ୟକ୍ତିଙ୍କ ଚେହେରା ଚମକୁ ଥିଲା ଯେପରି। ତାଙ୍କ ଶରୀରରୁ ଛୁଟୁଥିଲା ପଦ୍ମ ଗନ୍ଧ। ପୁଣି କିଛି ସମୟ ପରେ ବ୍ରାହ୍ମଣ ନରୋତ୍ତମ କହିଲେ- 'ମୂକ ଚଣ୍ଡାଳ, ତୁ ବାହାରକୁ ଆ... । ମୋତେ ଉପଦେଶ ଦେ... ।' ମୂକ ଚଣ୍ଡାଳ ଉତ୍ତର ଦେଲା- 'ଦରକାର ଅଛି ତ ଅପେକ୍ଷା କରନ୍ତୁ। ମୁଁ ମୋର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଛାଡ଼ି ଯାଇ ପାରିବି ନାହିଁ।' ନରୋତ୍ତମ କ୍ରୋଧରେ କହିଲେ- 'ମୁଁ ବ୍ରାହ୍ମଣ। ମୋ କଥା ନଶୁଣି ତୁ ଏପରି କି କାର୍ଯ୍ୟରେ ବ୍ୟସ୍ତ ଅଛୁ କି ?' ମୂକ ଚଣ୍ଡାଳ ଉତ୍ତର ଦେଲା- 'ମୁଁ ବଗୁଲୀ ନୁହେଁ ଯେ ତୁମ ଅଭିଶାପରେ ଭସ୍ମ ହୋଇଯିବି।' ଏତିକି ବେଳେ ବ୍ରାହ୍ମଣ ବେଶରେ ଥିବା ଭଗବାନ ବିଷ୍ଣୁ ନିଜର ସ୍ୱରୂପ ପ୍ରକଟିତ କଲେ। ମୂକ ଚଣ୍ଡାଳ ମଧ୍ୟ କହିଲା- 'ପିତାମାତାଙ୍କ ସେବା କରୁଥିଲି। ତାଙ୍କ ସେବା କଲା ବେଳେ ଭଗବାନ ମଧ୍ୟ ବର ଦେବା ପାଇଁ ଆସନ୍ତି। ଆଉ ଆପଣ ଅଭିମାନ ଓ ଅହମିକାରେ ଜଳୁଛନ୍ତି। ନିଜର ପିତାମାତାଙ୍କ ସେବା କରି ନାହାନ୍ତି। ଆପଣଙ୍କ ଅଭିଶାପ ମୋ କ୍ଷେତ୍ରରେ କାର୍ଯ୍ୟ କରିବ ନାହିଁ।' ବ୍ରାହ୍ମଣ ନିଜର ଅଭିମାନ ପାଇଁ ଅନୁତପ୍ତ ହେଲେ।

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN

# ପଶ୍ଚିମ ଓଡ଼ିଶା

## ଚନ୍ଦ୍ରପୁରରେ ପାନୀୟଜଳ ସଙ୍କଟ

# ମୁନ୍ଦାଏ ପାଣି ପାଇଁ ପାହାଡ଼ ଚଢୁଛନ୍ତି ମହିଳା



**ରାୟଗଡ଼ା, ୨୬/୪/ଏନ୍ଏନ୍ଏସ୍:** ବୈଶାଖର ଝାଞ୍ଜି ଖରାରେ ଓଡ଼ିଶାର ପଶ୍ଚିମାଅଞ୍ଚଳର ରାୟଗଡ଼ା ଜିଲ୍ଲାରେ ଜଳ ସଙ୍କଟ ଦେଖାଦେଇଛି। ପୌରାଞ୍ଚଳରୁ ନେଇ ଜିଲ୍ଲାର ଅଧିକାଂଶ ବ୍ଲକ୍‌ରେ ପାଣି ପାଇଁ ହାହାକାର। କେଉଁଠି ନଦୀ ନାଳ ଶୁଖିଲାଣି ତ କେଉଁଠି କୂଅରୁ ଆଉ ପାଣି ଝରୁନାହିଁ। ଜିଲ୍ଲାର ଅଧିକାଂଶ ନଳକୂପ ଏବେ ଅଚଳ। ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ଜଳସ୍ତର ଆପାତତଃ ୧୦ରୁ ୧୫ ଫୁଟ୍ ତଳକୁ ଖସିଯିବା କାରଣରୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି। ଜିଲ୍ଲାର ଆଦିବାସୀ ଅଞ୍ଚଳରେ ଥିବା ଗ୍ରାମ ଗୁଡ଼ିକରେ ପାନୀୟଜଳ ସଙ୍କଟ ଦେଖିବାକୁ ମିଳିଛି। ଫଳରେ ଗାଁଠାରୁ ଅନତି ଦୂରରେ ଥିବା ପାହାଡ଼ ଚଢ଼ି ମହିଳାମାନେ ଚୁଆରୁ ପାଣି ସଂଗ୍ରହ କରିବାକୁ ବାଧ ହେଉଛନ୍ତି। ଏଭଳି ଘଟଣା ଜିଲ୍ଲାର ଉପାନ୍ତ ଚନ୍ଦ୍ରପୁର ବ୍ଲକ୍‌ର ଆଦିବାସୀ ଗାଁମାନଙ୍କରେ ଦେଖିବାକୁ ମିଳୁଛି ।

ପ୍ରକାଶଥାଉକି ରାୟଗଡ଼ା ଜିଲ୍ଲାର ଉପାନ୍ତ ବ୍ଲକ୍ ହେଉଛି ଚନ୍ଦ୍ରପୁର। ଆଜି ବି ଉକ୍ତ ବ୍ଲକ୍‌ର ବହୁ ଗାଁରେ ମୌଳିକ ସୁବିଧା ପହଞ୍ଚି ପାରିନି। ଦିନେ ଚନ୍ଦ୍ରପୁର ଲାଲଗଡ଼ ରୂପେ ପରିଚିତ ଥିଲା। ଅର୍ଥାତ୍ ଏହି ଅଞ୍ଚଳରେ ମାଓବାଦୀଙ୍କ ସକ୍ରିୟ ହୋଇ ରହୁଥିଲେ। ସରକାରୀ ଅଧିକାରୀ କିମ୍ବା ସରକାରଙ୍କ ଜନହିତକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚୁନଥିଲା। ରାସ୍ତା, ପାଣି, ସ୍ୱାସ୍ଥ୍ୟ ଓ ଶିକ୍ଷା ଭଳି ଯୋଜନା ମଧ ଲୋକଙ୍କ ପାଖକୁ ଅପହଞ୍ଚ ହୋଇ ରହିଯାଇଥିଲା। କାଳକ୍ରମେ ସ୍ଥିତିରେ ସୁଧାର ଆସିଥିଲେ ବି ଅଧିକାରୀଙ୍କ କାର୍ଯ୍ୟଶୈଳୀରେ କୌଣସି ପରିବର୍ତ୍ତନ ହୋଇପାରି ନାହିଁ। ତେଣୁ ବ୍ଲକ୍‌ର ବିଭିନ୍ନ ଗାଁରେ ସ୍ୱଚ୍ଛ ପିଇବା ପାଣି ମଧ ସତ ସପନ ହୋଇ ରହିଯାଇଛି। ବ୍ଲକ୍‌ର ଏଭଳି ଆଉ ଏକ ଗାଁ ହେଲା ହନୁମାନ୍ତପୁର ପଞ୍ଚାୟତର ନୁଣ୍ଡରୁଗୁଡ଼ା। ନୁଣ୍ଡରୁଗୁଡ଼ାରେ ଆଦିବାସୀ ସମ୍ପ୍ରଦାୟର ୧୭ଟି ପରିବାର ରୁହନ୍ତି। ଏଠାରେ ପିଇବା ପାଇଁ ୨ଟି ନଳକୂପ ରହିଛି। ହେଲେ ଗୋଟିଏ ନଳକୂପ ସମ୍ପୂର୍ଣ ଅଚଳ ଥିବାବେଳେ ଅନ୍ୟଟିରେ ବାହାରୁଥିବା ଗୋଳିଆ ପାଣି ଦୁର୍ଗନ୍ଧ ହେଉଥିବାରୁ ପିଇ ହେଉନାହିଁ। ଫଳସ୍ୱରୂପ ଗ୍ରାମବାସୀ ପିଇବା ପାଣି ପାଇଁ ଦୁଇ କିମି ଦୂରରେ ଥିବା ପାହାଡ଼ ଚଢ଼ିବା ସହ ଉପରେ ଥିବା ଚୁଆରୁ ପାଣି

**ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରିବାକୁ ଦାବି**

ସଂଗ୍ରହ କରିବାକୁ ବାଧ ହେଉଥିବା କଥା ସ୍ଥାନୀୟ ବାସିନ୍ଦା ପ୍ରମିଳା ଗୁଲୁଡ଼ିକା, କୁଙ୍ଗେର ଗୁଲୁଡ଼ିକା ଓ ଟିଙ୍ଗିରି ଗୁଲୁଡ଼ିକା ପ୍ରକାଶ କରିଛନ୍ତି। ତେବେ ଏହି ପାଣି ସମସ୍ୟା କେବଳ ନୁଣ୍ଡରୁଗୁଡ଼ା ନୁହେଁ ସୀତାଗୁଡ଼ି ଗାଁରେ ମଧ ରହିଛି। ସୀତାଗୁଡ଼ି ଗାଁରେ ୩ଟି ସାହି ଥିବାବେଳେ ନଳକୂଅ ଥିବା ସାହିଠାରୁ ଦୁଇ କିମି ଦୂରରେ ଥିବା ମାଝୀ ସାହିରେ ପିଇବା ପାଣିରେ କୌଣସି ସୁବିଧା ନଥିବାରୁ ଲୋକେ ବାଧହୋଇ ବିଲ ମଝିରେ ଏକ ଗାତରୁ ପାଣି ଆଣି ବ୍ୟବହାର କରୁଛନ୍ତି।

ତେବେ ରାଜ୍ୟ ସରକାର ସବୁ ଗାଁରେ ସ୍ୱଚ୍ଛ ପିଇବା ପାଣି ଯୋଗାଉଥିବା ନେଇ ବାହାବାଇ ନେଉଥିବାବେଳେ ଏହି ଦୁଇ ଆଦିବାସୀ ଗାଁର ପ୍ରକୃତ ଚିତ୍ର ସରକାର ଓ ପ୍ରଶାସନର ମୁଖା ଖୋଲିଦେଉଛି। ଲୋକେ ଶୁଦ୍ଧ ପାନୀୟଜଳ ପାଇଁ ଗୁହାରି କରୁଥିବାବେଳେ ଆରଡବ୍ଲ୍ୟୁଏସ୍ଏସ୍ ଅଧିକାରୀଙ୍କ ପାରିବାପଣିଆ ପଦାରେ ପଡ଼ିଛି। ଆଗକୁ ଗ୍ରୀଷ୍ମପ୍ରବାହ ଅଧିକ ବଢୁଥିବାବେଳେ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଏହାର ସମାଧାନ କରାନଗଲେ ଲୋକମାନେ ଜଳ ଯନ୍ତ୍ରଣା ଭୋଗିବା ନିଶ୍ଚିତ ହୋଇପଡ଼ିବ।

# ନକଲି ବିଏଡ୍ ର୍ୟାକେଟ୍‌ର ପର୍ଦ୍ଦାଫାସ୍, ୨ ଗିରଫ

**ଝାରସୁଗୁଡ଼ା, ୨୬/୪/ଏନ୍ଏନ୍ଏସ୍:** ଝାରସୁଗୁଡ଼ା ପୁଲିସ୍ ଏକ ଠକ ବିଏଡ୍ ପ୍ରବେଶ ର୍ୟାକେଟ୍‌ର ପର୍ଦ୍ଦାଫାସ୍ କରି ୨ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଚିତ୍ତରଞ୍ଜନ ବାରିକ ଓ ରୀମା ଦାସ। ଚିତ୍ତରଞ୍ଜନ ଆନ୍ଧ୍ରପ୍ରଦେଶ କଲେଜରେ ବିଏଡ୍ ପ୍ରବେଶର ମିଥ୍ୟା ପ୍ରତିଶ୍ରୁତି ଦେଇ ଓଡ଼ିଶାର ଅନେକ ଛାତ୍ରଛାତ୍ରୀଙ୍କଠାରୁ ଟଙ୍କା ସଂଗ୍ରହ କରୁଥିଲେ। ଅଭିଯୁକ୍ତମାନେ ଅନୌପଚାରିକ ବ୍ୟବସ୍ଥା ମାଧମରେ ୭ ହିଲ୍ସ ବିଏଡ୍ କଲେଜ ଏବଂ ଗୁଣ୍ଟୁର ଜିଲ୍ଲାର ଭିନୁକୋଣ୍ଡାର ରାମକୃଷ୍ଣ ବିଏଡ୍ କଲେଜରେ ବିଏଡ୍ ପ୍ରବେଶ ପାଇପାରିବେ ବୋଲି ମିଥ୍ୟା ଦାବି କରି ଛାତ୍ରଙ୍କୁ ଟାର୍ଗେଟ୍ କରୁଥିଲେ। ସେମାନେ ପ୍ରତି ଆଶାୟୀଙ୍କଠାରୁ ୨୫ରୁ ୩୦ ହଜାର କମିଶନ୍ ନେଉଥିଲେ। ପୀଡ଼ିତଙ୍କୁ ଠକିବା ପାଇଁ ପ୍ରବେଶ ପ୍ରକ୍ରିୟାକରଣ ହୋଇଥିବା ଦର୍ଶାଇ ଜାଲ୍ ପ୍ରବେଶ ସମ୍ବନ୍ଧୀୟ କାଗଜପତ୍ର ମଧ ତିଆରି କରିଥିଲେ।

ତଦନ୍ତରୁ ଜଣାପଡ଼ିଛି ଯେ 'ୱାନ୍ ୱାର୍ଲ୍ଡ ଏକାଡେମୀ' ଚିତ୍ତରଞ୍ଜନ ବାରିକ, ଆଲୋକ କୁମାର ପାତ୍ର ଓ ସଂଗ୍ରାମ କେଶରୀଙ୍କ ଦ୍ୱାରା ମିଳିତଭାବେ ପରିଚାଳିତ ହେଉଥିଲା। ଅନ୍ୟପଟେ ପୁଲିସ୍ ସ୍ପଷ୍ଟ କରିଛି ଯେ ଅଭିଯୁକ୍ତଙ୍କ ଦାବି ଅନୁଯାୟୀ କୌଣସି ସ୍ୱୀକୃତିପ୍ରାପ୍ତ ଦୂରତା-ମୋଡ୍ ବିଏଡ୍ ପାଠ୍ୟକ୍ରମ ନାହିଁ। ବିଏଡ୍ ହେଉଛି ଏନ୍‌ସିଟିଇ ଏବଂ ବିଶ୍ୱବିଦ୍ୟାଳୟ ମାନଦଣ୍ଡ ଦ୍ୱାରା ନିୟନ୍ତ୍ରିତ ଏକ ନିୟମିତ ପାଠ୍ୟକ୍ରମ। ଏଥିରେ ଦୂରଶିକ୍ଷାର ମିଥ୍ୟା ପ୍ରତିଶ୍ରୁତି ଦେଇ ଛାତ୍ରଙ୍କୁ ଭ୍ରମିତ କରାଯାଇଥିଲା। ତେବେ ଅଧିକ ପୀଡ଼ିତଙ୍କୁ ଖୋଜିବା ଏବଂ ର୍ୟାକେଟ୍ ପଛରେ ଥିବା ସମ୍ପୂର୍ଣ୍ଣ ନେଟୱର୍କକୁ ଉନ୍ମୋଚନ କରିବା ପାଇଁ ପୁଲିସ୍ ତଦନ୍ତ ଚଳାଇଛି। ପ୍ରବେଶ ନେବା କିମ୍ବା ଦେୟ ଦେବା ପୂର୍ବରୁ ଏନ୍‌ସିଟିଇ ଏବଂ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ସହିତ ଯେକୌଣସି ପ୍ରତିଷ୍ଠାନର ସ୍ୱୀକୃତି, ସମ୍ପୃକ୍ତି ଓ ପ୍ରାମାଣିକତା ଯାଞ୍ଚ କରିବାକୁ ଛାତ୍ର ଏବଂ ଅଭିଭାବକଙ୍କୁ ଝାରସୁଗୁଡ଼ା ପୁଲିସ୍ ଅନୁରୋଧ କରିଛି।

# ନାବାଳିକା ଅପହରଣ ମାମଲା: ଜଣେ ଗିରଫ



**ଭବାନୀପାଟଣା, ଲାଞ୍ଜିଗଡ଼, ୨୬/୪/ ଏନ୍ଏନ୍ଏସ୍:** ଲାଞ୍ଜିଗଡ଼ ବ୍ଲକ୍ ବିଜେପୁର ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ ମାମଲାରେ ବିଜେପୁର ପୁଲିସ୍ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବିଜେପୁର ଥାନା ଅନ୍ତର୍ଗତ ଗୋପିଗୁଡ଼ା ଗ୍ରାମର କୁମର ନାଏକ(୨୫)। ପୁଲିସ୍‌ର ସୂଚନାନୁସାରେ ନାବାଳିକା ଜଣକ ନବମ ଶ୍ରେଣୀରେ ପଢୁଥିବାବେଳେ କୁମରଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୨୦୨୫ ଜାନୁୟାରୀ ୧ ତାରିଖ ରାତିରେ କୁମର ଝିଅ ଘରକୁ ଯାଇ ବିବାହର ପ୍ରଲୋଭନ ଦେଖାଇବାରୁ ଦୁହେଁ ସେଦିନ ରାତିରେ ଗାଁ ଛାଡ଼ି ବାଙ୍ଗାଲୋର ପଳାଇଥିଲେ। ଝିଅର ବାପା ତାଙ୍କ ସମସ୍ତ ସମ୍ପର୍କୀୟଙ୍କ ସହିତ ଯୋଗାଯୋଗ କରିବା ସହ ଖୋଜାଖୋଜି କରିଥିଲେ ମଧ ଝିଅକୁ ପାଇନଥିଲେ। ଶେଷରେ ଝିଅ କୁମାର ସାଥୀରେ ପଳାଇଥିବା ଜାଣିପାରି ଜାନୁୟାରୀ ୯ ତାରିଖରେ ତାଙ୍କ ବାପା ବିଜେପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ବିଜେପୁର ପୁଲିସ୍ ଅଭିଯୋଗ ଆଧାରରେ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ଗତ ୨୪ ତାରିଖ କୁମର ଓ ନାବାଳିକା ଗୋପିଗୁଡ଼ା ଗ୍ରାମକୁ ଆସିଥିଲେ। କୌଣସି ସୂତ୍ରରୁ ଖବରପାଇ ବିଜେପୁର ଥାନାଧିକାରୀ ନୀଳାମ୍ବର ଜାନିଙ୍କ ନେତୃତ୍ୱରେ ଏକ ପୁଲିସ୍ ଟିମ୍ ସହିତ ଗୋପିଗୁଡ଼ା ଗ୍ରାମକୁ ଯାଇ ଉଭୟଙ୍କୁ ପଚରାଉଚୁରା ପାଇଁ ଥାନାକୁ ଆଣିଥିଲେ। ତେବେ ଅଭିଯୁକ୍ତ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିବାବେଳେ ନାବାଳିକା ଜଣକ ଗର୍ଭବତୀ ଥିବା ପୁଲିସ୍ ପକ୍ଷରୁ ସୂଚନା ମିଳିଛି। ଶୁକ୍ରବାର ଲାଞ୍ଜିଗଡ଼ରେ ଅଭିଯୁକ୍ତର ଡାକ୍ତରୀ ପରୀକ୍ଷା କରାଯାଇ ବିଜେପୁର ଥାନାକୁ ପଠାଯାଇଥିବା ବେଳେ ନାବାଳିକାକୁ ଭବାନୀପାଟଣାରେ ଡାକ୍ତରୀ ପରୀକ୍ଷା କରାଯିବା ପରେ ଏଡିଏସ୍‌ଜେ କମ୍ ପୋସ୍କୋ କୋର୍ଟ ଭବାନୀପାଟଣାରେ ହାଜର କରାଯାଇ ସୁଧାର ଗୃହରେ ଛଡ଼ାଯାଇଥିଲା। ଏନେଇ ବିଜେପୁର ପୁଲିସ୍ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଜାମିନ୍ ନାମଞ୍ଜୁର ହେବାରୁ ସେ ଜେଲ୍ ହାଜତରେ ଥିବା ବିଜେପୁର ଥାନାଧିକାରୀ ନୀଳାମ୍ବର ଯାନୀ ପ୍ରକାଶ କରିଛନ୍ତି।

## ବିଜେପିକୁ ଟାର୍ଗେଟ୍ କଲା କଂଗ୍ରେସ

# 'ମହିଳା ସଂରକ୍ଷଣ ବିଲ୍ ବିଜେପିର ଏକ ଧୂଆଁବାଣ'




**ବଲାଙ୍ଗୀର, ୨୬/୪/ଏନ୍ଏନ୍ଏସ୍:** ସମ୍ପ୍ରତି ଦେଶରେ ମହିଳା ସଂରକ୍ଷଣ ବିଲ୍‌କୁ ନେଇ ତୁମ୍ବିତୋଫାନ ଜାରି ରହିଛି। ଚଳିତଥର ଏହି ବିଲ୍‌କୁ ପାର୍ଲାମେଣ୍ଟରେ ବିରୋଧ କରିଥିବା କଂଗ୍ରେସ୍‌କୁ ବିଜେପି ମହିଳା ବିରୋଧୀ ବୋଲି କହିବା ସହ ସମସ୍ତ ଜିଲ୍ଲାରେ ପ୍ରଚାର ଚଳାଇଛି। ଏହାକୁ କାଉଣ୍ଟର୍ କରି କଂଗ୍ରେସ ବିଜେପି ଉପରେ ପାଲଟା ଅଭିଯୋଗ ଆଣିଛି। ଗତ ୨୦୨୩ ମସିହାରେ ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ ବିଲ୍ ପାରିତ ହୋଇସାରିଛି। ସେହି ବିଲ୍‌କୁ ବିନା ସଂଶୋଧନରେ ପୁଣିଥରେ ବିଜେପି କିଭଳି ଉପସ୍ଥାପନ କରିଛି। ସେତେବେଳେ ସର୍ବସମ୍ମତିରେ ସବୁ ଦଳର ସହଯୋଗରେ ମହିଳା ସଂରକ୍ଷଣ ବିଲ୍ ପାରିତ ହୋଇଥିଲା। ରାଷ୍ଟ୍ରପତିଙ୍କ ଅନୁମୋଦନ ମଧ ଲାଭ କରିସାରିଛି। କିନ୍ତୁ କେନ୍ଦ୍ରର ବିଜେପି ସରକାର ଏହାକୁ ନୋଟିଫିକେସନ୍ କରି ଲାଗୁ କରୁନାହିଁ। ଏବେ ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗକୁ ଯୋଡ଼ି ବିବାଦୀୟ କରୁଛି ବୋଲି କଂଗ୍ରେସ ଅଭିଯୋଗ କରି ସାମ୍ବାଦିକ ସମ୍ମିଳନୀରେ ବିଜେପି ବିରୋଧରେ ବିଷୋଦଗାର କରିଛି। ଜିଲ୍ଲା କଂଗ୍ରେସ କମିଟି ସଭାପତି ଅନୀଲ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସର ଉପସଭାପତି ପୂର୍ବତନ ବିଧାୟକ ସନ୍ତୋଷସିଂ ସାଲୁଜା, ପିସିସିର ମିଡିଆ ସେଲ୍‌ର ଅଧକ୍ଷ ଅରବିନ୍ଦ ଦାସ, ଜିଲ୍ଲା ମହିଳା କଂଗ୍ରେସର ପୂର୍ବତନ ସଭାନେତ୍ରୀ ମିଲନୀ ସାହୁ, ଡିସିସି ଉପସଭାପତି ଜନ୍ମେଜୟ ସାହୁ ଓ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ବୀରେନ୍ଦ୍ର ବାଗ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀ ସାଲୁଜା କହିଛନ୍ତି ଯେ କଂଗ୍ରେସକୁ ମହିଳା ବିରୋଧୀ ବୋଲି କହିବାର ଅଧିକାର ବିଜେପି ପାଖରେ ନାହିଁ। କଂଗ୍ରେସ ବହୁବର୍ଷ ପୂର୍ବରୁ ମହିଳାଙ୍କୁ ପ୍ରାଧାନ୍ୟ ଦେଇ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ବାଚସ୍ପତି ଓ ରାଷ୍ଟ୍ରପତି ଭଳି ଉଚ୍ଚପଦ ଦେଇସାରିଛି। ଏବେ ବିଜେପି ମହିଳା ସଂରକ୍ଷଣ ବିଲ୍ ନାମରେ ବେଆଇନ ଭାବେ ସୀମା ପୁନଃନିର୍ଦ୍ଧାରଣ କରାଇ ବିଜେପିଶାସିତ ରାଜ୍ୟରେ ସିଟ୍‌ସଂଖ୍ୟା ବଢ଼ାଇବାକୁ ଉଦ୍ୟମ କରିଥିଲା ତାହାକୁ କଂଗ୍ରେସ ବିରୋଧ କରିଛି। ମହିଳା ସଂରକ୍ଷଣ ବିଲ୍ ବିଜେପିର ଏକ ଧୂଆଁବାଣ। ଯେଉଁ ବିଜେପି ମହିଳାଙ୍କ ଅଧିକାର କଥା କହୁଛି ସେମାନଙ୍କର ମୂଳ ସଂଗଠନ ଆରଏସ୍ଏସ୍‌ରେ ଆଜିପର୍ଯ୍ୟନ୍ତ ମହିଳା ସଦସ୍ୟ ନିଆଯାଉ ନାହିଁ କାହିଁକି ବୋଲି ଶ୍ରୀ ସାଲୁଜା ପ୍ରଶ୍ନ କରିଛନ୍ତି। ଦେଶରେ ଦରଦାମ୍ ନିୟନ୍ତ୍ରଣ ବାହାରେ, ବୈଦେଶିକ ନୀତି ଫେଲ୍ ମାରିବା, କେବଳ ଆକ୍ରୋଶ ରାଜନୀତି କରାଯାଇ ବିରୋଧୀଙ୍କୁ ହଇରାଣ ହରକତ କରାଯିବା ଓ ଦେଶର ପ୍ରଧାନମନ୍ତ୍ରୀ ହୋଇ ମଧ ମୋଦୀଙ୍କ ଶାଳିନତା ଦେଖାଯାଉ ନାହିଁ ବୋଲି ପିସିସି ମିଡିଆ ସେଲ୍ ଅଧକ୍ଷ ଶ୍ରୀ ଦାସ ଅଭିଯୋଗ ଉଠାଇଥିଲେ। ବିଜେପିରେ ମହିଳାଙ୍କୁ କେତେ ପ୍ରତିନିଧିତ୍ୱ ରହିଛି ତାହା ନରେନ୍ଦ୍ର ମୋଦୀ ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ଦାଶ କହିଛନ୍ତି। ଏବେ ବିଭିନ୍ନ ରାଜ୍ୟରେ ନିର୍ବାଚନ ଚାଲିଥିବାବେଳେ କେବଳ ନାଟକବାଜୀ କରିବାକୁ ଅପ୍ରେଲ ୩୦ ତାରିଖରେ ମହିଳା ସଂରକ୍ଷଣ ବିଲ୍ ନେଇ ଆଲୋଚନା କରିବାକୁ ବିଧାନସଭାର ସ୍ୱତନ୍ତ୍ର ବୈଠକ କରାଯାଉଛି ବୋଲି କଂଗ୍ରେସ ଅଭିଯୋଗ ଉଠାଇଛି।

# ଟିଟିଲାଗଡ଼କୁ ଜିଲ୍ଲା ମାନ୍ୟତା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର



**ଟିଟିଲାଗଡ଼, ୨୬/୪/ଏନ୍ଏନ୍ଏସ୍:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ବଲାଙ୍ଗୀର ଗସ୍ତ କରିଥିଲେ। ଏହି ସମୟରେ ବିଧାୟକ ନବୀନ ଜୈନଙ୍କ ନେତୃତ୍ୱରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଟିଟିଲାଗଡ଼ ଉପଖଣ୍ଡକୁ ଜିଲ୍ଲାରେ ପରିଣତ କରିବା ସମ୍ପର୍କରେ ଆଲୋଚନା କରିବା ସହିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହାକୁ ଗ୍ରହଣ କରି ଯେଉଁ ସମୟରେ ଜିଲ୍ଲା ଗଠନ ହେବ ସେହି ସମୟରେ ଟିଟିଲାଗଡ଼କୁ ନିଶ୍ଚିତ ଭାବେ ପ୍ରାଥମିକତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଇଛନ୍ତି। ଉକ୍ତ ପ୍ରତିନିଧି ଦଳରେ କ୍ରିୟାନୁଷ୍ଠାନ କମିଟିର ଆବାହକ ବିକାଶ ଭୋଇ, ଯୁଗ୍ମ ଆବାହକ କାର୍ତ୍ତିକ ଛତର, ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାସ, ସଭ୍ୟ ସୁବୋଧ ଦାସ, ପଙ୍କଜ ପାଢ଼ୀ, ଶ୍ୟାମା ପ୍ରସାଦ ଗରିଆ, ମନୋଜ ହାତୀ, ଆଲୋକ ନାୟକ, ସତ୍ୟବ୍ରତ ପଣ୍ଡା, ପୃଥ୍ୱୀରାଜ ସିଂ, ଦେବେନ୍ଦ୍ର ମିଶ୍ର, ହରି ବହିଦାର, ପ୍ରଦୀପ ସାହୁ ଓ ଲିଙ୍ଗରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସୈନିକ ସ୍କୁଲ୍ ସ୍ଥାପନ ପାଇଁ କେନ୍ଦ୍ରୀୟ ମଞ୍ଜୁରୀ

**ଟିଟିଲାଗଡ଼, ୨୬/୪/ଏନ୍ଏନ୍ଏସ୍:** ଟିଟିଲାଗଡ଼ରେ ନୂତନ ସୈନିକ ସ୍କୁଲ୍ ସ୍ଥାପନ ପାଇଁ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଛନ୍ତି। ଏନେଇ ରକ୍ଷାମନ୍ତ୍ରୀ ରାଜନାଥ ସିଂ ଏକ ଚିଠି ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କୁ ପଠାଇଛନ୍ତି। ଉକ୍ତ ଚିଠିରେ ଦର୍ଶାଯାଇଛି ଯେ ବଲାଙ୍ଗୀରର ସେଞ୍ଚୁରିଆନ୍ ପବ୍ଲିକ୍ ସ୍କୁଲ୍‌ର ଆବେଦନକୁ ବିଚାର କରାଯାଇଛି। ସୈନିକ ସୋସାଇଟି ରକ୍ଷା ମନ୍ତ୍ରଣାଳୟ ଅଧୀନରେ ସମ୍ପର୍କିତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ ହୋଇଛି। ଏଥିସହ ସୈନିକ ସୋସାଇଟି ପକ୍ଷରୁ ରକ୍ଷା ମନ୍ତ୍ରଣାଳୟର ଯୁକ୍ତ ସଚିବ ମାଧମରେ ୨୦୨୫ ଜୁଲାଇ ୨୩ ତାରିଖରେ ଏକ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି ବୋଲି କୁହାଯାଇଛି।

ପ୍ରକାଶଥାଉକି ଗତ ମାର୍ଚ୍ଚରେ ସାଂସଦ ବିଶି ରାଜ୍ୟସଭାରେ ବଲାଙ୍ଗୀରରେ ନୂତନ ସୈନିକ ସ୍କୁଲ୍ ସ୍ଥାପନ ପାଇଁ ଦାବି ଉଠାଇଥିଲେ। ଓଡ଼ିଶାରେ କେବଳ ଭୁବନେଶ୍ୱର ଓ ସମ୍ବଲପୁରରେ ଦୁଇଟି ସୈନିକ ସ୍କୁଲ୍ ଚାଲିଛି। କେନ୍ଦ୍ର ସରକାର ଦେଶରେ ଅତିରିକ୍ତ ୧୦୦ଟି ସୈନିକ ସ୍କୁଲ୍ ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ଗୃହ ମନ୍ତ୍ରଣାଳୟ ୨୦୧୫ ଡିସେମ୍ବର ୧୧ରେ ଓଡ଼ିଶାର ମୁଖ୍ୟ ସଚିବଙ୍କୁ ପତ୍ର ଲେଖି ବଲାଙ୍ଗୀର ସହିତ ୧୮ ମାଓ ପ୍ରଭାବିତ ଜିଲ୍ଲାରେ ନୂତନ ସୈନିକ ସ୍କୁଲ୍ ଖୋଲିବାକୁ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଦେଇଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଶା ସରକାରଙ୍କ ଶିକ୍ଷା ଏବଂ ଗଣଶିକ୍ଷା ବିଭାଗ ୨୦୧୬ ଜାନୁଆରୀ ୫ରେ ବଲାଙ୍ଗୀର ସହିତ କଳାହାଣ୍ଡି, ନୂଆପଡ଼ା, କୋରାପୁଟ, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା, କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼ ଓ ଫୁଲବାଣୀ ଜିଲ୍ଲାପାଳଙ୍କୁ ଜମି ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁସାରେ ୨୦୨୦ ଅଗଷ୍ଟ ୧୮ରେ ବଲାଙ୍ଗୀରର ତତ୍କାଳୀନ ଜିଲ୍ଲାପାଳ ଟିଟିଲାଗଡ଼ ନିକଟସ୍ଥ ମନିଗାଁ ମୌଜାରେ ୪୯ ଏକର ସରକାରୀ ଜମି ଚିହ୍ନଟ କରି ସୈନିକ ସ୍କୁଲ୍ ପ୍ରତିଷ୍ଠା ପାଇଁ ଫିଜିବିଲିଟି ରିପୋର୍ଟ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗକୁ ପଠାଇଥିଲେ। ତେଣୁ କେନ୍ଦ୍ର ସରକାରଙ୍କୁ ଶୀଘ୍ର ଟିଟିଲାଗଡ଼ରେ ନୂତନ ସୈନିକ ସ୍କୁଲ୍ ସ୍ଥାପନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଥିଲେ ଯାହାକି ଏବେ ପୂରଣ ହେବାକୁ ଯାଉଛି।

# ଆଧ୍ୟାତ୍ମିକ ସମାବେଶରେ ଢୁଲୁକିଲା ଜୟପୁର

**ଜୟପୁର, ୨୬/୪/ଏନ୍ଏନ୍ଏସ୍:** କୋରାପୁଟ ଜିଲ୍ଲା ଜୟପୁର ଦଶହରା ପଡ଼ିଆରେ ଆଧ୍ୟାତ୍ମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଜୟପୁର ଜଗନ୍ନାଥ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତାଦେଇ ଦଶହରା ପଡ଼ିଆରେ ପହଞ୍ଚିଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଓ ସମ୍ମାନିତ ଅତିଥିଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗଦେଇ ସଂକୀର୍ତ୍ତନ କରିଥିଲେ। ବିଧାୟକ ବାହିନୀପତି ଯୋଗଦେଇ ଏକ ଲୋକକଳା ଭବନ ଜୟପୁରରେ ନିର୍ମାଣ କରିବାକୁ ଘୋଷଣା କରିଥିବାବେଳେ ଶ୍ରୀ ମାଛ ଲୋକକଳା ପାଇଁ ବାଦ୍ୟଯନ୍ତ୍ର, ପେନସନ୍ ଓ ଭାଗବତି ଟୁଙ୍ଗି ଆଦି ବ୍ୟବସ୍ଥା କରିବାକୁ ଘୋଷଣା କରିଥିଲେ। ଏଥିରେ ଜିଲ୍ଲାର ୧୪ଟି ବ୍ଲକ୍, ୪ଟି ଏନ୍ଏସି ଓ ପୌରାଞ୍ଚଳର ହଜାର ହଜାର ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଲୋକକଳା ପରିଷଦର ରାଜ୍ୟ ସଭାପତି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲ୍ଲା ସଭାପତି କୃଷ୍ଣ ଚନ୍ଦ୍ର ପାଳ, ଜିଲ୍ଲା ସମ୍ପାଦକ ସୁଜିତ୍ କୁମାର ସାହୁ ଓ ଉପସଭାପତି ରତ୍ନା କର ନାରାଜୀ ପ୍ରମୁଖ ଉପସ୍ଥିତ ଥିଲେ।

## ମାନବିକତା ଭୁଲିଗଲା ବନ ବିଭାଗ

# ଜଙ୍ଗଲ ନିଆଁ ଲିଭାଇବାକୁ ଯାଇ କର୍ମଚାରୀ ମୃତ

**ଗୋଲାମୁଣ୍ଡା, ୨୬/୪/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ କେଗାଁ ବନାଞ୍ଚଳର ଅଧିକାରୀମାନେ ମାନବିକତା ଭୁଲିଗଲେଣି କହିଲେ ଅତ୍ୟୁକ୍ତି ହେବନାହିଁ। ନିଜେ ଜଙ୍ଗଲକୁ ଯାଉନଥିବାବେଳେ ଅସ୍ଥାୟୀ କର୍ମଚାରୀଙ୍କୁ ମରଣ ମୁହଁକୁ ଠେଲି ଦେଇ

**ମୃତ୍ୟୁର ୩ ଦିନ ପରେ ବି ପରିବାର ପାଖରେ ପହଞ୍ଚିନି ବନ ବିଭାଗ**

ଅଫିସ୍‌ରେ ମୌଜମସ୍ତି କରୁଛନ୍ତି। ଏମିତି ଏକ ଘଟଣା କେଗାଁ ବନାଞ୍ଚଳରେ ଘଟିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ନୂଆଁଗାଁ ପଞ୍ଚାୟତର କରଞ୍ଜକୋଟ ଗ୍ରାମର ଥବିର ଚନ୍ଦନ (୪୨) କେଗାଁ ବନଖଣ୍ଡ ଅନ୍ତର୍ଗତ ନୂଆଁଗାଁ ବିଟ୍‌ରେ ଅସ୍ଥାୟୀ ଭାବେ ନିଆଁ ଲିଭା କାମରେ ନିୟୋଜିତ ହୋଇଥିଲେ। ଚନ୍ଦନଙ୍କୁ ମନରେଗା ଯୋଜନାରେ ନିଯୁକ୍ତି କରି ନିଆଁ ଲିଭାଇବା କାର୍ଯ୍ୟରେ ରଖାଯାଇଥିଲା। ସେ ଗତ ୨୧ ତାରିଖରେ ଜଙ୍ଗଲକୁ ନିଆଁ ଲିଭାଇବାକୁ ଯାଇ ସନ୍ଧ୍ୟାରେ ଗୁରୁତର ଭାବେ ଘରକୁ ଫେରିଥିଲେ। ନିଆଁ ଲିଭାଇବା ସମୟରେ ବନ ବିଭାଗ ପକ୍ଷରୁ ତାଙ୍କୁ ଖାଦ୍ୟ ଓ ପାନୀୟଜଳ ମଧ ଯୋଗାଇ ଦିଆଯାଇ ନଥିଲା। ଗୁରୁତର ହେବାରୁ ତାଙ୍କୁ ପରିବାର ପକ୍ଷରୁ ଉଚ୍ଛଳା ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅତି ଗୁରୁତର ହେବାରୁ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସନ୍ଧ୍ୟା ୮ଟାରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ୨୨ ତାରିଖ ୧୨ଟା ୫୫ ମିନିଟ୍‌ରେ ମୃତ୍ୟୁ ହୋଇଥିବା ଡାକ୍ତର ଶିବାଶିଷ ଖମାରିଙ୍କ ରିପୋର୍ଟରୁ ଜଣାପଡ଼ିଛି।

ଦୁର୍ଭାଗ୍ୟର ବିଷୟ ବନ ବିଭାଗ ପକ୍ଷରୁ କେଗାଁ ସେକ୍ସନ୍ ବନପାଳ ରମେଶ ପଣ୍ଡା କିମ୍ବା ରେଞ୍ଜର୍ ଯୁଧୀଷ୍ଠିର ଜାଲ କୌଣସି ଆର୍ଥିକ ସହାୟତା ଦେଇ ନଥିବାବେଳେ ଡାକ୍ତରଖାନାକୁ ମଧ ଦେଖିବାକୁ ଯାଇନଥିଲେ। ଅନ୍ୟପଟେ ମୃତକଙ୍କ ପରିବାରକୁ ସମାବେଦନା ତ ଦୂରର କଥା ଫୋନ୍‌ଟିଏ ମଧ ବିଭାଗ ପକ୍ଷରୁ କରିନଥିବା ନେଇ ତାଙ୍କ ସ୍ତ୍ରୀ ମାଧୁରୀ ଚନ୍ଦନ ଅଭିଯୋଗ କରିଛନ୍ତି। ଥବିର ପରିବାରର ଏକମାତ୍ର ରୋଜଗାରିଆ ହୋଇଥିବାବେଳେ ତାଙ୍କର ଗୋଟିଏ ଝିଅ ଏବଂ ୨ଟି ପୁଅ ଅଛନ୍ତି। ତେବେ ଜଣେ ମହିଳା କିଭଳି ଭାବେ ପିଲାଛୁଆଁଙ୍କୁ ନେଇ ପରିବାର ପ୍ରତିପୋଷଣ କରିବ ତାହା ଚିନ୍ତାର କାରଣ ପାଲଟିଛି। ତେଣୁ ତୁରନ୍ତ ଏହି ପରିବାରକୁ କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଏସିଏଫ୍ ଲିଲି ଅମାନତ୍ୟଙ୍କୁ ପଚାରିବାରୁ କ'ଣ ହେଇଛି ମୁଁ ବୁଝୁଛି ବୋଲି କହିଥିଲେ।



## ସୋର ୟୁଟ୍ୟୁବରଙ୍କ ଜଳଛତ୍ର



**ସୋର,୨୬।୪/ଏନ୍ଏନ୍ଏସ୍:** ଗ୍ରୀଷ୍ମ ଋତୁର ତୀବ୍ର ଉଷ୍ଣତାକୁ ଦୃଷ୍ଟିରେ ରଖି ସୋର ଅଞ୍ଚଳର ପ୍ରସିଦ୍ଧ ୟୁଟ୍ୟୁବର୍ ଭାଇଭଉଣୀମାନେ ମିଳିମିଶି ଜଳଛତ୍ରର ଆୟୋଜନ କରିଛନ୍ତି। ସୋର ଫେଡେରାଲ୍ ବ୍ୟାଙ୍କ ସାମ୍ନାରେ ଏହି ଉଦ୍ୟମ ଦେଖିବାକୁ ମିଳିଛି। ଏହି ଜଳଛତ୍ର ମାଧ୍ୟମରେ ପଥଚାରୀ, ଯାତ୍ରୀ ଓ ସ୍ଥାନୀୟ ଲୋକଙ୍କୁ ଥଣ୍ଡା ପାଣି, ତରଭୁଜ, ପାନୀୟ ଓ କିଛି ହାଲୁକା ଖାଦ୍ୟ ବଣ୍ଟା ଯାଇଥିଲା। ଏନେଇ ସ୍ଥାନୀୟ ନିବାସୀମାନେ କହିଛନ୍ତି ଯେ ଏପରି ସାମାଜିକ କାର୍ଯ୍ୟକ୍ରମ ଆମ ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିବା ସହ ଅନ୍ୟମାନଙ୍କୁ ମଧ୍ୟ ପ୍ରେରଣା ଦେଉଛି। ୟୁଟ୍ୟୁବର୍ ଭାଇଭଉଣୀ କହିଛନ୍ତି ଯେ ଆଗାମୀ ଦିନରେ ମଧ୍ୟ ସେମାନେ ଏପରି ସେବାମୂଳକ କାମ ଜାରି ରଖିବେ।

## ମହରୀର ସଂଘର ବୈଠକ



**ସୋର,୨୬।୪/ଏନ୍ଏନ୍ଏସ୍:** ସୋର କୋର୍ଟ ମହରୀର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ମହରୀର ସଭ୍ୟମାନେ ଯୋଗଦେଇ ସଂଘକୁ କିପରି ତ୍ୱରାନ୍ୱିତ କରାଯିବ ଏବଂ ସମସ୍ତଙ୍କ ଜୀବନ ବୀମା କଥା ଆଲୋଚନା ହୋଇଥିଲା। ଆଗାମୀ ଦୁଇ ମାସ ମଧ୍ୟରେ ସଂଘ ଜରିଆରେ ଓଡ଼ିଶା ରାଜ୍ୟ ମହରୀର ସଂଘର ପରାମର୍ଶକ୍ରମେ ଜୀବନ ବୀମା ଟଙ୍କା ସଂଘର ସଭାପତି ମହେନ୍ଦ୍ର ପ୍ରସାଦ ମିଶ୍ରଙ୍କ ପାଖରେ ଜମା କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଏହାସହ ପ୍ରତି ଦୁଇ ମାସରେ ସୋର ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ଫଳ, ରୁଟି ଓ କ୍ଷୀର ବାଣ୍ଟିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ସଭାପତି ମହେନ୍ଦ୍ର ପ୍ରସାଦ ମିଶ୍ର, ଉପସଭାପତି ଗୌରାଙ୍ଗ ଧଡ଼ା, ସମ୍ପାଦକ ପ୍ରଭାକର ଦ୍ୱାରି, ସହସମ୍ପାଦକ ରବି କୁମାର ଦାସ ଓ କୋଷାଧ୍ୟକ୍ଷ ରମାକାନ୍ତ ବେଜ୍ ଉପସ୍ଥିତ ଥିଲେ। ସମ୍ପାଦକ ପ୍ରଭାକର ଦ୍ୱାରି ଧନ୍ୟବାଦ ଦେଇଥିଲେ।

## ନର୍ମଦେଶ୍ୱର୍ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ଯୋଡ଼ା,୨୬।୪/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲାରେ ଥିବା ଯୋଡ଼ା ରାଧାକୃଷ୍ଣ ମନ୍ଦିରରେ ନର୍ମଦେଶ୍ୱର୍ ଶୈବ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମଦିନ ଅର୍ଥାତ୍ ବୁଧବାର ଅଧିବାସ ଅଙ୍କୁରାରୋପଣ ଏବଂ ଗୁରୁବାର ସକାଳେ ମହିଳାଙ୍କ ଦ୍ୱାରା ଏକ କଳସ ଯାତ୍ରା କରାଯାଇଥିଲା। ତୃତୀୟଦିନ ବିଗ୍ରହ ପରିକ୍ରମା, ମନ୍ଦିର ପ୍ରତିଷ୍ଠା ଓ ଶିଖର କଳସ ସ୍ଥାପନା ସହ ଧ୍ୱଜା ସ୍ଥାପନ ଓ ଚଣ୍ଡୀ ଯଜ୍ଞ ହୋଇଥିଲା। ଶନିବାର ସକାଳେ ସୂର୍ଯ୍ୟ ପୂଜା, ବାବାଙ୍କର ରୁଦ୍ରାଭିଷେକ, ଷୋଡ଼ଶ ଉପଚାର ପୂଜା ଏବଂ ଅପରାହ୍ନରେ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ହୋଇଥିଲା। ଶ୍ରୀ ନର୍ମଦେଶ୍ୱରଙ୍କ ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ। ମନ୍ଦିର କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗରେ ମନ୍ଦିର ପ୍ରତିଷ୍ଠା ପୂଜାର୍ଚ୍ଚନା ବିଧିବଦ୍ଧ ଭାବେ କରାଯାଇଥିଲା।

## ବିଜେପି ଜିଲ୍ଲା ସାଂଗଠନିକ ବୈଠକ



**ବାଲେଶ୍ୱର,୨୬।୪/ଏନ୍ଏନ୍ଏସ୍:** ଖାନନଗରସ୍ଥିତ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ବିଜେପିର ଏକ ଜିଲ୍ଲାସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଜିଲ୍ଲାର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ଆଲୋଚନା କରିଥିଲେ। ଆସନ୍ତା ୨୮ ତାରିଖରେ ଜିଲ୍ଲାରେ ହେବାକୁ ଥିବା ମହିଳା ଆକ୍ରୋଶ ସମାବେଶକୁ ସଫଳ କରିବା ପାଇଁ ବିଶେଷ ରଣନୀତି ପ୍ରସ୍ତୁତ କରାଯାଇଥିଲା। ମଣ୍ଡଳ ପ୍ରଶିକ୍ଷଣ ଶିବିର ଓ ମନ କି ବାତ୍ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହାସହ ଅନ୍ୟାନ୍ୟ ସାଂଗଠନିକ କାର୍ଯ୍ୟ ବିସ୍ତାର ପାଇଁ ସଭାପତି ଶ୍ରୀ ବେହେରା କହିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ, ମମତା ମହାପାତ୍ର ଓ ମହିଳା ମୋର୍ଚ୍ଚା ସଭାନେତ୍ରୀ ସିପ୍ରାରେଖା ମହାପାତ୍ର ମଞ୍ଚାସୀନ ଥିଲେ।

### ନଦୀବନ୍ଧ ସୁରକ୍ଷା ପାଚେରି ନିର୍ମାଣରେ ଅନିୟମିତତା

# ବିଭାଗୀୟ ଅଧିକାରୀ ଅନୁପସ୍ଥିତ, ବୈଷୟିକ ମାନଦଣ୍ଡକୁ ବେଖାତିର୍



### ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

**ଧାମନଗର,୨୬।୪/ଏନ୍ଏନ୍ଏସ୍:** ଧାମନଗର ବ୍ଲକ୍ ଆନନ୍ଦପୁର ପଞ୍ଚାୟତ ମଲ୍ଲିମାହାରା ଏସକେପ୍‌ର ପଶ୍ଚିମ ପାର୍ଶ୍ୱ ନଦୀବନ୍ଧର ବାମପଟେ ଜଳ ସମ୍ପଦ ବିଭାଗ ପକ୍ଷରୁ ଚାଲିଥିବା ସୁରକ୍ଷା ପାଚେରି ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ୨୦ ମିଟର୍ ଲମ୍ବର ପ୍ଲେନ୍ କଂକ୍ରିଟ୍ ଗ୍ରାଭିଟି ରିଟେନିଂ ୱାଲ୍‌ରେ ବୈଷୟିକ ଜ୍ଞାନକୌଶଳକୁ ଅଣଦେଖା କରି ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି। ମଲ୍ଲିମାହାରା ଏସକେପ୍ ଦେଇ ବର୍ଷା ଦିନେ ହଜାର ହଜାର ଘନଫୁଟ୍ ବନ୍ୟାଜଳ ପ୍ରବାହିତ ହୋଇଥାଏ। ଅତୀତରେ ଜଳର ପ୍ରଖର ସ୍ରୋତ ଯୋଗୁ ଏସକେପ୍‌ର ଆବଟମେଣ୍ଟ ୱାଲ୍ ବାରମ୍ବାର ଭୁଶୁଡ଼ିଛି। ନିକଟରେ ଏଠାରେ ଏକ କଂକ୍ରିଟ୍ ପୋଲ ନିର୍ମାଣ ହୋଇଥିଲେ ସୁଦ୍ଧା ଜଳର ପ୍ରବାହ ଓ ବିପଦ ସମାନ ରହିଛି। ଏଭଳି ଏକ ସମ୍ବେଦନଶୀଳ ସ୍ଥାନରେ ନଦୀବନ୍ଧ ସୁରକ୍ଷା ପାଇଁ ନିର୍ମାଣ ହେଉଥିବା ପାଚେରି ଅତି ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ ଏହି ସ୍ଥାନରେ ଜଳର ସ୍ରୋତ ଓ ଚାପକୁ ସହିବା ପାଇଁ ଅତି କମ୍‌ରେ ଏମ୍-୨୫ ଗ୍ରେଡ୍ କଂକ୍ରିଟ୍ ମିଶ୍ରଣ ବ୍ୟବହାର ହେବା କଥା। ମାତ୍ର କ୍ଷେତ୍ରସ୍ଥଳରେ ଠିକାଦାର ମନମୁଖୀ ଭାବେ ୧:୪:୬ (ସିମେଣ୍ଟ, ବାଲି ଓ ଚିପ୍ସ) ଅନୁପାତରେ କାମ କରୁଛନ୍ତି ଯାହା ଗ୍ରାଭିଟି ୱାଲ୍‌ର ସ୍ଥିରତା ପ୍ରତି ବିପଦ ସୃଷ୍ଟି କରୁଛି। ରବିବାର ସରକାରୀ ଛୁଟି ଦିନରେ କାମ ଚାଲିଥିବାବେଳେ ସେଠାରେ କୌଣସି ବିଭାଗୀୟ ଯନ୍ତ୍ରୀ କିମ୍ବା କର୍ମଚାରୀ ଉପସ୍ଥିତ ନଥିବା ଜଣାପଡ଼ିଛି। ଏପରିକି ନିର୍ମାଣ ସ୍ଥଳରେ କୌଣସି ସୂଚନାଫଳକ ମଧ୍ୟ ଲଗାଯାଇ ନାହିଁ। ବୈଷୟିକ ମାନଦଣ୍ଡ ଅନୁଯାୟୀ ଏଭଳି ଜଳ ପ୍ରବାହିତ ଅଞ୍ଚଳରେ ଏମ୍-୨୫ ଗ୍ରେଡ୍ (୧:୧:୨) କିମ୍ବା ଅତି କମ୍‌ରେ ଏମ୍-୨୦ ଗ୍ରେଡ୍ (୧:୧.୫:୩) ବ୍ୟବହାର ହେବା ଉଚିତ୍। ତେବେ ଏଠାରେ ହେଉଥିବା ନିର୍ମାଣ କାମରେ ୧:୪:୬ର ମିଶ୍ରଣ ଅତ୍ୟନ୍ତ ଦୁର୍ବଳ। ନଦୀବନ୍ଧ ନିର୍ମାଣ ପାଇଁ ଉଚ୍ଚମାନର ଓପିସି କିମ୍ବା ଅନୁମୋଦିତ ସିମେଣ୍ଟ ବ୍ୟବହାର ହେବା କଥା ମାତ୍ର କଂପୋଜିଟ୍ ସିମେଣ୍ଟର ବ୍ୟବହାର ନିର୍ମାଣର ଦୃଢ଼ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପ୍ଲେନ୍ କଂକ୍ରିଟ୍ ଗ୍ରାଭିଟି ୱାଲ୍‌ର ବେସ୍ ମାଟିର ଚାପ ଓ ଜଳର ପାର୍ଶ୍ୱଚାପକୁ ସହିବା ପାଇଁ ଯଥେଷ୍ଟ ଓସାରିଆ ହେବା ଦରକାର।

ନିର୍ମାଣର ସ୍ଥାୟିତ୍ୱ ପାଇଁ ଅତି କମ୍‌ରେ ୧୪ରୁ ୨୧ ଦିନ ପର୍ଯ୍ୟନ୍ତ କାନ୍ଥକୁ ପାଣି ଦେଇ ଭିଜାଇ ରଖିବା ନିତାନ୍ତ ଆବଶ୍ୟକ। ନଚେତ୍ କଂକ୍ରିଟ୍‌ରେ ଫାଟ ସୃଷ୍ଟି ହେବ। ପାଚେରୀ ପଛପଟେ ଉତ୍ତମମାନର ଗୋଡ଼ି ଓ ବାଲି ଦ୍ୱାରା ପ୍ୟାକିଂ କରାଯିବା ଉଚିତ୍ ଯାହାଦ୍ୱାରା ଜଳ ନିଷ୍କାସନ ସହଜ ହେବ। ସେହିପରି କାନ୍ଥ ମଧ୍ୟରେ ପାଣି ଜମି ରହିବାକୁ ରୋକିବା ପାଇଁ ନିର୍ଦ୍ଧାରିତ ବ୍ୟବଧାନରେ ଛିଦ୍ର ରଖିବା ଜରୁରୀ। ଯଦି ସରକାରୀ ଟଙ୍କାରେ ଏଭଳି ନିମ୍ନମାନର କାମ ଜାରି ରହେ, ତେବେ ଆଗାମୀ ବନ୍ୟାରେ ଏହି ପାଚେରୀ ଧୋଇଯିବାର ସମ୍ଭାବନା ଅଧିକ ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଏଥିପ୍ରତି ଜଳ ସମ୍ପଦ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି। ଅନ୍ୟପଟେ ନିରୀକ୍ଷଣ ଦାୟିତ୍ୱରେ ଥିବା ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ସ୍ୱାଗତ ଦାସଙ୍କୁ ପଚାରିବାରୁ ରବିବାର କାମ କରିବାକୁ ମନା ହୋଇଥିଲା। ତେବେ କାମର ମାନ ଯାଞ୍ଚ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଦାସ କହିଥିଲେ।

## ସାଇବର୍ ଅପରାଧ ସମ୍ବନ୍ଧୀୟ ଜାତୀୟ ସେମିନାର୍



**ବାଲେଶ୍ୱର,୨୬।୪/ଏନ୍ଏନ୍ଏସ୍:** ଫକୀରମୋହନ ବିଶ୍ୱବିଦ୍ୟାଳୟର ଆଇନ ବିଭାଗ ପକ୍ଷରୁ 'ସାଇବର୍ ଅପରାଧ ଓ ତା'ର ନିୟନ୍ତ୍ରଣ' ସମ୍ବନ୍ଧୀୟ ଏକ ଜାତୀୟ ସେମିନାର୍ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର୍ ଭାସ୍କର ବେହେରା ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଅଧିବେଶନରେ ବାଲେଶ୍ୱର ଜିଲ୍ଲା ବାର୍ ଆସୋସିଏସନ୍ ସଭାପତି ବରିଷ୍ଠ ଅଧିବକ୍ତା ମନୋଜ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। କୁଳପତି ପ୍ରଫେସର୍ ତ୍ରିପାଠୀ ଡିଜିଟାଲ୍ ଯୁଗରେ ବଢୁଥିବା ସାଇବର୍ ଅପରାଧ ଉପରେ ଚିନ୍ତା ବ୍ୟକ୍ତକରି ଶକ୍ତିଶାଳୀ ଆଇନ ପ୍ରଣୟନର ଆବଶ୍ୟକତା ଉପରେ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ କୋଲକାତାର ଜେଆଇଏସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର୍ ସୌଭିକ ଚାଟାର୍ଜୀ ଯୋଗଦେଇ ସାଇବର୍ ଅପରାଧକୁ କିପରି ରୋକାଯାଇପାରିବ ଓ ଏଥିରେ କେଉଁ କେଉଁ ସମସ୍ୟା ରହିଛି ତାହା ଆଲୋଚନା କରିଥିଲେ। ପ୍ରଫେସର୍ ଭାସ୍କର ବେହେରା ସଚେତନତା ଓ ଗବେଷଣାରେ ଶିକ୍ଷା ସଂସ୍ଥାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏଥିରେ ଦେଶର ବିଭିନ୍ନ ସ୍ଥାନରୁ ଶିକ୍ଷାବିତ୍, ଆଇନ ବିଶେଷଜ୍ଞ, ଗବେଷକ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ପରେ ଦୁଇଟି ପ୍ରାୟୋଗିକ ଅଧିବେଶନରେ ଅଂଶଗ୍ରାହୀମାନେ ନିଜର ଗବେଷଣା ପତ୍ର ପ୍ରସ୍ତୁତ କରିଥିଲେ। ଓଡ଼ିଶା ସରକାରଙ୍କ ଅତିରିକ୍ତ ସ୍ଥାୟୀ ଆଇନ ପରାମର୍ଶଦାତା ଅଧିବକ୍ତା ପ୍ରଭୁ ପ୍ରସନ୍ନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ୟାନେଲ୍ ଆଲୋଚନାରେ ବାଲେଶ୍ୱର ଜିଲ୍ଲା ଓ ସେସନ୍ସ ଜଜ୍ ସତ୍ୟ ନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ।

ଏହି ପ୍ୟାନେଲ୍‌ରେ ନିଳାଦ୍ରୀ ରାୟ (ଅତିରିକ୍ତ ନିର୍ଦ୍ଦେଶକ, ଆଇଟିଆର୍ ବାଲେଶ୍ୱର), ବ୍ରହ୍ମନାଥ ରଥ (ବାଲେଶ୍ୱର ଦର୍ପଣ), ଡ଼କ୍ଟର ବିଜୟ ଚନ୍ଦ୍ର ମହାପାତ୍ର (ଲ ସେଣ୍ଟର୍ ଫର୍ ଜୁଡିକାଲ୍ ଆର୍କାଇଭସ୍, ଓଡ଼ିଶା ହାଇକୋର୍ଟ), ପ୍ରଫେସର୍ ସୁକାନ୍ତ କୁମାର ନନ୍ଦ (ଡିନ୍, ବିଜିଉ) ଓ ଡ଼କ୍ଟର ପରମିତା ଦାଶ (ସହଯୋଗୀ ପ୍ରଫେସର୍ ଓ ସହଯୋଗୀ ଡିନ, କିଟ୍ ଲ ସ୍କୁଲ୍) ପ୍ରମୁଖ ସାମିଲ୍ ହୋଇଥିଲେ। ଶେଷରେ ସଂସ୍ଥାଙ୍କୁ ଆଉ ଶକ୍ତିଶାଳୀ କରିବା, ଡିଜିଟାଲ୍ ସଚେତନତା ବଢ଼ାଇବା ଓ ସମସ୍ତଙ୍କ ମିଳିତ ଚେଷ୍ଟାର ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଏହି ସେମିନାର୍ ଜ୍ଞାନ ବିନିମୟ ପାଇଁ ଏକ ଉପଯୁକ୍ତ ମଞ୍ଚ ହେବାସହ ଫକୀରମୋହନ ବିଶ୍ୱବିଦ୍ୟାଳୟର ଆଧୁନିକ ଆଇନ ସମ୍ପର୍କିତ ତଥ୍ୟର ଅବଗତ ପ୍ରତି ସଚେତନତାମୂଳକ ପଦକ୍ଷେପ ଓ ଯତ୍ନଶୀଳ ହେବା ପ୍ରୟାସକୁ ପ୍ରତିଫଳିତ କରିଥିଲା।

## ଗୋଟିଏ ରାତିରେ ୨ ହତ୍ୟା ଅଭିଯୋଗ

**ତିହିଡ଼ି,୨୬।୪/ଏନ୍ଏନ୍ଏସ୍:** ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅନ୍ତର୍ଗତ କୋହ୍ଲ ଏବଂ ବୋଡ଼କ ପଞ୍ଚାୟତରେ ଗୋଟିଏ ରାତିରେ ୨ଟି ହତ୍ୟା ଅଭିଯୋଗ ହୋଇଛି। ଖଇରା ଥାନା ଅନ୍ତର୍ଗତ ତୁଡ଼ିଗଡ଼ିଆ ମଲ୍ଲିକାପୁର ଗ୍ରାମର ପାର୍ବତୀ ବେହେରା ଅଭିଯୋଗ କରିଛନ୍ତି ଯେ ତାଙ୍କ ପୁଅ ପ୍ରଭାକର ବେହେରା କୋହ୍ଲ ଗ୍ରାମର ନିରୁପମା ସାହୁଙ୍କୁ ବିବାହ କରି କୋହ୍ଲ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ଘରେ ରହୁଥିଲେ। ବୋହୂ ନିରୁପମାଙ୍କ ସହିତ ଅନ୍ୟଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ଥିଲା। ଶୁକ୍ରବାର ରାତିରେ ତାଙ୍କ ପୁଅ ପ୍ରଭାକରକୁ ବୋହୂ ମାରିଦେଇ ତାଙ୍କୁ ଫୋନ୍ କରିଥିଲେ। ଏହି ଘଟଣାରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ ଚଲାଇଛି।

ସେହିପରି ବୋଡ଼କ ପଞ୍ଚାୟତ ଅଧୀନ ନାନ୍ଦୋର ଗ୍ରାମର ସୁରେନ୍ଦ୍ର ଜେନା ଅଭିଯୋଗ କରିଛନ୍ତି ଯେ ତାଙ୍କ ବୋହୂଙ୍କୁ ତାଙ୍କର ପଡ଼ୋଶୀ ପ୍ରକାଶ ଜେନା, ରୀତା ଜେନା, ଗୀତା ଜେନାଙ୍କ ସହ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଚକ୍ରାନ୍ତ କରି ମାରି ଗଛରେ ଟାଙ୍ଗି ଦେଇଛନ୍ତି। ତାଙ୍କର ପୂର୍ବରୁ ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ଥିବାବେଳେ ଗତ କିଛିଦିନ ତଳେ ଥାନାରେ ସମାଧାନ ହୋଇଥିଲା। ସେହିଦିନଠାରୁ ସେମାନେ ଉଭୟଙ୍କ ସହ କଥାବାର୍ତ୍ତା ବନ୍ଦ କରି ଦେଇଥିଲେ। ତେବେ ଶନିବାର ରାତିରେ ସମସ୍ତେ ଖାଇପିଇ ଶୋଇଥିବାବେଳେ ସକାଳେ ଉଠି ତାଙ୍କ ବୋହୂଙ୍କ ମୃତଦେହ ବାଡ଼ିରେ ଥିବା କରଞ୍ଜ ଗଛରେ ଝୁଲୁଥିବା ଦେଖିଥିଲେ। ଏହି ଘଟଣାରେ ପୁଲିସ୍ ଏକ ହତ୍ୟା ମାମଲା ରୁ କରି ଅଧିକ ତଦନ୍ତ ଚଲାଇଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଆଇଆଇସି ଲୋପାମୁଦ୍ରା ନାୟକ ସୂଚନା ଦେଇଛନ୍ତି।

## ଜମିବାଡ଼ି ଗଣ୍ଡଗୋଳରେ ୨ ଗିରଫ

**ସୋର,୨୬।୪/ଏନ୍ଏନ୍ଏସ୍:** ପୌରପାଳିକା ଅନ୍ତର୍ଗତ ଟ୍ରେଜେରୀ କଲୋନୀରେ ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ ଘଟଣାରେ ସୋର ପୁଲିସ୍ ଉଭୟ ପକ୍ଷରୁ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଛତ୍ରପୁର ଗ୍ରାମର ସତ୍ୟବ୍ରତ ଦେ ଏବଂ ସିଦ୍ଧାର୍ଥ ଦେ। ଉଭୟଙ୍କ ମଧ୍ୟରେ ଟ୍ରେଜେରୀ କଲୋନୀରେ ଥିବା ଏକ ଜମିକୁ ନେଇ ଗଣ୍ଡଗୋଳ ହୋଇଥିଲା। ଫଳରେ ଉଭୟ ପକ୍ଷରୁ ସୋର ଥାନାରେ ଅଭିଯୋଗ ହେବାପରେ ପୁଲିସ୍ ୨ଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରେ ସତ୍ୟବ୍ରତ ଏବଂ ସିଦ୍ଧାର୍ଥଙ୍କୁ ଗିରଫ କରି ସୋର ମେଡିକାଲ୍‌ରେ ଉଭୟଙ୍କ ଡାକ୍ତରୀ ମାଇନା ପରେ କୋର୍ଟଚାଲାଣ କରାଯାଇଛି।

## ମହିଳା ସଂରକ୍ଷଣ ଓ ଡିଲିମିଟେସନ୍‌କୁ ନେଇ ସରକାରଙ୍କୁ ଟାର୍ଗେଟ୍



**ବାରିପଦା,୨୬।୪/ଏନ୍ଏନ୍ଏସ୍:** ପିସିସି ନିର୍ଦ୍ଦେଶକ୍ରମେ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ପିସିସି ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ବାସୁଦେବପୁର ବିଧାୟକ ଅଶୋକ ଦାସ ଓ ରାଜ୍ୟ ମୁଖପାତ୍ର ରଜନୀ ମହାନ୍ତି ଯୋଗଦେଇ କେନ୍ଦ୍ର ସରକାରଙ୍କ ରାଜନୈତିକ ଚଞ୍ଚକତାକୁ ବିରୋଧ କରି କହିଥିଲେ ଯେ ମହିଳା ସଂରକ୍ଷଣ ଓ ଡିଲିମିଟେସନ୍‌କୁ ନେଇ ବିଜେପି ସରକାର ଦେଶକୁ ଏକଛାତ୍ରବାଦ ଶାସନ ଆଡ଼କୁ ନେଇଯିବାକୁ ଚାହୁଁଛି। ପୂର୍ବରୁ ମହିଳା ସଂରକ୍ଷଣ ବିଲ୍ ଦେଶରେ ପାସ୍ ହୋଇଛି ତାହା ଲାଗୁ ନକରି ଦେଶବାସୀଙ୍କୁ ବିଜେପି ଭୁଲ୍ ରାସ୍ତା ଦେଖାଉଛି। ଏକଥା ସମସ୍ତ କଂଗ୍ରେସ କର୍ମୀ ଗାଁକୁ ଯାଇ ଲୋକଙ୍କୁ ସଚେତନ କରିବା ସହ ରାହୁଲ ଗାନ୍ଧୀଙ୍କ ବାର୍ତ୍ତା ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଯୋଗଦେଇ କେନ୍ଦ୍ର ସରକାର ଯେପରି ଭାବେ ସାରା ରାଜ୍ୟରେ ବିରୋଧୀ ଦଳକୁ ବିରୋଧ କରି ବିକ୍ଷୋଭ ଓ ରାଲି କରି ଅରାଜକତା ସୃଷ୍ଟି କରୁଛି ତାହାକୁ କଂଗ୍ରେସ ଦୃଢ଼ ଭାବେ ବିରୋଧ କରୁଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଟି, ଏସି, ମହିଳା, ଯୁବ, ଓବିସି କଂଗ୍ରେସର ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## ବାର୍ ଆସୋସିଏସନ୍ ପକ୍ଷରୁ ରକ୍ତଦାନ ଶିବିର

**ବାରିପଦା,୨୬।୪/ଏନ୍ଏନ୍ଏସ୍:** ଜିଲ୍ଲା ବାର୍ ଆସୋସିଏସନ୍ ଆନୁକୂଲ୍ୟରେ ଚଳିତ ମାସ ୨୮ ତାରିଖ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଜଜ୍ ସୁଦୀପ୍ତ ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ପୂର୍ଣ୍ଣିମା ଜେନା ଅତିରିକ୍ତ ଜିଲ୍ଲା ଜଜ୍ (ଭିଜିଲାନ୍ସ), ସୁମନ କୁମାର ମିଶ୍ର ଅତିରିକ୍ତ ଜିଲ୍ଲା ଜଜ (୨), ଦେବାଶିଷ ମହାନ୍ତି ସିଜେଏମ୍, ସ୍ମୃତିସ୍ନିଗ୍ଧା ଦାସ ଅତିରିକ୍ତ ସେସନ ଜଜ୍ ଓ ଶତରୂପା ଶତପଥୀ ସିନିୟର୍ ସିଭିଲ୍ ଜଜ୍ ପ୍ରମୁଖ ଉପସ୍ଥିତ ରହି ଏହି ଶିବିରକୁ ଉଦ୍‌ଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାର୍ ଏସୋସିଏସନ୍‌ର ସଭାପତି ଜ୍ୟୋତିପ୍ରକାଶ ରଥ, ଉପସଭାପତି ସତ୍ୟବ୍ରତ ଦାଶ, ସମ୍ପାଦକ ବିପ୍ଲବ ବାରିକ, ସହସମ୍ପାଦକ ସ୍ୱରୂପ କୁମାର ମିଶ୍ର, ପଙ୍କଜ ମହାକୁଡ଼ ଓ କୃଷ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ବିଚାରପତି ସୁମନ କୁମାର ମିଶ୍ର, ଦେବାଶିଷ ମହାନ୍ତି ଓ ଡଃ ନିଶାକର ସାହୁଙ୍କ ସମେତ ମୋଟ୍ ୨୩ ଜଣ ରକ୍ତଦାନ କରିଥିଲେ। ସମାଜସେବୀ ଅମର କୁମାର ସେଠୀ, ସୋମନାଥ ସିଂହ, ଆଇନଜୀବୀ ଦୀପକ କୁମାର ମିଶ୍ର, ମଧୁସ୍ମିତା ନାୟକ ଓ ସୋନାଲି ମିଶ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

**ବିଶ୍ୱ ପୁସ୍ତକ ଦିବସ**

## 'ଡିଜିଟାଲ୍ ଯୁଗରେ ମଧ୍ୟ ପୁସ୍ତକ ପଠନ ଏକାନ୍ତ ଅପରିହାର୍ଯ୍ୟ'



**ବାରିପଦା,୨୬।୪/ଏନ୍ଏନ୍ଏସ୍:** ମୟୂରଭଞ୍ଜ ପୁସ୍ତକ ମେଳା ଆନୁକୂଲ୍ୟରେ ଜିଲ୍ଲାର ପୁସ୍ତକପ୍ରେମୀ, ସାହିତ୍ୟ ଅନୁରାଗୀ ତଥା କବି ଓ ଲେଖକ ଲେଖିକାଙ୍କୁ ନେଇ ବିଶ୍ୱ ପୁସ୍ତକ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ପୁସ୍ତକ ମେଳାର ସଭାପତି ପଦ୍ମନାଭ ସାହୁ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ସହକାରୀ ପ୍ରଫେସର୍ ଡଃ ବିନ୍ଧେଶ୍ୱରୀ କଳିଆ ଯୋଗଦେଇ ଛାତ୍ରଛାତ୍ରୀ ପ୍ରକୃତ ଜ୍ଞାନ ଆହରଣ ଲାଗି ଡିଜିଟାଲ୍ ଯୁଗରେ ମଧ୍ୟ ପୁସ୍ତକ ପଠନ ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଇଂ ମନୋଜ କୁମାର ଦଳବେହେରା ମିଳିତ ଜାତିସଂଘ ୟୁନେସ୍କୋ ଅନୁମୋଦିତ ବିଶ୍ୱ ପୁସ୍ତକ ଦିବସ ପାଳନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ଦେବାସହ ଏହି ଦିବସଟି ପାରମ୍ପାରିକ ଓ ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ମଧ୍ୟ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆୟୋଜିତ ସାରସ୍ୱତ ସମାବେଶରେ ମିତାରାଣୀ ସାହୁ, ରାଜଲକ୍ଷ୍ମୀ ତ୍ରିପାଠୀ, ଅଜୟ କୁମାର ପାଳ, ସ୍ନେହଲତା ନାୟକ, ଡଃ ସଞ୍ଜୀବ କୁମାର ପାଣିଗ୍ରାହୀ, ଅଶୋକ କୁମାର ପଲେଇ, ଡଃ ପୁଷ୍ପା ପାତ୍ର, ଶଙ୍କର ଜେନା ଓ ଶିଉଲାଲ ମହାନ୍ତ ପ୍ରମୁଖ ନିଜ ରଚିତ ପୁସ୍ତକ ଗୁଡ଼ିକ ସମ୍ପର୍କରେ ଲେଖକୀୟ ବକ୍ତବ୍ୟମାନ ରଖିଥିଲେ। ଯୁବ ସାହିତ୍ୟିକ ଅଧ୍ୟାପକ ସମରେନ୍ଦ୍ର କୁମାର ବଶା ପୁସ୍ତକ ଦିବସକୁ ନେଇ ସଂକ୍ଷେପ ପାଠକୀୟ ମତାମତ ଦେଇଥିବାବେଳେ ବରିଷ୍ଠ ସଦସ୍ୟ ଅଜିତ କୁମାର କବାଟ, ବର୍ଷୀୟାନ ସାହିତ୍ୟିକ ନରସିଂହ ବାରିକ, ସୁସାହିତ୍ୟିକା ରଶ୍ମିତା ପାତ୍ର, ଭାସ୍ୱତୀ ପଣ୍ଡା ଓ ଜୟରାମ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ କୈବଲ୍ୟ ପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ତାଇକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଓଡ଼ିଶାର କାର୍ଯ୍ୟକାରିଣୀ ବୈଠକ




**ଭଦ୍ରକ,୨୬।୪/ଏନ୍ଏନ୍ଏସ୍:** ତାଇକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଓଡ଼ିଶା (ତାଓ)ର ସାଧାରଣ ପରିଷଦ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗତ ୧୯ ତାରିଖରେ ନିର୍ବାଚନ ଅଧିକାରୀ ଅଧିବକ୍ତା ରୋହିତ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ହୋଇଥିବା ନିର୍ବାଚନରେ ନିର୍ବାଚିତ ସଦସ୍ୟଙ୍କୁ ସମ୍ବର୍ଦ୍ଧନା ସହ ଶପଥପାଠ କରାଯାଇଥିଲା। ସଭାପତି ଭାବେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ପୂର୍ବତନ ସଭାପତି ଧୀରେନ ପଲାଇ, କାର୍ଯ୍ୟକାରୀ ସଭାପତି ଭାବେ ଅଧିବକ୍ତା ଜତିକାନ୍ତ ନାୟକ, ଉପସଭାପତି ଭାବେ ରମେଶ କୁମାର ପ୍ରଧାନ, ରମେଶ କୁମାର ଜେନା, ସାଧାରଣ ସମ୍ପାଦକ ଭାବେ ରବି ନାରାୟଣ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଭାବେ ଯୋଗେଶ୍ୱର ମହନ୍ତ, କୋଷାଧ୍ୟକ୍ଷ ଭାବେ ବିଦ୍ୟାଧର ବାରିକ, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଅଧିବକ୍ତା ପବନ ଶର୍ମା, ଡ଼ ତରୁଣ କୁମାର ବେହେରା, ରବି ନାରାୟଣ ଓଝା, ସୁଧାକର ଜେନା, ରାଜେଶ ବିଶ୍ୱାଳ, ବିଶାଲ ଲଖାନୀ, ଅଜୟ କୁମାର ଧଳ ଓ ଆଦ୍ୟାଶା ଦାସ ଶପଥପାଠ କରିଥିଲେ। ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ।

# ବିରଜା ଶଙ୍କର ସିଂହଦେଓ ପାଇବେ 'ମଧୁ ସ୍ୱାଭିମାନ ସମ୍ମାନ'

**କଟକ,୨୬/୪/ଏନ୍ଏନ୍ଏସ୍:** ମଙ୍ଗଳବାର ରେଭେନ୍ସା କଲିଜିଏଟ୍ ସ୍କୁଲ୍ ପୁରାତନ ଛାତ୍ର ସଂସଦ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସମାରୋହ ପାଳନ କରାଯିବ। ସନ୍ଧ୍ୟାରେ କଲିଜିଏଟ୍ ସ୍କୁଲ୍ ସ୍ଥିତ ଡ. ଚନ୍ଦ୍ରଭାନୁ ଶତପଥୀ ପ୍ରେକ୍ଷାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଆଇଏଏସ୍ ଡକ୍ଟର୍ ସଞ୍ଜୟ କୁମାର ପଣ୍ଡା, ମୁଖ୍ୟବକ୍ତା ପ୍ରଫେସର୍ ଡକ୍ଟର୍ ବିଜୟ କୁମାର ଶତପଥୀ, ବିଶିଷ୍ଟ ବକ୍ତା ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବରେ କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦୋଷ ଏଥିରେ ଯୋଗ ଦେବେ। ଏହି ଅବସରରେ ୱିଙ୍ଗ୍ କମାଣ୍ଡର୍ ବିରଜା ଶଙ୍କର ସିଂହଦେଓଙ୍କୁ ମର୍ଯ୍ୟାଦାପୂର୍ଣ୍ଣ 'ମଧୁ ସ୍ୱାଭିମାନ ସମ୍ମାନ'ରେ ସମ୍ମାନିତ କରାଯିବ। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ପୁରାତନ ଛାତ୍ରଛାତ୍ରୀ ଓ କର୍ମକର୍ତ୍ତା ଯୋଗଦେବା ପାଇଁ ପୁରାତନ ଛାତ୍ର ସଂସଦର ସଭାପତି ଜଷ୍ଟିସ୍ ଲକ୍ଷ୍ମୀକାନ୍ତ ମହାପାତ୍ର, କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କିଶୋର ମିଶ୍ର, ସାଧାରଣ ସମ୍ପାଦକ ପରଂବ୍ରହ୍ମ ମହାପାତ୍ର, ପୂର୍ବତନ ସମ୍ପାଦକ ସଞ୍ଜୀବ କୁମାର ଜେନା ଅନୁରୋଧ କରିଛନ୍ତି।

# ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ

**କଟକ,୨୬/୪/ଏନ୍ଏନ୍ଏସ୍:** ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଅନ୍ୟତମ କର୍ଣ୍ଣଧାର, ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅଗ୍ରଣୀ ଅନୁଷ୍ଠାନ 'ନୀଳଚକ୍ର' ଓ କଟକ ମହାନଗର ନାଗରିକ ମହାସଭାର ମିଳିତ ଆନୁକୂଲ୍ୟରେ ଓଏମ୍ପି ଛକ ସ୍ଥିତ ଶିଶୁ ଉଦ୍ୟାନଠାରେ ମହାସଭାର ସଭାପତି ଡାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ମହାରାଜାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ 'ବନ୍ଦେ ଉତ୍କଳ ଜନନୀ' ମାତୃବନ୍ଦନା ଗାନ କରାଯାଇଥିଲା। ଡାକ୍ତର ନୀଳାଦ୍ରି ପଣ୍ଡା ପ୍ରାରମ୍ଭିକ




ସୂଚନା ପ୍ରଦାନ କରିଥିଲେ। ପାରଳା ମହାରାଜା ଜଣେ ଦେଶପ୍ରେମୀ, ଭାଷାପ୍ରେମୀ, ସୁଶାସକ, ପ୍ରଜାବତ୍ସଳ ରାଜା ଥିଲେ। ଓଡ଼ିଶାର ଅଂଶଗୁଡ଼ିକୁ ଯୋଡ଼ି ସ୍ୱତନ୍ତ୍ର ଉତ୍କଳ ରାଜ୍ୟ ଗଠନ ନିମନ୍ତେ ତାଙ୍କର ଉଦ୍ୟମ ଅବିସ୍ମରଣୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବ୍ରଜ କିଶୋର ନନ୍ଦ, ରମାକାନ୍ତ ମହାପାତ୍ର, ରଞ୍ଜନ ମହାନ୍ତି, ଚିରଞ୍ଜୟ ସାହୁ, ହେମନ୍ତ ଛାଟୋଇ, ମାଧବ ମିଶ୍ର, ଡ଼ଃ ବସନ୍ତ କୁମାରୀ ନନ୍ଦ, ବିଦ୍ୟୁତ ଲାଲା, ଶୁଭଲକ୍ଷ୍ମୀ ସାହୁ, ଅରୁଣ ଅଗ୍ରୱାଲ, ଶ୍ୟାମ ସୁନ୍ଦର ସାହୁ, ହେମନ୍ତ କୁମାର ପଣ୍ଡା, ପ୍ରଫୁଲ୍ଲ ବେହେରା, ନିବାସ ଚନ୍ଦ୍ର ମିଶ୍ର, ବିଭୂତି ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଅଶ୍ୱିନୀ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ପ୍ରତିଭା ପୂଜା ଉତ୍ସବ



**କଟକ,୨୬/୪/ଏନ୍ଏନ୍ଏସ୍:** ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ସ୍କାର୍ଟ) ଓଡ଼ିଶା, ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଭା ପୂଜା ସମ୍ବର୍ଦ୍ଧନା ଉତ୍ସବ କଳାବିକାଶ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କାର୍ଟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଉଦ୍‌ଘାଟକ ଭାବେ ଝାଡ଼ଖଣ୍ଡ ହାଇକୋର୍ଟର ପ୍ରାକ୍ତନ ମୁଖ୍ୟ ବିଚାରପତି ତଥା ଜାତୀୟ ମାନବିକ ଅଧିକାର ଆୟୋଗର ସଦସ୍ୟ ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ମୁଖ୍ୟଅତିଥି ଭାବେ ସାଂସଦ ରବିନାରାୟଣ ବେହେରା, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, କଟକର ଅତିରିକ୍ତ ଜିଲ୍ଲାପାଳ କମଲଜିତ ଦାସ, ସାହିତ୍ୟିକ ନଟବର ଶତପଥୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନଅ ଜଣ ପ୍ରତିଭାଧାରୀ ବ୍ୟକ୍ତି ଭାରତୀୟ ପୁଲିସ ସେବାର ଅଧିକାରୀ ସାର୍ଥକ ଷଡ଼ଙ୍ଗୀ, ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ନୃପରାଜ ସାହୁ ପ୍ରମୁଖଙ୍କୁ ଉତ୍କଳ ନବରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା ଏବଂ ରାଜ୍ୟର ୩୦୦ରୁ ଊର୍ଦ୍ଧ୍ୱ କଳାକାରଙ୍କୁ ସ୍କାର୍ଟ ଓଡ଼ିଶା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ନରେନ୍ଦ୍ର ନାଥ ଓଝା ସମ୍ପାଦକୀୟ ବିବରଣୀ ପାଠ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସଞ୍ଜୁବାଳା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତିର ସାଧାରଣ ସଭା

**କଟକ,୨୬/୪/ଏନ୍ଏନ୍ଏସ୍:** ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶାର ଶିକ୍ଷା ବର୍ଷ ୨୦୨୬-୨୭ ନିମନ୍ତେ ଦ୍ୱିଦିବସୀୟ ସାଧାରଣ ସଭା ସରସ୍ୱତୀ ବିଦ୍ୟାମନ୍ଦିର କେଶବଧାମ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ସଂଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମୂହର ବିକାଶ ନୂତନ ରାଷ୍ଟ୍ରୀୟ ଶିକ୍ଷାନୀତି ଅନୁସାରେ କିପରି ହୋଇପାରିବ, ତାହା ବିଷୟରେ ଆଲୋଚନା କରିଥିଲେ। ରାଷ୍ଟ୍ରୀୟ ଶିକ୍ଷାନୀତି ପ୍ରୟୋଗ ପାଇଁ ସଂଗଠନ କିପରି ପ୍ରସ୍ତୁତ ହେବା ଆବଶ୍ୟକ



ସେ ବିଷୟରେ ଶିକ୍ଷା ବିକାଶ ସମିତି ଓଡ଼ିଶାର ସଭାପତି ଡଃ କିଶୋର ଚନ୍ଦ୍ର ମହାନ୍ତି ଆଲୋକପାତ କରିଥିଲେ। ଶିକ୍ଷା ବିକାଶ ସମିତି ଓଡ଼ିଶାର ସମ୍ପାଦକ ଡଃ ସରୋଜ କୁମାର ହାତୀ ନୂତନ କାର୍ଯ୍ୟକର୍ତ୍ତାମାନଙ୍କର ନାମ ଘୋଷଣା କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ପୂର୍ବ ବୈଠକର ବିବରଣୀ ପଠନ, ୨୦୨୫-୨୬ ଶିକ୍ଷା ବର୍ଷର କାର୍ଯ୍ୟ ଓ କାର୍ଯ୍ୟକ୍ରମର ବିବରଣୀ, ଶିଶୁବାଟିକା ଶିଶୁ ସଂଖ୍ୟାବୃଦ୍ଧି, ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ୫୦ ବର୍ଷ ପୂର୍ତ୍ତି ତଥା ବିଦ୍ୟାଭାରତୀ ଶିଶୁ ମନ୍ଦିର ଯୋଜନାର ୭୫ ବର୍ଷ ପୂର୍ତ୍ତି ପାଳନ, ନୂତନ ଶିକ୍ଷା ନୀତି ପ୍ରଣୟନ, ବିଭିନ୍ନ ପ୍ରଶିକ୍ଷଣ, ପୂର୍ବଛାତ୍ର ପରିଷଦ କାର୍ଯ୍ୟ ବିସ୍ତାର, ଶିକ୍ଷା ବିକାଶ ସମିତି ବାର୍ଷିକ ଯୋଜନା ଆଦି ବିଷୟରେ ମାନସ ମନ୍ଥନ ହୋଇଥିଲା ଉତ୍କଳ ପ୍ରାନ୍ତର ସଂଗଠନ ମନ୍ତ୍ରୀ ତାରକଦାସ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କଳାବତୀ କଳା ନିକେତନ ଟ୍ରଷ୍ଟ୍ ପକ୍ଷରୁ ସ୍ୱର ସଙ୍ଗମ

**କଟକ,୨୬/୪/ଏନ୍ଏନ୍ଏସ୍:** କଳାବତୀ କଳାନିକେତନ ପକ୍ଷରୁ ଓଡ଼ିଆ ବଜାର ସ୍ଥିତ ନେତାଜୀ ସଂସ୍କୃତି ଭବନଠାରେ ସ୍ୱର ସଙ୍ଗମ -୨୦୨୬ ପାଳିତ ହୋଇଯାଇଛି। ପଦ୍ମଶ୍ରୀ ଡଃ ଶ୍ୟାମାମଣି ଦେବୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶାସ୍ତ୍ରୀୟ ସଙ୍ଗୀତ, ଲଘୁ ସଙ୍ଗୀତ, ବିଶେଷ କରି ଆକାଶବାଣୀ ବୃନ୍ଦଗାନ ପ୍ରତିଯୋଗିତାରେ ସର୍ବଭାରତୀୟ ସ୍ତରରେ ୧୪ ଥର ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବା ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁ ବିଶ୍ୱନାଥ ମିଶ୍ରଙ୍କର ଭୂୟସୀ ପ୍ରଶଂସା କରିଥିଲେ।



ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପଣ୍ଡିତ ଏ. ମହେଶ୍ୱର ରାଓ, ଗୁରୁ ଗୋପୀନାଥ ବେହେରା, ଜ୍ୟୋତି ଭୂଷଣ ମହାପାତ୍ର, ଶିକ୍ଷାବିତ୍ କୁଳମଣି ଦାଶ, ଆକାଶବାଣୀ କଟକର କାର୍ଯ୍ୟକ୍ରମ ନିଷ୍ପାଦକ ସୁଶ୍ରୀ ସୁମିତ୍ରା ମହାପାତ୍ର ଯୋଗ ଦେଇ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। କଳାବତୀ କଳା ନିକେତନର ସାଙ୍ଗୀତିକ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ନିଜର ପିତାମାତାଙ୍କୁ ପୂଜା କରି ପରିବେଷଣ କରିଥିଲେ ସରସ୍ୱତୀ ବନ୍ଦନା। ପରେ ରାଗ କଲ୍ୟାଣ ଓ ରାଗମାଳିକା ପରିବେଷଣ କରିଥିଲେ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ। ଶିଳ୍ପୀ ଦେବସ୍ମିତା ମିଶ୍ର ପରିବେଷଣ କରିଥିଲେ ରାଗ ବାଗେଶ୍ରୀ। ବେହେଲାରେ ରାଗ ହଂସଧ୍ୱନି ପରିବେଷଣ କରିଥିଲେ ଅଜୟ ବାରିକ। ବିଶିଷ୍ଟ ଓଡ଼ିଶୀ ସଙ୍ଗୀତ ଶିଳ୍ପୀ ଡଃ ସଙ୍ଗୀତା ଗୋସାଇଁ ଓଡ଼ିଶୀ, ଛାନ୍ଦ ଓ ଗୀତଗୋବିନ୍ଦ ପରିବେଷଣ କରି ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ବିଭିନ୍ନ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ପରମାନନ୍ଦ ସାହୁ, ବିଭୁପ୍ରସାଦ ନନ୍ଦ, ଡଃ. ପ୍ରଦ୍ୟୁମ୍ନ କିଶୋର ନାୟକ, ଯୋଗେନ୍ଦ୍ର ନାଥ ସ୍ୱାଇଁ, ସଚ୍ଚିଦାନନ୍ଦ ଦାସ, ଶ୍ରୀନିବାସ ଶତପଥୀ, ଅମୃତ ରଞ୍ଜନ ଦାଶ, ତ୍ରିନାଥ ଜେନା। ଦେବକାନ୍ତ ନନ୍ଦ ଓ ମୁରଲୀଧର ସ୍ୱାଇଁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଲାଲବାହାଦୁର ବିଶ୍ୱାଳ, ବସନ୍ତ କୁମାର ମହାନ୍ତି, ଡଃ. ଶୁଭ୍ରାଂଶୁ କୁମାର ହୋତା, ଡଃ. ହିମାଂଶୁ ଶେଖର ମିଶ୍ର, ନିତ୍ୟଶ୍ରୀ ରଞ୍ଜନ, ପ୍ରଫୁଲ୍ଲ କୁମାର ମିତ୍ର, ଚୌଧୁରୀ ଭାରତୀକୃଷ୍ଣ ଦାଶ, ଡଃ ସନାତନ ପଣ୍ଡା,ଜଗନ୍ନାଥ ପଣ୍ଡା, ଏସିପି ଅମିତାଭ୍ ମହାପାତ୍ର, ସତ୍ୟବ୍ରତ ସାମଲ ତଥା ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଆକାଶବାଣୀର ବରିଷ୍ଠ ଉଦଘୋଷକ ବିଚିତ୍ରାନନ୍ଦ ପଣ୍ଡା ଓ ସୁଶ୍ରୀ ଦିପ୍ତି ଦାଶ। ଆଇନଜୀବୀ ହରପ୍ରସାଦ ରଥ ଧନ୍ୟବାଦ୍ ଦେଇଥିଲେ।

# ପ୍ରାଚୀ ସାହିତ୍ୟ ସମାଜର ସାହିତ୍ୟ ସଭା

**କଟକ,୨୬/୪/ଏନ୍ଏନ୍ଏସ୍:** 'ପ୍ରାଚୀ' ସାହିତ୍ୟ ସମାଜର ସାହିତ୍ୟ ସଭା ଓ କବିତା ପାଠ ସ୍ଥାନୀୟ ମହାନଦୀ ବିହାର ସ୍ଥିତ ଏଲ୍. କେ. ପାଠାଗାରର ଗାନ୍ଧୀ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଶ୍ୱିନୀ କୁମାର ସେଠୀ ସଭାପତିତ୍ୱ କରି 'ପରିବେଶ ସୁରକ୍ଷା ଓ ଆମ ଦାୟିତ୍ୱ' ଶୀର୍ଷକ ପ୍ରସଙ୍ଗ ଉପରେ ଅଲୋଚନା କରିଥିଲେ। ପ୍ରାଚୀ ପତ୍ରିକାର ସମ୍ପାଦକ ଡ. ବିଭୁଦତ୍ତ ଖଣ୍ଡାୟତରାୟ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଇଂ. ହରିହର ସେଠୀ ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ଆଦିତ୍ୟ ପ୍ରତାପ ଧଳ ଯୋଗଦେଇ ବର୍ତ୍ତମାନ ଯୁଗରେ ପରିବେଶବାଦର ପ୍ରାସଙ୍ଗିକତା ବିଷୟରେ



ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ କୁନ୍ତଳତା ତ୍ରିପାଠୀ ତାଙ୍କର ବକ୍ତବ୍ୟ ରଖିଥିଲେ। କବିତା ପାଠୋତ୍ସବରେ ଡକ୍ଟର ବସନ୍ତ କୁମାରୀ ନନ୍ଦ ସଂଯୋଜନା କରିଥିଲେ ଓ ଅନ୍ନପୂର୍ଣ୍ଣା ସାହୁ, ପ୍ରଫେସର ଡକ୍ଟର ଲବଙ୍ଗଲତା ବିଶୋଇ, ସ୍ନେହଲତା ଦ୍ୱିବେଦୀ, ଡକ୍ଟର ଶୁଭଶ୍ରୀ ପଟ୍ଟନାୟକ, କ୍ଷୀରୋଦ ଜେନା, ଉତ୍ତମ ଚରଣ ପ୍ରଧାନ, ଗୀତାଞ୍ଜଳି ନାୟକ, ମନୋଜ ବସନ୍ତରାୟ, ନମିତା ମହାନ୍ତି, ଅରୁଣ କୁମାର ଅଗ୍ରୱାଲ, ରଞ୍ଜନ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ସନ୍ତୋଷ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ସମୀକ୍ଷା ବୈଠକ

# ତୃଣମୂଳସ୍ତରରୁ ସଙ୍ଗଠିତ ହେବାକୁ କର୍ମୀଙ୍କୁ ସଂତୃପ୍ତ ଓ ପ୍ରତାପଙ୍କ ଆହ୍ୱାନ

**କଟକ,୨୬/୪/ଏନ୍ଏନ୍ଏସ୍:** ରାଜ୍ୟସଭା ନିର୍ବାଚନ ବେଳେ ଦଳୀୟ ଆଦେଶକୁ ଅବମାନନା କରି ବିଜେପି ସମର୍ଥିତ ପ୍ରାର୍ଥୀଙ୍କ ସପକ୍ଷରେ କ୍ରସ୍ ଭୋଟ ଦେଇଥିବା ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ଉପରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ଏବଂ ଦଳର ସଂଗଠନକୁ ଦୁର୍ବଳ କରିବାକୁ ବିଭିନ୍ନ ସମୟରେ ଷଡ଼ଯନ୍ତ୍ର କରି ନାନାଦି ଦୁର୍ନୀତିରେ ଲିପ୍ତ ଥିବା ହେତୁ ଦଳରୁ ବହିଷ୍କୃତ ହୋଇଛନ୍ତି। ବିଜୁ ଜନତା ଦଳ ଭାବେ ରାଜ୍ୟସଭା ସାଂସଦ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡଃ ସଂତୃପ୍ତ ମିଶ୍ର ଯୋଗଦେଇ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ ଯେ ନବୀନ ପଟ୍ଟନାୟକଙ୍କ



ବିଜୁ ଜନତା ଦଳର ସୁପ୍ରିମୋ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଦଳ ବିରୋଧୀ ଆଭିମୁଖ୍ୟ ପାଇଁ ତାଙ୍କୁ ବିଜେଡି ଦଳରୁ ନିଲମ୍ବନ କରିଛନ୍ତି। ବିଜୁ ଜନତା ଦଳ ଟିକଟ, ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ, ହଜାର ହଜାର କର୍ମୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଦଳୀୟ ପାଣ୍ଠିର ବିନିଯୋଗରେ ସେ ବିଧାନସଭାରେ ରାଜ୍ୟର ସର୍ବ କନିଷ୍ଠ ବିଧାୟକ ଭାବେ ନିର୍ବାଚିତ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ତାଙ୍କ ବାପା ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ମଧ୍ୟ ଚୌଦ୍ୱାର - କଟକ ନିର୍ବାଚନମଣ୍ଡଳୀରେ ସାଙ୍ଗଠନିକ ବ୍ୟବସ୍ଥାକୁ କ୍ରିୟାଶୀଳ କରିବା ସହିତ ୱାର୍ଡ ସ୍ତରରେ ଦଳୀୟ ସଂଗଠନକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଆଜି ଅପରାହ୍ଣରେ କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଏକ ସମୀକ୍ଷା ବୈଠକ ଦୋଳମୁଣ୍ଡାଇ ସ୍ଥିତ କଟକ ଜିଲ୍ଲା ବିଜେଡି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଆଶୀର୍ବାଦ ଯୋଗୁଁ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରେ ଯିଏ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ସେ ବର୍ତ୍ତମାନ ଦଳରୁ ନିଲମ୍ବନ ହେବା ପରେ ରଙ୍ଗ ବଦଳାଇ ପୁଣି ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେଉଛନ୍ତି। ଏଥିପ୍ରତି ଦଳୀୟ ନେତୃମଣ୍ଡଳୀ ସଜାଗ ଅଛନ୍ତି, ବ୍ୟକ୍ତି ନୁହେଁ ଦଳ ପ୍ରତି ନିଷ୍ଠାର ସହ କାମ କରିବାକୁ ଉପସ୍ଥିତ କର୍ମୀ ଓ ନେତୃମଣ୍ଡଳୀଙ୍କୁ ଆହ୍ୱାନ ଦେଇଥିଲେ।

ଅନ୍ୟତମ ଅତିଥିଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ଉପସଭାପତି ପ୍ରତାପ ଜେନା ଯୋଗଦେଇ ସମସ୍ତ କର୍ମୀ ୱାର୍ଡସ୍ତରରୁ ସଂଗଠିତ ହେବାକୁ ଆହ୍ୱାନ ଦେବା ସହିତ ନୂତନ କମିଟି ଘୋଷଣା କରାଯିବ ବୋଲି ଉପସ୍ଥିତ କର୍ମକର୍ତ୍ତା ଓ କର୍ମୀଙ୍କୁ ସୂଚନା ଦେଇଥିଲେ। ବରିଷ୍ଠ କର୍ପୋରେଟର ପ୍ରଦୀପ୍ତ କିଶୋର ଖୁଣ୍ଟିଆଙ୍କ ସଂଯୋଜନା ଓ ଜିଲ୍ଲା ସାଧାରଣ ସମ୍ପାଦକ ତାପସ ମହାନ୍ତିଙ୍କ ଆୟୋଜନରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ପୂର୍ବତନ ମେୟର୍ ଅନିତା ବେହେରା ଏବଂ ମିନାକ୍ଷୀ ବେହେରା, କର୍ପୋରେଟର୍ ଦିପ୍ତିମୟୀ ମୂଳିଆ ଏବଂ ପ୍ରଦୀପ ସାହୁ, ପୂର୍ବତନ କର୍ପୋରେଟର ପ୍ରଫୁଲ୍ଲ ବେହେରା, ଚିରଞ୍ଜୟ ସାହୁ, ଜୟଦେବ ଜେନା, ରଞ୍ଜିତା କାହାଳୀ, ରାଜେନ୍ଦ୍ର ରଣା,ଦେବେନ୍ଦ୍ର କାହାଳୀ, ଶିଶିର ପରିଜା, ଅଜୟ ମହାନ୍ତି, ନିଶିଥ କରଣ, ନିମାଇଁ ଚରଣ ବିଶ୍ୱାଳ, ଯୁଧିଷ୍ଠିର ବିଶ୍ୱାଳ, ବିଭୂତି ସ୍ୱାଇଁ, ପ୍ରସନ୍ନ ପଣ୍ଡା, ମନୋଜ ମହାନ୍ତି, ନାଗେଶ୍ୱର ବେହେରା, ସୁକାନ୍ତ ସାହୁ, ଦେବାଶିଷ ସାହୁ, ମିତାଲି ଭଞ୍ଜ, ମାନସୀ ସ୍ୱାଇଁ, କଲ୍ୟାଣୀ ଭୂୟାଁ, ଗୋପା ସାମଲ, ଇତିଶ୍ରୀ ପଣ୍ଡା, ରାଜଲକ୍ଷ୍ମୀ ପାତ୍ର, ଅନୁପମା ବେହେରା, ରେଣୁକା ମହାନ୍ତି, ୱାର୍ଡ ସଭାପତିଙ୍କ ମଧ୍ୟରେ ବିଜୟ ଭୂୟାଁ, କାର୍ତ୍ତିକେଶ୍ୱର ଓଝା, କେଦାରନାଥ ତରାଇ, ସାରଙ୍ଗନାଥ ଷଡ଼ଙ୍ଗୀ, ସତ୍ୟବ୍ରତ ପଟ୍ଟନାୟକ, ମନୋରଞ୍ଜନ ସାହୁ, ବିଷ୍ଣୁ ଚରଣ ସାହୁ, ବିନୟ ଚୌଧୁରୀ, ସୋମିତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି-ମେୟର ଦମୟନ୍ତୀ ମାଝୀ ଧନ୍ୟବାଦ୍ ଦେଇଥିଲେ।

## ଦୂର ହେଲା ପାଣି ସଙ୍କଟ

# ବୁଢ଼ାବୁଢ଼ିଆଣୀ ଜଳଭଣ୍ଡାରରେ ଜଳସ୍ତର ସ୍ୱାଭାବିକ



**ଓଡ଼ଗାଁ,୨୬/୪/ଏନ୍ଏନ୍ଏସ୍:** ଚଳିତ ବର୍ଷ ଓଡ଼ଗାଁ ଏନ୍ଏସିରେ ପିଇବା ପାଣିର ସଙ୍କଟ ଦେଖାଦେବ ନାହିଁ। ଓଡ଼ଗାଁ ନିକଟସ୍ଥ ବୁଢ଼ାବୁଢ଼ିଆଣୀ ଡ୍ୟାମ୍‌ରେ ପର୍ଯ୍ୟାପ୍ତ ଜଳ ମହଜୁଦ ଥିବାରୁ ପିଇବା ପାଣିର ନିଅଣ୍ଟ ହେବନି ବୋଲି ଜଳସେଚନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସାଧାରଣତଃ ପ୍ରତିବର୍ଷ ଏହି ସମୟରେ ଜଳସ୍ତର ୫୦ ପ୍ରତିଶତକୁ ଖସିଯାଉଥିବା ବେଳେ ଗତବର୍ଷ ତୁଳନାରେ ଚଳିତ ବର୍ଷ ଜଳସ୍ତର ସ୍ୱାଭାବିକ ରହିଛି।

ସୂଚନାଯୋଗ୍ୟ ଯେ, ୬୦ ବର୍ଷ ପୂର୍ବେ କାର୍ଯ୍ୟକାରୀ ହୋଇଥିବା ବୁଢ଼ାବୁଢ଼ିଆଣୀ ଜଳଭଣ୍ଡାରର ଜଳଧାରଣ କ୍ଷମତା ଉତ୍ସାହଜନକ ରହିଛି। ବର୍ଷାଦିନେ ଏଠାରେ ୯୦ ପ୍ରତିଶତ ଜଳ ରହିଲେ ବର୍ଷସାରା ପାଣି ସମସ୍ୟା ରହେନାହିଁ। ଚଳିତ ବର୍ଷ ସ୍ୱାଭାବିକ ବର୍ଷା ଯୋଗୁଁ ଜଳଭଣ୍ଡାରରେ ବର୍ତ୍ତମାନ ସୁଦ୍ଧା ୭୫ ପ୍ରତିଶତ ଜଳ ରହିଛି, ଯାହା ଗତବର୍ଷ ଅପେକ୍ଷା ୨୫ ପ୍ରତିଶତ ଅଧିକ। ଫଳରେ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ମରୁଡ଼ି ଆଶଙ୍କା ଟଳିଯାଇଛି। ଏହି ଜଳଭଣ୍ଡାର ଉପରେ ବ୍ଲକର ଶହ ଶହ ହେକ୍ଟର ଚାଷଜମି ନିର୍ଭର କରିଥାଏ ଏବଂ ୨୦ କିଲୋମିଟର ଦୂର ପର୍ଯ୍ୟନ୍ତ କେନାଲ ମାଧ୍ୟମରେ ଚାଷ ପାଣି ଯୋଗାଇ ଦିଆଯାଏ। ତା' ସହିତ ଓଡ଼ଗାଁ ଏନ୍ଏସିକୁ ପିଇବା ପାଣି ମଧ୍ୟ ଏହିଠାରୁ ହିଁ ଯୋଗାଣ ହୋଇଥାଏ। ପ୍ରତିଦିନ ପାଇପ୍ ଯୋଗେ ପ୍ରାୟ ୧୨ ହଜାର ଲିଟର ପାଣି ଦିଆଯାଉଥିବା ଜଳସେଚନ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ପିଇବା ପାଣି ପାଇଁ ପିଏଚ୍‌ଡି ବିଭାଗ ଓଡ଼ଗାଁ ଏନଏସିର ୨୯୦୦ ଉପଭୋକ୍ତାଙ୍କ ଠାରୁ ମାସିକ ପ୍ରାୟ ଏକ ଲକ୍ଷ ଟଙ୍କା ଟିକସ ଆଦାୟ କରୁଥିବା ଯନ୍ତ୍ରୀ ଆକଳନ କରିଛନ୍ତି। ଜଳଭଣ୍ଡାରରେ ପାଣି ଥିବାରୁ ଏବେ ଚାଷୀ ଓ ସହରବାସୀ ଆଶ୍ୱସ୍ତ ହୋଇଛନ୍ତି। ତେବେ ଜଳଭଣ୍ଡାରର ରକ୍ଷଣାବେକ୍ଷଣ ନେଇ ସ୍ଥାନୀୟ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଳଭଣ୍ଡାରଟି ଧୀରେ ଧୀରେ ପୋତି ହେବାକୁ ବସିଥିବାରୁ ଏହାର ପୁନରୁଦ୍ଧାର ଜରୁରୀ ହୋଇପଡ଼ିଛି। ଚାଷୀଙ୍କ ବେଉଷା ବଞ୍ଚାଇବା ସହ ମତ୍ସ୍ୟଜୀବୀ ଓ ସାଧାରଣ ଉପଭୋକ୍ତାଙ୍କ ସୁବିଧା ପାଇଁ ସରକାର ଏହାର ବିକାଶ ଉପରେ ଗୁରୁତ୍ୱ ଦେବାକୁ ଦାବି ହୋଇଛି। ଜଳସେଚନ ଅଧିକାରୀ କ୍ଷୀରୋଦ ଜାଲି ଏ ସମ୍ପର୍କରେ କହିଛନ୍ତି ଯେ, ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ପାଣି ସଙ୍କଟ ନାହିଁ।

## ଆଜିର ଇତିହାସ

- ୧୫୨୬-ବାବର, ଦିଲ୍ଲୀର ସୁଲତାନଙ୍କୁ ପରାଜିତ କରି ନୂଆ ବାଦଶାହା ହୋଇଥିଲେ।
- ୧୭୪୮-ମୋଗଲ ଶାସକ ମହମ୍ମଦ ଶାହାଙ୍କର ନିଧନ ହୋଇଥିଲା।
- ୧୮୭୮-କୋଲ୍‌କାତା ବିଶ୍ୱବିଦ୍ୟାଳୟ, ମହିଳାମାନଙ୍କୁ ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ସ୍ଥାନ ପାଇବା ପାଇଁ ପ୍ରଥମ ମଞ୍ଜୁରୀ ଦେଇଥିଲା।
- ୧୯୪୭-ଉତ୍ତରାଖଣ୍ଡର ସପ୍ତମ ମୁଖ୍ୟମନ୍ତ୍ରୀ ହରୀଶ ରାୱତଙ୍କ ଜନ୍ମଦିନ।
- ୨୦୧୭-ଅଭିନେତା ବିନୋଦ ଖାନ୍ନାଙ୍କ ନିଧନ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ଦିନଟି ସାମାନ୍ୟ ରହିବ। ଆତ୍ମବିଶ୍ୱାସର ଅଭାବ ଦେଖାଦେବ। ମନ ଚିନ୍ତିତ ରହିପାରେ। ଆର୍ଥିକ ସ୍ଥିତି ଭଲ ରହିବ ନାହିଁ। ଭାବିଚିନ୍ତି ଅର୍ଥ ବିନିଯୋଗ କରନ୍ତୁ। ପ୍ରେମୀଙ୍କ ସହିତ ସମୟ ଅତିବାହିତ କରିବେ।

**ବୃଷ** - ଦିନଟି ଖୁବ୍ ଭଲରେ ବିତିବ। ବୈବାହିକ ଜୀବନ ସୁଖମୟ ରହିବ। ଧାର୍ମିକ କାର୍ଯ୍ୟରେ ମନ ଲାଗିବ। ପିତାଙ୍କ ସହଯୋଗ ପାଇବେ। ସ୍ୱାସ୍ଥ୍ୟରେ ସୁଧାର ହେବ। ଆର୍ଥିକ ସ୍ଥିତି ଖୁବ୍ ଭଲ ରହିବ।

**ମିଥୁନ** - ଦିନଟି ଆପଣଙ୍କ ପାଇଁ ସାମାନ୍ୟ ରହିବ। ମାନସିକ ଚାପ ରହିପାରେ। କାର୍ଯ୍ୟକ୍ଷେତ୍ରରେ କାମର ଅଧିକତା ରହିବ। କାରବାର ସ୍ଥିତିରେ ସୁଧାର ହୋଇପାରେ। ନିବେଶ କରିବା ପୂର୍ବରୁ ପରାମର୍ଶ ନିଅନ୍ତୁ।

**କର୍କଟ** - ଆଜିର ଦିନଟି ଶୁଭ ନୁହେଁ। ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଜୀବନରେ ବ୍ୟସ୍ତତା ଅଧିକ ରହିବ। ବାଦବିବାଦ ଠାରୁ ଦୂରରେ ରୁହନ୍ତୁ। ଚାକିରି ପାଇଁ ଅନ୍ୟ କୌଣସି ସ୍ଥାନକୁ ଯାଇପାରନ୍ତି।

**ସିଂହ** - ଜୀବନରେ ବଡ଼ ପରିବର୍ତ୍ତନ ଆସିପାରେ। ବ୍ୟାପାରରେ ଲାଭ ମିଳିବ। ଭ୍ରମଣ ଯୋଗ ରହିଛି। ଖର୍ଚ୍ଚ ବି ବଢ଼ିବ। କିନ୍ତୁ ବିଭିନ୍ନ ସୋର୍ସରୁ ଧନ ଆଗମନ ହୋଇପାରେ। ପ୍ରେମ ଜୀବନ ଖୁବ୍ ଭଲ ରହିବ।

**କନ୍ୟା** - ମନକୁ ଶାନ୍ତ ରଖନ୍ତୁ। ଧୈର୍ଯ୍ୟଶୀଳତା ବଜାୟ ରଖିବେ। ଶୀଘ୍ରତା ସହିତ କୌଣସି କାମ ନକଲେ ଭଲ। ଅତି ଉତ୍ସାହୀ ନହେଲେ ଭଲ। ଆର୍ଥିକ ପକ୍ଷ ଆଜି ଠିକ୍ ରହିବ। ପ୍ରେମ ଜୀବନରେ ସୁଖ ପାଇବେ।

**ତୁଳା** - ଦିନଟି ଖୁବ୍ ଭଲ। ମାନସିକ ଚିନ୍ତା ଦୂର ହେବ। ଧୈର୍ଯ୍ୟର ସହିତ କାମ କରିବେ। ବ୍ୟାପାରରୁ ଲାଭ ମିଳିବ। ପ୍ରମୋଶନର ଅବସର ପାଇବେ। ଆତ୍ମବିଶ୍ୱାସରେ ଭରି ରହିବେ। ପରିବାରର ସହଯୋଗ ମିଳିବ।

**ବିଛା** - ଆପଣଙ୍କ ପାଇଁ ଦିନଟି ଖୁବ୍ ଭଲ। ମିତ୍ରଙ୍କ ସହଯୋଗରେ ଆୟ ବୃଦ୍ଧି ଯୋଗ ରହିଛି। ଚାକିରି ଓ ବ୍ୟାପାରରେ ଖୁବ୍ ଲାଭ ପାଇବେ। ପରିବାରର ସହଯୋଗରେ ଅଟକିଥିବା କାମ ପୂରା ହେବ।

**ଧନୁ** - ଜୀବନରେ ସକାରାତ୍ମକତା ପରିବର୍ତ୍ତନ ଆସିବ। ଆତ୍ମବିଶ୍ୱାସ ବୃଦ୍ଧି ହେବ। ମନ ଶାନ୍ତ ରହିବ। ଜୀବନସାଥିଙ୍କ ସହିତ ସମୟ ବିତେଇବେ। ବ୍ୟାପାର, ଚାକିରିରେ ବଡ଼ ପରିବର୍ତ୍ତନ ଦେଖାଦେଇପାରେ।

**ମକର** - ଦିନଟି ଉତ୍ତମ। ଚାକିରି, ବ୍ୟାପାର, ପ୍ରେମ ସବୁକିଛି ବଢ଼ିଆ ରହିବ। ଆଜି ଯେଉଁ କାମ କରିବେ ସଫଳତା ମିଳିବ। ପରିବାର ସହିତ ସମୟ ଅତିବାହିତ କରିବେ। ବିବାହ ସ୍ଥିର ହୋଇପାରେ।

**କୁମ୍ଭ** - ଦିନଟି ମିଶ୍ରିତ ଫଳଦାୟୀ। ଆତ୍ମବିଶ୍ୱାସ ଖୁବ୍ ରହିବ। ଚାକିରି ଓ ବ୍ୟାପାରରେ ସମସ୍ୟାର ସମ୍ମୁଖୀନ ହେବେ। ଆୟ ବୃଦ୍ଧି ହୋଇପାରେ। କ୍ରୋଧ ନକଲେ ଲାଭରେ ରହିବେ। ଆୟ ବୃଦ୍ଧି ଯୋଗ ଅଛି।

**ମୀନ** - ଆଜି ସାବଧାନ ହୋଇ ରହିବେ। ଭାବିଚିନ୍ତି ଖର୍ଚ୍ଚ କରିବେ। ନହଲେ କରଜ ସ୍ଥିତି ଆସିପାରେ। ଚାକିରି ଓ ବ୍ୟାପାରରେ ଅତିରିକ୍ତ ଦାୟିତ୍ୱ ମିଳିପାରେ। ସ୍ୱାସ୍ଥ୍ୟର ଧ୍ୟାନ ରଖିବେ। ପ୍ରେମୀଙ୍କ ସହିତ ସମୟ ବିତେଇବେ।

## ଶ୍ରୀମଦ୍ ଭଗବଦ୍‌ଗୀତା



ଆୟୁଃସତ୍ତ୍ୱବଳାରୋଗ୍ୟସୁଖପ୍ରୀତିବିବର୍ଦ୍ଧନାଃ।
ରସ୍ୟାଃ ସ୍ନିଗ୍ଧାଃ ସ୍ଥିରା ହୃଦ୍ୟା ଆହାରାଃ ସାତ୍ତ୍ୱିକପ୍ରିୟାଃ। (୧୭/୮)

ଯେଉଁ ବସ୍ତୁ ପରମାୟୁବର୍ଦ୍ଧକ, ଉତ୍ସାହବର୍ଦ୍ଧକ, ବଳକର, ଆରୋଗ୍ୟପ୍ରଦ, ସୁଖଜନକ ଓ ରୁଚିକର ଏବଂ ସରସ, ସ୍ନେହଯୁକ୍ତ, ସାରବାନ ଏବଂ ପ୍ରୀତିକର - ଏଭଳି ଖାଦ୍ୟ ସାତ୍ତ୍ୱିକ ଲୋକଙ୍କର ପ୍ରିୟ। ଅର୍ଥାତ ଯାହା ଖାଇଲେ ପରମାୟୁ ବଢ଼େ, ଉତ୍ସାହ ବଢ଼େ, ଶରୀର ନିରୋଗ ରୁହେ, ଚିତ୍ତ ପ୍ରସନ୍ନ ରହେ ଓ ରୁଚି ଅଧିକ ହୁଏ, ଯାହାର ସ୍ୱାଦ ଚିକ୍କଣ ପଦାର୍ଥଯୁକ୍ତ, ସାରବାନ ଓ ଆନନ୍ଦ ବଢାଏ - ସେସବୁ ସାତ୍ତ୍ୱିକ ବ୍ୟକ୍ତିଙ୍କର ଖାଦ୍ୟ। ଏସବୁ ଖାଦ୍ୟ ଯିଏ ଖାଏ ସେ ସତ୍ତ୍ୱଗୁଣଯୁକ୍ତ ବୋଲି ଜାଣିବ।

# ମୋହିନୀ ଏକାଦଶୀ

ହିନ୍ଦୁ ଧର୍ମରେ ଏକାଦଶୀ ତିଥିର ରହିଛି ଖାସ୍ ମହତ୍ତ୍ୱ। ଏହି ତିଥି ଭଗବାନ ବିଷ୍ଣୁଙ୍କୁ ସମର୍ପିତ। ପ୍ରତି ମାସରେ ଦୁଇଟି ଏକାଦଶୀ ତିଥି ପଡ଼େ- ଗୋଟିଏ ଶୁକ୍ଳପକ୍ଷରେ ଓ ଅନ୍ୟଟି କୃଷ୍ଣପକ୍ଷରେ। ହିନ୍ଦୁ ପଞ୍ଜାଙ୍ଗ ଅନୁସାରେ ବୈଶାଖ ମାସର ଶୁକ୍ଳପକ୍ଷ ଏକାଦଶୀକୁ ମୋହିନୀ ଏକାଦଶୀ ଭାବରେ ପାଳନ କରାଯାଏ। ଏହି ଦିନ ଭଗବାନ ବିଷ୍ଣୁଙ୍କର ମୋହିନୀ ରୂପକୁ ପୂଜା କରାଯାଏ। ଧାର୍ମିକ ମାନ୍ୟତା ଅନୁସାରେ ଏହି ବ୍ରତ ରଖିଲେ ମନୁଷ୍ୟର ସମସ୍ତ କଷ୍ଟ ଦୂର ହୁଏ। ଲୋକମାନେ ନିଜର କଷ୍ଟ ଦୂର ପାଇଁ ଏକାଦଶୀ ତିଥି ଦିନ ଅନେକ ଉପାୟ କରିଥାନ୍ତି।



ପୌରାଣିକ କଥା- ପୌରାଣିକ କଥା ଅନୁସାରେ ସମୁଦ୍ର ମନ୍ଥନ ସମୟରେ ଯେତେବେଳେ ଅମୃତ କଳସ ପ୍ରାପ୍ତ ହୋଇଥିଲା, ଦେବତା ଓ ରାକ୍ଷସମାନଙ୍କ ମଧ୍ୟରେ ଅମୃତ କଳସକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହି ସ୍ଥିତି ପାଇଁ ଦେବତାମାନେ ଭଗବାନ ବିଷ୍ଣୁଙ୍କୁ ସାହାଯ୍ୟ ମାଗିଥିଲେ। ଏଥିପାଇଁ ଭଗବାନ ବିଷ୍ଣୁ ଏକ ସୁନ୍ଦରୀ ନାରୀର ରୂପ ନେଇଥିଲେ ଅମୃତ କଳସରୁ ରାକ୍ଷସମାନଙ୍କ ଧ୍ୟାନ ହଟେଇବା ପାଇଁ। ମୋହିନୀ ରୂପରେ ଭଗବାନ ଦେବତାମାନଙ୍କୁ ଅମୃତ ପିଆଇ ଦେଇଥିଲେ। କୁହାଯାଏ ଯେ ଏହି ଘଟଣା ଘଟିଥିଲା ବୈଶାଖ ଶୁକ୍ଳପକ୍ଷ ଏକାଦଶୀ ତିଥି ଦିନ। ଏଥିପାଇଁ ଏହି ତିଥିକୁ ମୋହିନୀ ଏକାଦଶୀ ଭାବରେ ପାଳନ କରାଯାଏ।

ପୂଜାବିଧି-ସକାଳୁ ଉଠି ସ୍ନାନ କରି ମନକୁ ଶାନ୍ତ ରଖନ୍ତୁ। ଏକ ଖଟୁଲିରେ ଭଗବାନ ବିଷ୍ଣୁଙ୍କ ପ୍ରତିମା ବା ଫଟୋ ରଖି ଭଗବାନଙ୍କୁ ସ୍ନାନ କରାଇ ହଳଦିଆ ବସ୍ତ୍ର ପିନ୍ଧାଇ ଚନ୍ଦନ ଓ ତିଳକ ଲଗାଇବେ। ଧୂପ-ଦୀପ ଜଳାଇ ବ୍ରତର ସଂକଳ୍ପ କରାନ୍ତୁ। ତୁଳସୀ, ନଡ଼ିଆ, ଫଳ ଓ ହଳଦିଆ ରଙ୍ଗର ମିଠେଇ ଭଗବାନଙ୍କୁ ଅର୍ପଣ କରିବାର ବିଧି ରହିଛି। ପଞ୍ଚାମୃତ ଅର୍ପଣ କରି ଆଳତି କରିବା ପରେ 'ଓଁ ନମୋଃ ଭଗବତେ ବାସୁଦେବାୟଃ' ମନ୍ତ୍ର ଓ ବିଷ୍ଣୁ ସହସ୍ରନାମ ଜପ କରି ବିଶେଷ ଲାଭ ପ୍ରାପ୍ତ କରନ୍ତୁ।

# ଅଭିଜ୍ଞ କଳାକାର ହେମନ୍ତ ଦାସ



**ପ୍ରତି ଓଡ଼ିଆ ପରିବାରରେ ଏକ ପରିଚିତ ନାମ-ହେମନ୍ତ ଦାସ। ଓଡ଼ିଆ ଫିଲ୍ମ ଜଗତରେ ଏହି ଅଭିଜ୍ଞ କଳାକାରଙ୍କର ଅଛନ୍ତି ଲକ୍ଷାଧିକ ପ୍ରଶଂସକ। ନିଜର ଭାବପୂର୍ଣ୍ଣ ଅଭିନୟ ଶୈଳୀ ପାଇଁ ପ୍ରସିଦ୍ଧି ହାସଲ କରିଥିବା ଏହି କଳାକାର ୫୦ରୁ ଅଧିକ ଫିଲ୍ମରେ ଅଭିନୟ କରି ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଛନ୍ତି।**

**ଜୀବନୀ ଓ କ୍ୟାରିୟର୍**-ହେମନ୍ତ ଦାସ ନିଜ ଚାକିରି ଜୀବନ ଆରମ୍ଭ କରିଥିଲେ ଅଲ୍ ଇଣ୍ଡିଆ ରେଡିଓର ଜଣେ ସମାଚାର ପାଠକ ଭାବରେ ଓ ପରେ ଓଡ଼ିଶାକୁ ଫେରି ଆସିଥିଲେ। ୧୯୫୬ରେ ନିତାଇ ପାଲିତଙ୍କ ଦ୍ୱାରା ନିର୍ଦ୍ଦେଶିତ ଫିଲ୍ମ 'ଭାଇ ଭାଇ' ଜରିଆରେ ସେ ଓଡ଼ିଆ ଫିଲ୍ମ ଜଗତରେ ପ୍ରବେଶ କରିଥିଲେ। ଏହାପରେ ସେ ଆଉ ପଛକୁ ଫେରି ଚାହିଁ ନଥିଲେ। ଅଧିକାଂଶ ଫିଲ୍ମରେ ଏକ ସରଳ ଓ ସାଧାରଣ ବ୍ୟକ୍ତି ଭାବରେ ହେମନ୍ତ ଦାସଙ୍କୁ ଦେଖିବାକୁ ମିଳୁଥିଲା ତେବେ ସେ 'ଯାଯାବର' ହେଉ ଅବା 'ଚିଲିକା ତୀରେ'ର ଜଣେ ଗ୍ରାମୀଣ ଭାବରେ। କିନ୍ତୁ ସେ ସମୟରେ ତାଙ୍କ ବିନା କୌଣସି ଫିଲ୍ମ ଯେପରି ଅସମ୍ପୂର୍ଣ୍ଣ ମନେ ହେଉଥିଲା। ତାଙ୍କର ଶେଷ ଫିଲ୍ମ ଥିଲା 'ସାଥି ମୋର' (୨୦୦୯)। ନିଜର ପ୍ରତିଭା ଓ ନିଖୁଣ ଅଭିନୟ ପାଇଁ ୧୯୯୧ରେ ଜୟଦେବ ପୁରସ୍କାର ସହିତ ଜାତୀୟ ଓ ରାଜ୍ୟ ପୁରସ୍କାରରେ ସେ ସମ୍ମାନିତ ହୋଇଥିଲେ। ତେବେ ଯାଯାବର, ଚିଲିକା ତୀରେ, ମା' ଓ ମମତା, ଶେଷ ଶ୍ରାବଣ, ଦଣ୍ଡା ବାଳୁଙ୍ଗା, ସୀତା ରତି, ହାକିମ ବାବୁ, ହିସାବ ନିକାସ, ନୀରବ ଝଡ଼, କିଛି ସ୍ମୃତି କିଛି ଅନୁଭୂତିରେ ତାଙ୍କର ଅଭିନୟ ଦ୍ୱାରା ବେଶ୍ ଆକର୍ଷିତ ହୋଇଥିଲେ ଦର୍ଶକମାନେ। ଏହା ବ୍ୟତୀତ ହିନ୍ଦୀ ଜାତୀୟ ପୁରସ୍କାର ପ୍ରାପ୍ତ ଫିଲ୍ମ 'ଶୋଧ'ରେ ମଧ୍ୟ ସେ ଅଭିନୟ କରିଥିଲେ। ଅକ୍ଷୟ ମହାନ୍ତି ଓ ନାଟ୍ୟକାର ବିଜୟ ମିଶ୍ରଙ୍କ ସହିତ ମିଶି 'ତ୍ରିମୂର୍ତ୍ତି'ରେ ନିର୍ଦ୍ଦେଶକ ଭାବରେ ମଧ୍ୟ କାମ କରିଥିଲେ ହେମନ୍ତ ଦାସ। ଏହା ସହିତ ଟିଭି ଧାରାବାହିକଗୁଡ଼ିକରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିଥିଲା।

**ଅନ୍ତିମ ସମୟ**-ଜୀବନର ଶେଷ ସମୟରେ ଏହି ବହୁମୁଖୀ କଳାକାର ଜଣକ ଅନେକ ପୀଡ଼ା ସହ୍ୟ କରିଥିଲେ। ପତ୍ନୀ ଓ ପୁଅର ଦେହାନ୍ତ ହେବା ପରେ ଆର୍ଥିକ ଦୁରାବସ୍ଥାର ସମ୍ମୁଖୀନ ହୋଇଥିଲେ ହେମନ୍ତ ଦାସ। ଏହାପରେ ୧୯୯୫ରେ କଟକରୁ ନିଜର ପୈତୃକ ଗ୍ରାମ ବାଙ୍କୀର ଖମରଙ୍ଗାକୁ ଚାଲିଗଲେ। ସେଠାରେ ଭଉଣୀଙ୍କ ସହିତ ରହିଥିଲେ ଓ ୨୦୧୦ର ଆଜିର ଦିନରେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ପଛରେ ସେ ଛାଡ଼ି ଯାଇଥିଲେ ନିଜର ଅସମ୍ପୂର୍ଣ୍ଣ ସ୍ୱପ୍ନଗୁଡ଼ିକୁ। ଯେଉଁଗୁଡ଼ିକୁ ପୂରଣ କରିବା ତାଙ୍କ ପାଇଁ ଅସମ୍ଭବ ଥିଲା।

## ଦୈନନ୍ଦିନ ଜୀବନରେ
# ଡିଜାଇନ୍‌ର ଭୂମିକା

ଆଜି ପୂରା ବିଶ୍ୱରେ ପାଳନ କରାଯାଉଛି ଡିଜାଇନ୍ ଦିବସ। ଡିଜାଇନ୍ ଆମ ଦୁନିଆରେ କିପରି ପରିବର୍ତ୍ତନ ଆଣିପାରେ ଓ ଦୈନନ୍ଦିନ ଜୀବନରେ ଏହାର କିପରି ଦୂରଗାମୀ ପ୍ରଭାବ ପଡ଼େ- ଯେତିକି ଆମେ ବୁଝନ୍ତି ତାହା ଠାରୁ କେତେ ଅଧିକ ପ୍ରଭାବ ପଡ଼େ ସେ ବିଷୟରେ ଏହି ଦିବସ ଦର୍ଶାଇଥାଏ। ଚିନ୍ତା କରିବାର ଏକ ଉପାୟ ହେଉଛି ଡିଜାଇନ୍ ଯାହା ବିଭିନ୍ନ ସମସ୍ୟାର ସମାଧାନ କରିଥାଏ ଓ ଜୀବନକୁ ଆହୁରି ସୁନ୍ଦର କରି ଗଢ଼ି ତୋଳିବାରେ ସହାୟକ ହୋଇଥାଏ। ଡିଜାଇନ୍ ନଭାଚାରକୁ ଜନ୍ମ ଦିଏ ଓ ସେଥିରେ ସୁନ୍ଦରତା ସୃଷ୍ଟି କରାଇପାରେ। ଏଥିପାଇଁ ଆଜି ପାଳନ କରାଯାଉଥିବା ଡିଜାଇନ୍ ଦିବସ ଡିଜାଇନର୍‌ମାନଙ୍କୁ ପ୍ରଶଂସା କରିବାର ଅବସର ପ୍ରଦାନ କରିଥାଏ। ଏମାନେ ହେଉଛନ୍ତି ସେହି ଲୋକ ଯେଉଁମାନେ ଆମ ପରିବେଶକୁ ବା ଆଖପାଖର ଦୁନିଆକୁ ଡିଜାଇନ୍‌ର ଶକ୍ତି ମାଧ୍ୟମରେ ଚିନ୍ତା କରିବା ପାଇଁ ଓ ଏହା ଉପରେ ବିଚାର କରିବାକୁ ଅବସର ପ୍ରଦାନ କରିଥାନ୍ତି। ଆଜି ସୁନ୍ଦରତା ଓ କାର୍ଯ୍ୟକ୍ଷମତାର ସଂଗମର ଦିନ। ଡିଜାଇନ୍ କେବଳ ଜିନିଷଗୁଡ଼ିକୁ ଯେ ସୁନ୍ଦର ରୂପ ଦେଇଥାଏ ତାହା ନୁହେଁ, ଏଗୁଡ଼ିକୁ ଉପଯୋଗୀ ମଧ୍ୟ କରାଇଥାଏ।

କିପରି ପାଳନ କରିବେ- ନିଜ ଆଖପାଖର ଡିଜାଇନ୍‌ଗୁଡ଼ିକୁ ପ୍ରଶଂସା କରନ୍ତୁ ତେବେ ତାହା ଘରର ବାସ୍ତୁକଳା ହୋଇଥାଇ ଅବା ପସନ୍ଦଯୋଗ୍ୟ କପଡ଼ା। ଡିଜାଇନ୍‌ର ଇତିହାସ ଓ ବିଭିନ୍ନ ପ୍ରକାରର ଡିଜାଇନ୍ ସମ୍ପର୍କରେ ଜାଣିବା ପାଇଁ କେତେଗୁଡ଼ିଏ ପୁସ୍ତକ ରହିଛି ସେଗୁଡ଼ିକୁ ପଢ଼ନ୍ତୁ ବା ଏହା ଉପରେ ନିର୍ମିତ ହୋଇଥିବା ବୃତ୍ତଚିତ୍ରଗୁଡ଼ିକୁ ଦେଖନ୍ତୁ। ଏହା ବ୍ୟତୀତ ଡୁଡଲ୍ ତିଆରି କରିପାରିବେ କିମ୍ବା କୌଣସି ଉତ୍ପାଦକୁ ପୁଣି ଥରେ ଡିଜାଇନ୍ କରିପାରିବେ। ନିଜ ସହରରେ ହେଉଥିବା ଡିଜାଇନ୍ ପ୍ରଦର୍ଶନୀ କାର୍ଯ୍ୟଶାଳାରେ ଯୋଗ ଦେଇ ଏହି ଦିବସର ମହତ୍ତ୍ୱକୁ ଉଜାଗର କରେଇ ପାରିବେ। ଆମ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶବିଶେଷ ହେଉଛି ଡିଜାଇନ୍ ଓ ଦୁନିଆକୁ ଆହୁରି ସୁନ୍ଦର କରି ଗଢ଼ିବା ପାଇଁ ଏହାର ଉପଯୋଗ କରିବାକୁ ଏହି ଦିନ ପ୍ରେରଣା ଯୋଗାଇଥାଏ।



# କ୍ୟାମିଓ ସହିତ ଫେରିବେ ଦୀପିକା





୨୦୧୨ରେ ରିଲିଜ ହୋଇଥିଲା ଫିଲ୍ମ 'କକ୍‌ଟେଲ୍'। ସେଥିରେ ଭେରୋନିକା ଚରିତ୍ରରେ ଅଭିନୟ କରି ଦର୍ଶକମାନଙ୍କ ହୃଦୟକୁ ଜିତିଥିଲେ ଦୀପିକା ପାଦୁକୋନ୍। ଆଜି ବି ଏହି ଚରିତ୍ରକୁ ଭୁଲି ନାହାନ୍ତି ଦର୍ଶକମାନେ। ଏବେ 'କକ୍‌ଟେଲ୍-୨'ରେ ଦୀପିକା କ୍ୟାମିଓ କରି ନିଜର ଆଇକନିକ୍ ଭୂମିକାକୁ ଫେରିବେ। କିନ୍ତୁ ଏହି ଖବର ଉପରେ କୌଣସି ଆଧିକାରିକ ଘୋଷଣା କରିନାହାନ୍ତି ନିର୍ମାତାମାନେ। ତେବେ ବଲିଉଡ୍‌ରୁ ଯେବେ ବି କୌଣସି ଆଇକନିକ୍ ଭୂମିକା ବିଷୟରେ ଖବର ଆସେ ଦର୍ଶକମାନଙ୍କର ଉତ୍ସାହ ବୃଦ୍ଧି ପାଇଥାଏ। ତେଣୁ ଚର୍ଚ୍ଚା ଯେତେବେଳେ ଦୀପିକା ପାଦୁକୋନ୍‌ଙ୍କ ଭେରୋନିକା ଚରିତ୍ରକୁ ନେଇ ଆସୁଛି ପୁରୁଣା ସ୍ମୃତି ତାଜା ହୋଇଯାଉଛି ଓ ଅଚାନକ ସୋସିଆଲ୍ ମିଡିଆରେ ଦେଖାଦେଇଛି ହଲ୍‌ଚଲ୍। 'କକ୍‌ଟେଲ୍' ଫିଲ୍ମରେ ଦୀପିକାଙ୍କ ସହିତ ନଜର ଆସିଥିଲେ ସୈଫ୍ ଅଲୀ ଖାନ ଓ ଡାଇନା ପେଣ୍ଟି। କିନ୍ତୁ ଏବେ ଏହାର ଦ୍ୱିତୀୟ ଭାଗରେ ନଜର ଆସିବେ ସାହିଦ୍ କପୁର, ରଶ୍ମିକା ମନ୍ଦାନା ଓ କ୍ରିତି ସାନନ୍। ୧୯ ଜୁନ୍‌ରେ ରିଲିଜ ହେବାକୁ ଥିବା 'କକ୍‌ଟେଲ୍-୨'ରେ ଦୀପିକାଙ୍କ ଭେରୋନିକା ଭୂମିକାକୁ ନେଇ ଅନ୍‌ଲାଇନ୍‌ରେ ଖୁବ୍ ଚର୍ଚ୍ଚା ଚାଲିଛି। ଏଥିପାଇଁ ଦୀପିକାଙ୍କୁ ବାରମ୍ବାର ଅନୁରୋଧ କରାଯିବାର ଖବର ମଧ୍ୟ ଆସୁଛି। ଏହା ମଧ୍ୟ କୁହାଯାଉଛି ଯେ ଦୀପିକା ନିଜ ଭାଗର ସୁଟିଂକୁ ପୂରା କରିସାରିଲେଣି। ଯଦି ଦୀପିକା ଏଥିରେ ଭେରୋନିକା ଭୂମିକାରେ ପୁଣି ଥରେ ନଜର ଆସିବେ ତେବେ ଫିଲ୍ମର ମଜା ଦୁଇ ଗୁଣ ହୋଇଯିବ ବୋଲି ମତ ଦେଉଛନ୍ତି ଦର୍ଶକମାନେ। ତେବେ ୱର୍କଫ୍ରଣ୍ଟ କଥା କହିଲେ ମ୍ୟାଡକ୍ ଫିଲ୍ମସ୍‌ର ଆଗାମୀ ଫିଲ୍ମ 'ମହାବତାର'ରେ ବିକି କୌଶଳଙ୍କ ସହିତ ମୁଖ୍ୟ ଭୂମିକାରେ ନଜର ଆସିବେ ଦୀପିକା।

# ନର୍ଭସ୍ ଲାଫ୍ଟର୍

ଗମ୍ଭୀର ବା ଚାପପୂର୍ଣ୍ଣ ପରିବେଶରେ ଅଚାନକ ଆପଣଙ୍କୁ ହସ ଲାଗୁଛି କି? ଏହାକୁ କୁହାଯାଏ ନର୍ଭସ୍ ଲାଫ୍ଟର୍। ପରିସ୍ଥିତିକୁ ବଞ୍ଚେଇବା ପାଇଁ ମସ୍ତିଷ୍କର ଏହା ଏକ ତନ୍ତ୍ର। ନର୍ଭସ୍ ଲାଫ୍ଟର ମାନସିକ ଚାପକୁ କମ୍ କରିବା ବା ଭାବନାଗୁଡ଼ିକର ଅତିପ୍ରବାହକୁ ସନ୍ତୁଳିତ କରିବାର ଏକ ଉପାୟ ହୋଇପାରେ। ଆପଣଙ୍କ ସହିତ କେବେ ଏପରି ହୋଇଛି କି। ଆପଣ ମିଟିଂରେ ବସିଥିବେ ଆପଣଙ୍କୁ ବସ୍ ଗାଳିଦେବେ କିମ୍ବା କୌଣସି ଦୁଃଖଦ ପରିବେଶରେ ଆପଣ ଛିଡ଼ା ହୋଇଛନ୍ତି ଓ ଅଚାନକ ଆପଣଙ୍କୁ ହସ ଲାଗିବ। ଓଠକୁ ଦବେଇ କିମ୍ବା ତଳକୁ ମୁଣ୍ଡ କରି ହସ ଅଟକାଇବାକୁ ଚେଷ୍ଟା କରିବେ କିନ୍ତୁ ହସ ଅଟକେଇବା ସମ୍ଭବପର ହୋଇପାରିବ ନାହିଁ। ଏପରି ପରିସ୍ଥିତିରେ ଆପଣଙ୍କୁ ଅପମାନିତ ହେବାକୁ ପଡ଼ିପାରେ। କାରଣ ଅସ୍ତବ୍ୟସ୍ତ ଲାଗିବା କାରଣରୁ ହସ ଲାଗିଥାଏ। ଆମ ମସ୍ତିଷ୍କ ଆମ ସହିତ ଏପରି ଖେଳ ଖେଳିବା ପଛରେ ରହିଛି ବୈଜ୍ଞାନିକ କାରଣ। ମନୋବିଜ୍ଞାନରେ ଏହାକୁ ଅସଂଗତ ଭାବନା ବା ଅନ୍‌କଂଗ୍ରୁଅସ୍ ଇମୋସନ୍ ବୋଲି କୁହାଯାଏ। ଏହା ଏପରି ଏକ ସ୍ଥିତି ଯେଉଁଥିରେ ମନ ଓ ବ୍ୟବହାର ପରସ୍ପର ସହିତ ମେଳ ଖାଏନାହିଁ ଓ ଏପରି ସ୍ଥଳେ ଯେକୌଣସି ସ୍ଥାନରେ ଏହିପରି ଭାବନା ବ୍ୟକ୍ତ କରିବାକୁ ଆମେ ବାଧ୍ୟ ହୋଇଥାନ୍ତି। ନର୍ଭସ୍ ଲାଫ୍ଟର ଏପରି ଏକ ଇମୋସନ୍ ଯାହା ଖୁସି ବା ମଜାଥଟ୍ଟାର ହସ ନୁହେଁ ଶରୀରର ଏକ ଡିଫେନ୍ସ ମେକାନିଜ୍‌ମ। ଯେତେବେଳେ ଆମେ ଅସହଜ, ଭୟ ଓ ଚାପ ମଧ୍ୟରେ ଥାଆନ୍ତି ଆମ ଶରୀର ସେହି ଭାରି ମାନସିକ ଚାପକୁ ରିଲିଜ କରିବା ପାଇଁ ହସର ସାହାରା ନେଇଥାଏ। ଏହି ଅଜବ ପ୍ରକାରର ବ୍ୟବହାର ଉପରେ ବୈଜ୍ଞାନିକ ଦଶକ ଦଶକ ହେଲାଣି ଅଧ୍ୟୟନ ଜାରି ରଖିଛନ୍ତି। ପ୍ରାରମ୍ଭିକ ବିକାଶ ସମୟରେ ହସର ବିକାଶ ଏଥିପାଇଁ ହୋଇଥିଲା ଯେ ଏହା କୌଣସି ବିପଦ ନଥିବାର ସଂକେତ ଦେବ। ଏଥିପାଇଁ ଆଜି ବି ଯେତେବେଳେ ବ୍ୟକ୍ତି ଚାପ କିମ୍ବା ଯନ୍ତ୍ରଣାଦାୟକ ସ୍ଥିତିରେ ଫସିଯାଏ ତା'ର ମସ୍ତିଷ୍କ ସେହି ଭୟ ଓ ଯନ୍ତ୍ରଣାରୁ ଧ୍ୟାନ ହଟାଇବା ପାଇଁ ନିଜକୁ ପଜିଟିଭ ସିଗନାଲ୍ ଦେବାକୁ ଚେଷ୍ଟା କରେ ଓ ହସ ଭାବରେ ଏହା ବାହାରକୁ ବାହାରିଯାଏ।



କିପରି ନିୟନ୍ତ୍ରଣ କରିବେ-ଖରାପ ପରିସ୍ଥିତିରେ ଯେତେବେଳେ ହସ ଲାଗିବ ସେତେବେଳେ ଗଭୀର ଭାବରେ ନିଃଶ୍ୱାସ-ପ୍ରଶ୍ୱାସ ନେବା ଆରମ୍ଭ କରିବେ। ପ୍ରତିଦିନ କିଛି ସମୟ ଯୋଗ ଓ ଧ୍ୟାନ କରନ୍ତୁ। ମନ ସ୍ଥିର ରହିବ। ସଂଗୀତ ଶୁଣିବା ସହିତ ପେଣ୍ଟିଂ ଆଦି ସୃଜନଶୀଳ କାମରେ ନିଜକୁ ବ୍ୟସ୍ତ ରଖନ୍ତୁ। ଅଧିକ ଅସ୍ତବ୍ୟସ୍ତ ଲାଗିଲେ ବା ପ୍ୟାନିକ୍ ଅନୁଭବ କଲେ ଥେରାପିଷ୍ଟଙ୍କ ସହାଯ୍ୟ ନେଇପାରନ୍ତି।

# ମରାଠା ସାମ୍ରାଜ୍ୟର ଶୌର୍ଯ୍ୟଗାଥା





ରିତେଶ ଦେଶମୁଖଙ୍କ ବହୁପ୍ରତୀକ୍ଷିତ ଫିଲ୍ମ 'ରାଜା ଶିବାଜୀ' ମେ'୧ ତାରିଖରେ ବଡ଼ ପରଦାରେ ଦସ୍ତକ ଦେବ। ଫିଲ୍ମଟିକୁ ନେଇ ଦର୍ଶକ ମହଲରେ ରହିଛି ଜବରଦସ୍ତ ଉତ୍ସାହ। ଏଥିରେ ରିତେଶଙ୍କ ସହିତ ନଜର ଆସିବେ ସଞ୍ଜୟ ଦତ୍ତ, ଅଭିଷେକ ବଚ୍ଚନ, ମହେଶ ମଞ୍ଜେରେକର ଓ ଜେନେଲିଆ ଦେଶମୁଖଙ୍କ ପରି କଳାକାରମାନେ। ଏଥିରେ ନୂଆ ଷ୍ଟାର୍‌କିଡ୍ ଭାବରେ ଏଣ୍ଟ୍ରି କରିଛନ୍ତି ରିତେଶଙ୍କ ୧୦ ବର୍ଷର ପୁଅ ରାହିଲ୍। ରାହିଲ୍, ରିତେଶ ଓ ଜେନେଲିଆଙ୍କର ଛୋଟ ପୁଅ ଯିଏ ଏହି ଫିଲ୍ମ ଜରିଆରେ ଅଭିନୟ ଦୁନିଆରେ ପ୍ରବେଶ କରିଛନ୍ତି। ୨୦ ତାରିଖ ଦିନ ଏହାର ଟ୍ରେଲର୍ ରିଲିଜ କରିଦିଆଯାଇଛି ଯେଉଁଥିରେ ପ୍ରାରମ୍ଭିକ ଦୃଶ୍ୟଗୁଡ଼ିକରେ ରାହିଲ୍ ସ୍ୱରାଜ ସମ୍ପର୍କରେ କହୁଛନ୍ତି। ଏହାପରେ କାହାଣୀ ଆଗକୁ ବଢୁଛି ଓ ଛତ୍ରପତି ଶିବାଜୀ ମହାରାଜ ଯୁବକରୁ ବୟସ୍କ ହେବାର ଯାତ୍ରାକୁ ରିତେଶ ପରଦା ଉପରେ ଖୁବ୍ ଜୀବନ୍ତ ଭାବରେ ଦର୍ଶାଇଥିବାର ମନେହେଉଛି। ଜେନେଲିଆ ଏଥିରେ ଶିବାଜୀ ମହାରାଜଙ୍କ ପତ୍ନୀ ସଇବାଈ ଭୂମିକାରେ ନଜର ଆସିବେ। ତେବେ ଏହି ଫିଲ୍ମଟି ଦର୍ଶକମାନଙ୍କୁ ସିଧା ଛତ୍ରପତି ଶିବାଜୀଙ୍କ ଗୌରବଶାଳୀ ଯୁଗକୁ ନେଇଯିବ।



**ଆଜିର ମ୍ୟାଚ୍**

**ଦିଲ୍ଲୀ କ୍ୟାପିଟାଲ୍ସ ବନାମ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ**

**ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଦିଲ୍ଲୀ**

ନିତିଦିନ NITIDIN

# ସିଜନ୍‌ରେ ଗୁଜରାଟର ଚତୁର୍ଥ ବିଜୟ

**ଚେନ୍ନାଇ,୨୬/୪/ଏଜେନ୍ସି:** ଗୁଜରାଟ ଟାଇଟନ୍ସ ରବିବାରର ଅପରାହ୍ଣ ମ୍ୟାଚ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ୮ ୱିକେଟ୍‌ରେ ହରାଇ ଚଳିତ ଆଇପିଏଲ୍ ସିଜନ୍‌ର ଚତୁର୍ଥ ବିଜୟ ହାସଲ କରିଛି। ଗୁଜରାଟ ୮ ମ୍ୟାଚ୍‌ରେ ୪ ବିଜୟ ଏବଂ ୪ ପରାଜୟ ସହ ପଏଣ୍ଟ ଟେବଲ୍‌ର ପଞ୍ଚମ ସ୍ଥାନରେ ପହଞ୍ଚିଛି। ଅନ୍ୟପକ୍ଷରେ ଚେନ୍ନାଇ ୩ ବିଜୟ ଓ ୫ ପରାଜୟ ସହ ଷଷ୍ଠ ସ୍ଥାନରେ ରହିଛି। ରବିବାର ଅପରାହ୍ଣ ସାଢ଼େ ୩ଟାରେ ଚେନ୍ନାଇର ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ପ୍ରଥମେ ବ୍ୟାଟିଂ ପାଇଥିବା ଚେନ୍ନାଇ ୭ ୱିକେଟ୍ ହରାଇ ୧୫୮ ରନ୍ କରିଥିଲା। ଜବାବରେ ଗୁଜରାଟ ୧୬.୪ ଓଭର୍‌ରେ ୨ ୱିକେଟ୍ ବିନିମୟରେ ଲକ୍ଷ୍ୟ ହାସଲ କରିନେଇଛି।

୧୫୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଗୁଜରାଟକୁ ସାଇ ସୁଦର୍ଶନ ଓ କ୍ୟାପ୍ଟେନ୍ ଶୁଭମନ ଗିଲ୍ ଭଲ ଆରମ୍ଭ ଦେଇଥିଲେ। ପ୍ରଥମ ୱିକେଟ୍ ପାଇଁ ୫୮ ରନ୍ ଯୋଡ଼ିବା ପରେ ଗିଲ୍ ୩୩ ରନ୍ କରି ନୁର୍ ଅହମଦଙ୍କ ବଲ୍‌ରେ ୱିକେଟ୍ ପଛରେ କ୍ୟାଚ୍ ଆଉଟ୍ ହୋଇଥିଲେ। ତାଙ୍କ ୨୩ ବଲ୍‌ର ଇନିଂସ୍‌ରେ ଗୋଟିଏ ଚୌକା ଓ ୩ଟି ଛକା ସାମିଲ ଥିଲା। ଏହାପରେ ସାଇ ସୁଦର୍ଶନ ୪୬ ବଲ୍‌ରେ ୪ ଚୌକା ଓ ୭ ଛକା ସହାୟତାରେ ୮୭ ରନ୍ କରି ଅକିଲ୍ ହୁସେନ୍‌ଙ୍କ ବଲ୍‌ରେ ଡେୱାଲ୍ଡ ବ୍ରେଭିସ୍‌ଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଆଉଟ୍ ପୂର୍ବରୁ ସେ ଜୋସ୍ ବଟ୍‌ଲରଙ୍କ ସହ ୬୦ ବଲ୍‌ରେ ୯୭ ରନ୍‌ର ପାର୍ଟନରଶିପ୍ କରିଥିଲେ। ବଟ୍‌ଲର୍ ୩୦ ବଲ୍‌ରେ ୩୯ ରନ୍ କରି ୱାଶିଂଟନ୍ ସୁନ୍ଦର (୧)ଙ୍କ ସହ ଅପରାଜିତ ଫେରିଥିଲେ।

**ଚେନ୍ନାଇକୁ ୮ ୱିକେଟ୍‌ରେ ହରାଇଲା**

**ସାଇ ସୁଦର୍ଶନଙ୍କ ୮୭ ରନ୍, ଗାଏକୱାଡ୍‌ଙ୍କ ଅର୍ଦ୍ଧଶତକ ବେକାର**



ଏହା ପୂର୍ବରୁ ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ୩୭ ରନ୍‌ରେ ୪ଟି ୱିକେଟ୍ ହରାଇଥିଲା। ଓପ୍ନର୍ ସଞ୍ଜୁ ସାମ୍‌ସନ୍ ୧୧ ରନ୍ କରିଥିବା ବେଳେ ଉର୍ବିଲ୍ ପଟେଲ୍ ୪ ରନ୍ କରି କାଗିସୋ ରବାଡ଼ାଙ୍କ ଶିକାର ହୋଇଥିଲେ। ସର୍‌ଫରାଜ୍ ଖାନ୍ ଖାତା ଖୋଲିପାରି ନଥିବା ବେଳେ ଡେୱାଲ୍ଡ ବ୍ରେଭିସ୍ (୨) ଶସ୍ତରେ ଆଉଟ୍ ହୋଇଥିଲେ। ତେବେ ଏହାପରେ କ୍ୟାପ୍ଟେନ୍ ଋତୁରାଜ ଗାଏକ୍‌ୱାଡ୍ ଇନିଂସ୍ ସମ୍ଭାଳି ଟିମ୍‌ର ସ୍କୋର୍ ୧୫୮ ରନ୍‌ରେ ପହଞ୍ଚାଇଥିଲେ। ସେ ୬୦ ବଲ୍‌ରେ ୬ ଚୌକା ଓ ୪ ଛକା ସହାୟତାରେ ୭୪ ରନ୍ କରି ଅପରାଜିତ ରହିଥିଲେ। ଶିଭମ୍ ଦୁବେ ୨୨, କାର୍ତ୍ତିକ ଶର୍ମା ୧୫ ଏବଂ ଜେମି ଓଭର୍‌ଟନ୍ ୧୮ ରନ୍‌ର ଯୋଗଦାନ ଦେଇଥିଲେ। ଗୁଜରାଟ ପକ୍ଷରୁ କାଗିସୋ ରବାଡ଼ା ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ତାଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା। ତାଙ୍କ ବ୍ୟତୀତ ଅର୍ଶଦ୍ ଖାନ୍ ୨ଟି, ମହମ୍ମଦ ସିରାଜ୍ ଓ ମାନବ ସୁଥାର ୧-୧ ସଫଳତା ପାଇଥିଲେ।

## ଦ୍ରୁତ ୫୦୦୦ ରନ୍‌ରେ ସାମ୍‌ସନ୍ ପ୍ରଥମ ଭାରତୀୟ



**ଚେନ୍ନାଇ,୨୬/୪/ଏଜେନ୍ସି:** ଚଳିତ ଆଇପିଏଲ୍ ସିଜନ୍‌ରେ ଚମତ୍କାର ଫର୍ମରେ ଥିବା ଚେନ୍ନାଇ ସୁପର୍ କିଙ୍ଗ୍‌ସ ୱିକେଟ୍‌କିପର୍ ବ୍ୟାଟର୍ ସଞ୍ଜୁ ସାମ୍‌ସନ୍ ରବିବାର ଗୁଜରାଟ ଟାଇଟନ୍ସ ବିପକ୍ଷରେ ୧୧ ରନ୍ କରିବାକୁ ସମର୍ଥ ହୋଇଛନ୍ତି। ଏହା ସତ୍ତ୍ୱେ ସେ ଆଇପିଏଲ୍‌ରେ ବଲ୍ ହିସାବରେ ଦ୍ରୁତତମ ୫୦୦୦ ରନ୍ କରିବାରେ ପ୍ରଥମ ଭାରତୀୟ ଏବଂ ଓଭର୍‌ଅଲ୍ ତୃତୀୟ ବ୍ୟାଟର୍ ହୋଇଛନ୍ତି। ସାମ୍‌ସନ୍ ୩୫୫୫ ବଲ୍‌ରେ ୫୦୦୦ ରନ୍ କରିଛନ୍ତି। ଏହି ଲିଷ୍ଟର ପ୍ରଥମ ସ୍ଥାନରେ ଏବି ଡିଭିଲିୟର୍ସ (୩୨୮୮ ବଲ୍) ଏବଂ ଦ୍ୱିତୀୟ ସ୍ଥାନରେ ଡେଭିଡ୍ ୱାର୍ଣ୍ଣର୍ (୩୫୫୪) ଅଛନ୍ତି। ଭାରତୀୟଙ୍କ ମଧ୍ୟରେ ସଞ୍ଜୁଙ୍କ ପଛରେ ସୁରେଶ ରାଇନା (୩୬୨୦ ବଲ୍), କେଏଲ୍ ରାହୁଲ (୩୬୮୮ ବଲ୍) ଏବଂ ଏମ୍‌ଏସ୍ ଧୋନି (୩୬୯୧ ବଲ୍) ଅଛନ୍ତି।

## ଏନ୍‌ଗିଡି ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ



**ନୂଆଦିଲ୍ଲୀ,୨୬/୪/ଏଜେନ୍ସି:** ଦିଲ୍ଲୀ କ୍ୟାପିଟାଲ୍ସ ଫାଷ୍ଟ ବୋଲର୍ ଲୁଙ୍ଗି ଏନ୍‌ଗିଡିଙ୍କୁ ଶନିବାର ବିଳମ୍ବିତ ରାତିରେ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ କରାଯାଇଛି। ଏନ୍‌ଗିଡ଼ି ଶନିବାର ଦିଲ୍ଲୀରେ ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍ ଅବସରରେ ଆହତ ହୋଇଥିଲେ। ଏକ କ୍ୟାଚ୍ ନେବାକୁ ଲମ୍ଫ ପ୍ରଦାନ କରିବା ବେଳେ ଅନିୟନ୍ତ୍ରିତ ହୋଇ ତଳେ ମୁଣ୍ଡମାଡ଼ି ପଡ଼ିଯାଇଥିଲେ। ଯାଞ୍ଚରେ ତାଙ୍କ ମେରୁଦଣ୍ଡ ଓ ମସ୍ତିଷ୍କରେ କୌଣସି ଗୁରୁତର ଆଘାତ ଲାଗି ନଥିବା ଜଣାଯାଇଛି। ତେବେ ଡାକ୍ତର ତାଙ୍କୁ ବିଶ୍ରାମ କରିବାକୁ ପରାମର୍ଶ ଦେଇଛନ୍ତି।

ଆହତ ହେବାପରେ ଏନ୍‌ଗିଡିଙ୍କୁ ତୁରନ୍ତ ହସ୍ପିଟାଲ୍ ନିଆଯାଇଥିଲା। ସେଠାରେ ନ୍ୟୁରୋସର୍ଜନ୍‌ଙ୍କ ତଦାରଖରେ ତାଙ୍କର ଟେଷ୍ଟ ଏବଂ ସିଟି ସ୍କାନ୍ କରାଯାଇଥିଲା। ଏଥିରୁ ତାଙ୍କ ମେରୁଦଣ୍ଡ ଏବଂ ମୁଣ୍ଡର ଭିତର ଅଂଶରେ ଆଘାତ ନଥିବା ଜଣାପଡ଼ିଛି। କିଛି ଘଣ୍ଟାର ଅବ୍‌ଜରଭେସନ୍ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ହୋଇଥିଲା ଏବଂ ତାଙ୍କୁ ହସ୍‌ପିଟାଲ୍‌ରୁ ଡିସ୍‌ଚାର୍ଜ କରାଯାଇଥିଲା। ସେ ଏବେ ଟିମ୍ ହୋଟେଲ୍‌ରେ ବିଶ୍ରାମ କରୁଛନ୍ତି।

## ଓମ୍ ଆଦିତ୍ୟ ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନ୍



**ଭୁବନେଶ୍ୱର,୨୬/୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ କେଶୁରାସ୍ଥିତ ରୟାଲ୍ ପବ୍ଲିକ୍ ସ୍କୁଲ୍‌ରେ ରବିବାର ଓଡ଼ିଶା ରାଜ୍ୟ ଚେସ୍ ସଂଘ ଏବଂ ଭୁବନେଶ୍ୱରର ଏସ୍‌ଡିଏମ୍ ସଫ୍ଟୱେର୍ ସଲ୍ୟୁସନ୍ ପକ୍ଷରୁ ମିଳିତ ଭାବେ ୫ମ ଶ୍ୟାମଳୀ ଦେ ସ୍ମାରକୀ ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନ୍‌ଶିପ୍ ଅନୁଷ୍ଠିତ ହୋଇଯାଇଛି। ପାଞ୍ଚ ରାଉଣ୍ଡର ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱରର ଓମ୍ ଆଦିତ୍ୟ ଖାଡ଼ଙ୍ଗା (୪.୫) ଚାମ୍ପିଅନ୍‌ଶିପ୍ ଏବଂ ଟପ୍ ସିଡ୍ ଯାଜପୁରର ସଞ୍ଜୀବନ ନାୟକ (୪.୫) ରନର୍ସଅପ୍ ହୋଇଛନ୍ତି। ଭୁବନେଶ୍ୱରର ନଟବର ଦାସ (୩.୫) ତୃତୀୟ ସ୍ଥାନ ହାସଲ କରିଛନ୍ତି। ମହିଳା ବିଭାଗରେ ସ୍ମିତପ୍ରଜ୍ଞା ପଟ୍ଟନାୟକ ପ୍ରଥମ ହୋଇଛନ୍ତି। ସେହିପରି ବୟସ ବର୍ଗରେ ଓମ୍ ଶତପଥୀ (୧୩ ବର୍ଷରୁ କମ୍) ଏବଂ ତତ୍ତ୍ୱ ତରୁଣ ମହାପାତ୍ର (୧୧ ବର୍ଷରୁ କମ୍) ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

ଚାମ୍ପିଅନ୍‌ଶିପ୍‌କୁ ଏସ୍‌ଡିଏମ୍ ସଫ୍ଟୱେର୍ ସଲ୍ୟୁସନ୍‌ର ଏମ୍‌ଡି ଡ. ଦୀପରେଖା ଦେ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ରୟାଲ୍ ପବ୍ଲିକ୍ ସ୍କୁଲ୍ ପ୍ରିନ୍ସିପାଲ୍ ସର୍ବେଶ୍ୱର ସାମଲ, ରସୁଲଗଡ଼ ଏସ୍‌ବିଆଇ ଅଡିସ୍ ଅଫିସ୍ ମ୍ୟାନେଜର ପ୍ରକାଶ ଚନ୍ଦ୍ର ବେହେରା, ଟୁର୍ଣ୍ଣାମେଣ୍ଟ ତଥା ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ସ୍ୱର୍ଗତ ଶ୍ୟାମଳୀ ଦେଙ୍କ ପୁତ୍ର ମାନବେଶ ଦେ ଅତିଥି ଭାବେ ଉପସ୍ଥିତ ଥିଲେ।

# ସୁପର୍ ଓଭର୍‌ରେ ଜିତିଲା କୋଲ୍‌କାତା

**ଲକ୍ଷ୍ନୌ,୨୬/୪/ଏଜେନ୍ସି:** ଚଳିତ ଆଇପିଏଲ୍‌ର ପ୍ରଥମ ସୁପର୍ ଓଭର୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ ବିଜୟୀ ହୋଇଛି। ସ୍ଥାନୀୟ ଇକାନା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ କୋଲ୍‌କାତା ପ୍ରଥମେ ୭ ୱିକେଟ୍‌ରେ ୧୫୫ ରନ୍ କରିଥିଲା। ଜବାବରେ ଲକ୍ଷ୍ନୌ ୮ ୱିକେଟ୍ ବିନିମୟରେ ସମାନ ୧୫୫ ରନ୍ କରିଥିଲା। କାର୍ତ୍ତିକ ତ୍ୟାଗୀଙ୍କ ଶେଷ ବଲ୍‌ରେ ଛକା ମାରି ମହମ୍ମଦ ଶମୀ ମ୍ୟାଚ୍ ଟାଇ କରିଥିଲେ। ସୁପର୍ ଓଭର୍‌ରେ କୋଲ୍‌କାତା ପକ୍ଷରୁ ସୁନିଲ୍ ନାରାୟଣ ଚମତ୍କାର ବୋଲିଂ କରି ଲକ୍ଷ୍ନୌକୁ ମାତ୍ର ୧ ରନ୍‌ରେ ରୋକି ଦେଇଥିଲେ। ସେ ନିକୋଲାସ୍ ପୂରଣଙ୍କୁ ବୋଲ୍ଡ କରିଥିବା ବେଳେ ୩ୟ ବଲ୍‌ରେ ଏଡେନ୍ ମାର୍କରମ୍‌ଙ୍କୁ ରିଙ୍କୁ ସିଂହଙ୍କ ହାତରେ କ୍ୟାଚ୍ କରାଇଥିଲେ। ଜବାବରେ ପ୍ରିନ୍ସ ଯାଦବଙ୍କ ପ୍ରଥମ ବଲ୍‌ରେ ରିଙ୍କୁ ଚୌକା ମାରି ଟିମ୍‌କୁ ଚଳିତ ସିଜନ୍‌ର ପ୍ରଥମ ସୁପର୍ ଓଭର୍‌ରେ ବିଜୟୀ କରାଇଥିଲେ।

ପ୍ରଥମେ ବ୍ୟାଟିଂ ପାଇଥିବା କୋଲ୍‌କାତାର ଆରମ୍ଭ ବହୁ ଖରାପ ଥିଲା ଏବଂ ଟିମ୍ ୯୩ ରନ୍‌ରେ ୭ ୱିକେଟ୍ ହରାଇଥିଲା। ଏହାପରେ ରିଙ୍କୁ ସିଂହ ଇନିଂସ୍ ସମ୍ଭାଳି ୫୧ ବଲ୍‌ରେ ୮୩ ରନ୍ କରିଥିଲେ। ଏହା ତାଙ୍କ ଆଇପିଏଲ୍ କ୍ୟାରିୟର୍‌ର ସବୁଠୁ ବଡ଼ ଇନିଂସ୍। ତାଙ୍କ ଇନିଂସ୍‌ରେ ୭ ଚୌକା ଓ ୫ ଛକା ସାମିଲ ଥିଲା। ଅନ୍ତିମ ଓଭର୍‌ରେ ସେ ଚାରିଟି ଛକା ମାରିଥିଲେ। କାମେରନ୍ ଗ୍ରୀନ୍ ୩୪ ରନ୍‌ର ଯୋଗଦାନ ଦେଇଥିଲେ। ଲକ୍ଷ୍ନୌ ପକ୍ଷରୁ ମୋହସିନ୍ ଖାନ୍ ୫ ୱିକେଟ୍ ଅକ୍ତିଆର କରିଥିଲେ। ସେ ଗ୍ରୀନ୍, ଅନୁକୂଳ ରାୟ, ରୋଭମାନ୍ ପାୱେଲ୍, ଟିମ୍ ସିଫର୍ଟ ଏବଂ ଆଜଙ୍କ୍ୟ ରାହାଣେଙ୍କୁ ଆଉଟ୍ କରିଥିଲେ।

ଜବାବରେ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ୱିକେଟ୍ ହରାଇ ୧୫୫ ରନ୍ କରିଥିଲା। ଟିମ୍ ପକ୍ଷରୁ କ୍ୟାପ୍ଟେନ୍ ଋଷଭ ପନ୍ତ ସର୍ବାଧିକ ୪୨ ରନ୍ କରିଥିଲେ। ଏଡେନ୍ ମାର୍କରମ୍ ୩୧, ଆୟୁଷ ବଡ଼ୋନୀ ୨୪, ହିମତ୍ ସିଂହ ୧୯ ରନ୍ କରି ଆଉଟ୍ ହୋଇଥିଲେ। ଶେଷ ଓଭର୍‌ରେ ଲକ୍ଷ୍ନୌକୁ ବିଜୟ ପାଇଁ ୧୭ ରନ୍‌ର ଆବଶ୍ୟକତା ଥିବାବେଳେ କାର୍ତ୍ତିକ ତ୍ୟାଗୀଙ୍କ ଶେଷ ବଲ୍‌ରେ ଛକା ମାରି ମହମ୍ମଦ ଶମୀ ମ୍ୟାଚ୍ ଟାଇ କରିଥିଲେ।



**ସୁପର୍ ଓଭର୍‌ରେ ମାତ୍ର ୧ ରନ୍ କଲା ଲକ୍ଷ୍ନୌ**

**ପୂରନ୍ ଓ ଏଡେନ୍‌ଙ୍କୁ ଆଉଟ୍ କଲେ ସୁନିଲ୍ ନାରାୟଣ**

**ଚୌକା ମାରି ଜିତାଇଲେ ରିଙ୍କୁ ସିଂହ**

## ଉବର୍ କପ୍: ୟୁକ୍ରେନ୍‌କୁ ୪-୧ରେ ହରାଇଲା ଭାରତ

**ନୂଆଦିଲ୍ଲୀ,୨୬/୪/ଏଜେନ୍ସି:** ଡେନ୍‌ମାର୍କର ହୋର୍ସେନ୍ସରେ ଖେଳାଯାଉଥିବା ଉବର୍ କପ୍‌ରେ ଭାରତ ମହିଳା ଟିମ୍ ନିଜ କ୍ୱାର୍ଟର୍ ଫାଇନାଲ୍ ଆଶା ଉଜ୍ଜୀବିତ ରଖିଛି। ଗ୍ରୁପ୍-ଏ'ରେ ଭାରତ ନିଜ ଦ୍ୱିତୀୟ ମ୍ୟାଚ୍‌ରେ ୟୁକ୍ରେନ୍‌କୁ ୪-୧ରେ ଶୋଚନୀୟ ଭାବେ ହରାଇ ଦେଇଛି। ପ୍ରଥମ ମ୍ୟାଚ୍‌ରେ ଆୟୋଜକ ଡେନ୍‌ମାର୍କ ଠାରୁ ୨-୩ରେ ହାରିବା ପରେ ଭାରତୀୟ ଖେଳାଳି ଜୋରଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ବିଜୟ ସହିତ ଭାରତ ସୋମବାର ଡିଫେଣ୍ଡିଂ ଚାମ୍ପିଅନ୍ ଚୀନ୍‌କୁ ଭେଟିବ, ଯାହା କ୍ୱାର୍ଟର୍ ଫାଇନାଲ୍ ରାସ୍ତା ସ୍ଥିର କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ। ଭାରତ ପକ୍ଷରୁ ପ୍ରଥମ ସିଙ୍ଗଲ୍ସରେ ଉନ୍ନତି ହୁଡା ଚମତ୍କାର ପ୍ରଦର୍ଶନ କରି ୟୁକ୍ରେନ୍‌ର ପୋଲିନା ବୁହରୋଭାଙ୍କୁ ୨୧-୧୯, ୨୨-୨୦ ସିଧା ଗେମ୍‌ରେ ମାତ୍ ଦେଇ ଭାରତକୁ ୧-୦ରେ ଆଗୁଆ କରିଥିଲେ। ଏହାପରେ ଜୁନିୟର୍ ବିଶ୍ୱ ଚାମ୍ପିଅନ୍‌ଶିପ୍ ରୌପ୍ୟ ପଦକ ବିଜେତା ତନ୍‌ଭୀ ଶର୍ମା ୟେଭ୍‌ହେନିଆ କାଣ୍ଟେମିର୍‌ଙ୍କୁ ସଂଘର୍ଷପୂର୍ଣ୍ଣ ତିନି ଗେମ୍‌ରେ ମ୍ୟାଚ୍‌ରେ ୨୧-୧୨, ୧୭-୨୧, ୨୧-୧୦ରେ ହରାଇ ସ୍କୋର୍ ୨-୦ କରିଥିଲେ। ପିଭି ସିନ୍ଧୁଙ୍କ ସ୍ଥାନରେ ଏହି ମ୍ୟାଚ୍ ଖେଳୁଥିବା ଥାଇଲାଣ୍ଡ ମାଷ୍ଟର୍ସ ଚାମ୍ପିଅନ୍ ଦେବିକା ସିହାଗ୍ ତୃତୀୟ ସିଙ୍ଗଲ୍ସରେ ମାରିୟା ଷ୍ଟୋଲିୟାରେଙ୍କୋଙ୍କୁ ୩୧-୨୧, ୨୧-୧୩ରେ ହରାଇ ଭାରତର ବିଜୟ ପକ୍କା କରିଥିଲେ। ଏହି ବିଜୟ ଫଳରେ ଭାରତ ମ୍ୟାଚ୍‌ରେ ୩-୦ର ଅଜେୟ ଅଗ୍ରଣୀ ଲାଭ କରିଥିଲା। ଭାରତକୁ ଏକମାତ୍ର ପରାଜୟ ମହିଳା ଡବଲ୍ସରେ ମିଳିଥିଲା। କବିପ୍ରିୟା ସେଲ୍‌ଭମ୍ ଓ ସିମ୍ରନ୍ ସିଦ୍ଧିଙ୍କ ଯୋଡ଼ି ୟୁକ୍ରେନ୍‌ର ବୁହରୋଭା ଓ କାଣ୍ଟେମିର୍‌ଙ୍କ ଯୋଡ଼ି ଠାରୁ ୧୧-୨୧, ୧୭-୨୧ରେ ପରାଜିତ ହୋଇଥିଲା। ତେବେ ଅନ୍ତିମ ମ୍ୟାଚ୍‌ରେ ପିଭି ସିନ୍ଧୁ ଓ ତନୀଷା କ୍ରାଷ୍ଟୋଙ୍କ ଯୋଡ଼ି ସୋଫିଆ ଲାଭରୋଭା ଓ ଷ୍ଟୋଲିଆରେଙ୍କୋଙ୍କୁ ୨୧-୧୮, ୨୧-୧୫ରେ ହରାଇ ସ୍କୋର୍‌ଲାଇନ୍ ୪-୧ କରିଥିଲେ।



**ମାରାଥନ୍ ଇତିହାସରେ ପ୍ରଥମ**

## ଦୁଇ ଘଣ୍ଟାର ରେକର୍ଡ ଭାଙ୍ଗିଲେ ସେବାଷ୍ଟିଆନ୍ ସାୱେ



**ଲଣ୍ଡନ,୨୬/୪/ଏଜେନ୍ସି:** କେନିଆର ସେବାଷ୍ଟିଆନ୍ ସାୱେ ରବିବାର ଲଣ୍ଡନ ମାରାଥନ୍ ୨୦୨୬ରେ ଇତିହାସ ରଚିଛନ୍ତି। ଏହି ମାରାଥନ୍ ପୂରା କରିବାକୁ ସେ ୧ ଘଣ୍ଟା ୫୯ ମିନିଟ୍ ଓ ୩୦ ସେକେଣ୍ଡ ସମୟ ନେଇଛନ୍ତି। ଏହା ଦୁଇଘଣ୍ଟାରୁ କମ୍ ସମୟରେ ମାରାଥନ୍ ପୂରା କରିବା ପରେ ପ୍ରଥମ ପୁରୁଷ ଆଥ୍‌ଲେଟ୍ ହୋଇଛନ୍ତି। ୩୧ ବର୍ଷୀୟ ସାୱେ ୨:୦୦:୩୫ର ଗତ ବିଶ୍ୱ ରେକର୍ଡ ମଧ୍ୟ ଭଙ୍ଗ କରିଛନ୍ତି। ଏହି ରେକର୍ଡ ଦିବଂଗତ କେଲ୍‌ଭିନ୍ କିପ୍‌ଟମ୍ ୨୦୨୩ ଶିକାଗୋ ମାରାଥନ୍‌ରେ ସ୍ଥାପନ କରିଥିଲେ। ଇଥିଓପିଆର ୟୋମିଫ୍ କେଜେଲ୍‌ଚା ୧:୫୯:୪୧ ସମୟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ମଧ୍ୟ ଦୁଇଘଣ୍ଟାରୁ କମ୍ ସମୟରେ ରେସ୍ ପୂରା କରିବାରେ ସଫଳ ହୋଇଛନ୍ତି। ଉଗାଣ୍ଡାର ଜ୍ୟାକବ୍ କିପ୍ଲିମୋ (୨:୦୦:୨୮) ବ୍ରୋଞ୍ଜ୍ ପଦକ ଜିତିଛନ୍ତି। କେନିଆର ଏଲିଉଡ୍ କିପ୍‌ଚୋଗେ ଅକ୍ଟୋବର ୨୦୧୯ରେ ୧:୫୯:୪୦ ସମୟ ନେଇ ରେସ୍ ପୂରା କରିବା ସହ ଦୁଇଘଣ୍ଟାରୁ କମ୍‌ରେ ମାରାଥନ୍ ପୂରା କରିବାରେ ପ୍ରଥମ ବ୍ୟକ୍ତି ହୋଇଥିଲେ। କିନ୍ତୁ ଏହି ସମୟକୁ ବିଶ୍ୱ ରେକର୍ଡ ଭାବେ ଅନୁମୋଦନ କରାଯାଇ ନଥିଲା। କାରଣ ସେ ସ୍ୱତନ୍ତ୍ର ଜୋତା ପିନ୍ଧି ଦୌଡ଼ିଥିଲେ, ଗତି ଏବଂ ତରଳ ପଦାର୍ଥ ପାଇଁ ମାନକ ପ୍ରତିଯୋଗିତା ନିୟମ ପାଳନ କରାଯାଇ ନଥିଲା। ଏହା ସହିତ ଏହା ଏକ ଓପନ୍ ଇଭେଣ୍ଟ ନଥିଲା। ତେବେ ସାୱେ ରବିବାରର ଲଣ୍ଡନ ମାରାଥନ୍‌ରେ ୧୦୦ ଗ୍ରାମ୍‌ରୁ କମ୍ ଓଜନର ଆଡିଡାସ୍‌ର ନୂତନ ପ୍ରୋ ଇଭୋ ୩ ସୁପରସୁ ପିନ୍ଧିଥିଲେ। ରବିବାର ମାରାଥନ୍‌ର ମହିଳା ବିଭାଗରେ ଇଥିଓପିଆର ଟିଗଷ୍ଟ ଅସେଫା (୨:୧୫:୪୧) ନିଜ ବିଶ୍ୱ ରେକର୍ଡ ଭଙ୍ଗ କରି ପ୍ରଥମ ହୋଇଛନ୍ତି। ସେ ଗତବର୍ଷ ଲଣ୍ଡନ ମାରାଥନ୍‌କୁ ୨:୧୫:୫୦ ସମୟ ସହ ରେକର୍ଡ ସ୍ଥାପନ କରିଥିଲେ। କେନିଆର ହେଲେନ୍ ଓବିରୀ ଏବଂ ଜୟସିଲିନ୍ ଜେପ୍‌କୋସଗେଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

## ବ୍ୟାଡ୍‌ମିଣ୍ଟନ୍ ସ୍କୋରିଂ ସିଷ୍ଟମ୍‌ରେ ବଡ଼ ପରିବର୍ତ୍ତନ

**ନୂଆଦିଲ୍ଲୀ,୨୬/୪/ଏଜେନ୍ସି:** ବ୍ୟାଡ୍‌ମିଣ୍ଟନ୍ ମ୍ୟାଚ୍ ଏବେ ୨୧ଡଖ ନୁହେଁ, ବରଂ ୧୫ଡଖ ସ୍କୋରିଂ ସିଷ୍ଟମ୍‌ରେ ଖେଳାଯିବ। ମ୍ୟାଚ୍ ଏବେ ୨୧-୨୧ର ତିନି ଗେମ୍ ସ୍ଥାନରେ ୧୫-୧୫ର ତିନି ଗେମ୍‌ର ହେବ। ଏହି ନୂଆ ସ୍କୋରିଂ ସିଷ୍ଟମ୍‌କୁ ଶନିବାର ଡେନ୍‌ମାର୍କର ହୋର୍ସେନ୍ସରେ ଅନୁଷ୍ଠିତ ବ୍ୟାଡ୍‌ମିଣ୍ଟନ୍ ବିଶ୍ୱ ମହାସଂଘ (ବିଡବ୍ଲ୍ୟୁଏଫ୍)ର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ବହୁମତରେ ମଞ୍ଜୁରୀ ମିଳିଛି। ବୈଠକରେ ଉପସ୍ଥାପିତ ପ୍ରସ୍ତାବକୁ ୧୯୮-୪୩ ଭୋଟ୍‌ରେ ପାରିତ କରାଯାଇଛି। ନୂଆ ସିଷ୍ଟମ୍ ୨୦୨୭ ଜାନୁଆରୀ ୪ ତାରିଖରୁ ଲାଗୁ କରାଯିବ। ଖେଳରେ କରାଯାଇଥିବା ପ୍ରମୁଖ ପରିବର୍ତ୍ତନ ମଧ୍ୟରେ ୬୦ ସେକେଣ୍ଡର ମିଡ୍‌ଗେମ୍ ବ୍ରେକ୍ ଏକାଦଶ ପରିବର୍ତ୍ତେ ୮ମ ପଏଣ୍ଟରେ ହେବ। ଦୁଇ ଗେମ୍ ମଧ୍ୟରେ ବ୍ରେକ୍‌ର ଅବଧି ୧୨୦ ସେକେଣ୍ଡ ରଖାଯିବ। ୧୫ ପଏଣ୍ଟରେ ପହଞ୍ଚ ଖେଳାଳିଙ୍କୁ ଦୁଇ ପଏଣ୍ଟର ବ୍ୟବଧାନ କରିବାକୁ ହେବ।



**ଏବେ ୧୫-୧୫ର ତିନି ଗେମ୍ ଖେଳାଯିବ**

**୨୦୨୭ ଜାନୁଆରୀ ୪ରୁ ହେବ ଲାଗୁ**

ବିଡବ୍ଲ୍ୟୁଏଫ୍‌ର ଯୁକ୍ତି ହେଉଛି, ନୂଆ ସିଷ୍ଟମ୍ ଫଳରେ ଖେଳରେ ଶୀଘ୍ର ହାଇ ପ୍ରେସର୍ ମୁଭ୍‌ମେଣ୍ଟ ଆସିବା ସହିତ ରୋମାଞ୍ଚ ବୃଦ୍ଧି ପାଇବ। ବ୍ୟାଡ୍‌ମିଣ୍ଟନ୍‌ରେ ବର୍ତ୍ତମାନର ୨୧ ପଏଣ୍ଟ ଫର୍ମାଟ୍ ୨୦୦୬ରେ ଲାଗୁ କରାଯାଇଥିଲା। ଏହି ଫର୍ମାଟ୍‌ରେ ମ୍ୟାଚ୍ ଲଗାତାର ୪୫ ମିନିଟ୍‌ରୁ ୧୦୦ ମିନିଟ୍ ପର୍ଯ୍ୟନ୍ତ ଚାଲିଯାଉଥିଲା, ଯାହାକୁ ନେଇ ବ୍ରଡ୍‌କାଷ୍ଟର୍ ନାରାଜ ଥିଲେ। ସମସ୍ତ ପାଞ୍ଚ ଇଭେଣ୍ଟ (ପୁରୁଷ ଓ ମହିଳା ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସ ଡବଲ୍ସ) ମ୍ୟାଚ୍ ତିନିଘଣ୍ଟା ମଧ୍ୟରେ ଶେଷ ହେବା ଉଚିତ ବୋଲି ସେମାନେ ଚାହୁଁଥିଲେ। ବିଡବ୍ଲ୍ୟୁଏଫ୍ ଅଧ୍ୟକ୍ଷ ଖୁନୟିଙ୍ଗ୍ ପଟାମା ଲିସ୍ୱାଡ୍‌ଟ୍ରାକୁଲ୍ କହିଛନ୍ତି, ଏହି ନିଷ୍ପତ୍ତି ବ୍ୟାଡ୍‌ମିଣ୍ଟନ୍‌ର ଭବିଷ୍ୟତ ପାଇଁ ଏକ ପ୍ରମୁଖ ମାଇଲଖୁଣ୍ଟ ହେବ।

ବିଶ୍ୱ ସଂସ୍ଥାର ଏକ ବୟାନରେ କୁହାଯାଇଛି, ଏହି ନିଷ୍ପତ୍ତି ଦୀର୍ଘ ସମୟ ଧରି ଚାଲିଥିବା ଟେଷ୍ଟିଂ, ବିଶ୍ଳେଷଣ ଏବଂ ସଦସ୍ୟ ତଥା ହିତଧାରକଙ୍କ ସହ ବିଚାର ଆଲୋଚନା ପ୍ରକ୍ରିୟା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ଖେଳାଳିଙ୍କ ଉନ୍ନତି ସହ ସେମାନଙ୍କୁ ଦୀର୍ଘ ଏବଂ ସଫଳ କ୍ୟାରିୟର୍ କରିବାରେ ସହାୟତା ଦେବାର ପ୍ରତିବଦ୍ଧତା ଦ୍ୱାରା ପ୍ରେରିତ।



# ଆତଙ୍କୀ ଆକ୍ରମଣରେ ମାଲି ପ୍ରତିରକ୍ଷା ମନ୍ତ୍ରୀଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୨୬/୪/ଏଜେନ୍ସି:** ମାଲିରେ ଗତକାଲି ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଦେଶର ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ୍ ସାଦିୟୋ କାମାରାଙ୍କ ମୃତ୍ୟୁ ହୋଇଛି। ସେଠାକାର ସୈନ୍ୟ ସୂତ୍ର ଏହା ସ୍ପଷ୍ଟ କରିଥିବା ଅଲ୍ ଜଜିରା ରିପୋର୍ଟ କୁହାଯାଇଛି। ଜେନେରାଲ୍ କାମାରାଙ୍କ ମୃତ୍ୟୁ ବର୍ତ୍ତମାନର ସୈନ୍ୟ ସରକାର ପାଇଁ ବଡ଼ ଝଟ୍‌କା ରୂପେ ଦେଖାଯାଉଛି। ଦିନକ ପୂର୍ବେ କାତିସ୍ଥିତ ତାଙ୍କ ବାସଭବନକୁ ଟାର୍ଗେଟ୍ କରାଯାଇଥିଲା। କାତି ଏକ ମହତ୍ତ୍ୱପୂର୍ଣ୍ଣ ସେନ୍ୟ ଛାଉଣୀ ବିଶିଷ୍ଟ ସହର। ଅଲ୍-କାଏଦା ସହ ସମ୍ପୃକ୍ତ ଏକ ଗୋଷ୍ଠୀ ଏବଂ ତୁଆରେଗ୍ ବିଦ୍ରୋହୀମାନେ ମିଶି ଦେଶର କେତେକ ସୈନ୍ୟ ଠିକଣା ଉପରେ ଏକସଙ୍ଗେ ଆକ୍ରମଣ କରିଥିଲେ। ଜେନେରାଲ୍ ସାଦିୟୋ କାମାରା ମାଲିର ସେନ୍ୟ ସରକାରର ସବୁଠୁ ପ୍ରଭାବଶାଳୀ ସ୍ତମ୍ଭ ଥିଲେ। ସେ ୨୦୨୦ ଏବଂ ୨୦୨୧ରେ ସୈନ୍ୟ ବିଦ୍ରୋହ ଜରିଆରେ କ୍ଷମତା ହାସଲ କରିଥିଲେ। କାମାରା କେବଳ ଜଣେ ଶକ୍ତିଶାଳୀ ମନ୍ତ୍ରୀ ନଥିଲେ, ବରଂ ତାଙ୍କୁ ଭବିଷ୍ୟତର ସମ୍ଭାବିତ ରାଷ୍ଟ୍ରପତି ଭାବେ ମଧ୍ୟ ଦେଖାଯାଉଥିଲା। ଅଲ୍ ଜଜିରା ରିପୋର୍ଟ ଅନୁସାରେ ତାଙ୍କ ମୃତ୍ୟୁ ଦେଶର ସେନାବାହିନୀ ପାଇଁ ଏକ ବଡ଼ ଆଘାତ। ମାଲିର ସବୁଠୁ ସୁରକ୍ଷିତ ଅଞ୍ଚଳ ଭାବେ ଜଣାଶୁଣା କାତିରେ ଏହି ଆକ୍ରମଣ ସମସ୍ତଙ୍କୁ ଚକିତ କରିଦେଇଛି। ଆତଙ୍କବାଦୀ କାମାରାଙ୍କ ଘର ଉପରେ ଆତ୍ମଘାତୀ କାର୍ ବୋମାର ବ୍ୟବହାର କରିଥିଲେ। ଏହା ରାଜଧାନୀ ବମାକୋଠାରୁ ମାତ୍ର ୧୫ କିଲୋମିଟର ଦୂରରେ ଅବସ୍ଥିତ। ଏହି ସହରରେ ଅନ୍ତରୀଣ ରାଷ୍ଟ୍ରପତି ସିମି ଗୋଇତା ମଧ୍ୟ ମଧ୍ୟ ରହିଥାନ୍ତି। ତେବେ ଆଶ୍ୱସ୍ତିର ବିଷୟ ଆକ୍ରମଣର ତୁରନ୍ତ ପରେ ରାଷ୍ଟ୍ରପତିଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ସେନାର ଦାୟିତ୍ୱ ସମ୍ଭାଳୁଛନ୍ତି।



## ପାକିସ୍ତାନରେ ଇରାନ ବିଦେଶ ମନ୍ତ୍ରୀ

**ତେହରାନ୍,ଇସ୍ଲାମାବାଦ,୨୬/୪/ଏଜେନ୍ସି:** ଇରାନ୍ ବିଦେଶ ମନ୍ତ୍ରୀ ଅବାସ୍ ଅରାଗଚି ପୁଣିଥରେ ପାକିସ୍ତାନ ଗସ୍ତରେ ଆସି ଆଜି ରାଜଧାନୀ ଇସ୍ଲାମାବାଦରେ ପହଞ୍ଚିଛନ୍ତି। ଏହା ଦୁଇଦିନରେ ତାଙ୍କର ଦ୍ୱିତୀୟ ପାକିସ୍ତାନ ଗସ୍ତ। ଏହି ଅବସରରେ ସେ ପାକିସ୍ତାନ ନେତାଙ୍କୁ ଭେଟିବେ। ଇସ୍ଲାମାବାଦରେ କିଛି ସମୟ ଅଟକିବା ପରେ ସେ ରୁଷ ଅଭିମୁଖେ ଯାତ୍ରା କରିବେ। ଏହା ପୂର୍ବରୁ ଶନିବାର ସେ ଇସ୍ଲାମାବାଦରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଏବଂ ସେନା ମୁଖ୍ୟ ଆସିମ୍ ମୁନୀର୍‌ଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ସେ ଇରାନ୍‌ର ସର୍ତ୍ତ ଏବଂ ଆମେରିକାର ଦାବି ଉପରେ ନିଜର ପ୍ରତିକ୍ରିୟା ପାକିସ୍ତାନକୁ ପ୍ରଦାନ କରିଥିଲେ। ଇରାନ ସ୍ପଷ୍ଟ କରିଛି, ଆମେରିକା ସହିତ ସିଧା କଥାବାର୍ତ୍ତା କରିବନାହିଁ ଏବଂ ନିଜ କଥା ପାକିସ୍ତାନ ଜରିଆରେ ହିଁ ପହଞ୍ଚାଇବ। ଏହାପରେ ଶନିବାର ସନ୍ଧ୍ୟାରେ ଅରାଗଚି ଓମାନ୍ ଅଭିମୁଖେ ଯାତ୍ରା କରିଥିଲେ। ଆଜି ସେ ଓମାନ୍ ସୁଲ୍‌ତାନ୍ ତାରିକ୍ ବିନ୍ ହାଥମ୍‌ଙ୍କୁ ଭେଟି ଯୁଦ୍ଧ ଏବଂ ଶାନ୍ତି ପ୍ରତିଷ୍ଠାକୁ ନେଇ ଆଲୋଚନା କରିଥିଲେ।

**ଦୁଇ ଦିନରେ ଦ୍ୱିତୀୟ ଗସ୍ତ**

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra